ଓଡିଶାର ପ୍ରଥମ ଏବଂ ଏକମାତ୍ର
ସଂପୂର୍ଣ୍ଣ ଓଡିଆ ଇ-ପତ୍ରିକା

# ଆହ୍ୱାନ

Volume 1, Issue: 12
January, 2007

ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ

ଡ ଜ୍ୟୋତି ପ୍ରସାଦ ପଟନାୟକ
ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ: ୯୨୩୮୬୮୫୬୯୮






## ଏଥରର ସଂଖ୍ୟାରେ ଅଛି:


| | | | |
|---|---|---|---|
| ଶ୍ରୀ ମନ୍ଦିରରେ ପହିଲି ଭୋଗ | ୨ | ଏସ୍ଏମ୍ଏସ୍‌ରେ ଛୁଟି ଦରଖାସ୍ତ | ୧୧ |
| ବୈଦହୀସ ବିଳାଶ ବ୍ୟାଖ୍ୟା | ୪ | ବର୍ଷ ୨୦୦୬ ହିସାବ ନିକାଶ | ୧୩ |
| ହସି ହସି ଜନମ ଓ ମରଣ | ୫ | ଫାଶିରେ ସଦ୍ଦାମ ହୁସେନ୍ | ୨୩ |
| କବିତା ପୃଷ୍ଠା | ୬ | ଲୁପ୍ତପ୍ରାୟ ପ୍ରହ୍ଲାଦ ନାଟକ | ୨୬ |
| କୀର୍ତ୍ତିଯସ୍ୟ ସ ଜୀବତି | ୮ | ୨୦୦୬ରେ ଶ୍ରୀ ମନ୍ଦିର | ୨୯ |
| ମାଙ୍କଡ ମାନଙ୍କ ନବବର୍ଷ ପାଳନ | ୯ | ସ୍ମୃତି ୨୦୦୬ | ୩୦ |
| ନକଲ ସିନେମା | ୧୦ | ଭାରତ ପାଇଁ ୨୦୦୬ | ୩୨ |
| ତ୍ରିକାଳଦର୍ଶୀ | ୧୧ | ଓଡିଶା ପାଇଁ ୨୦୦୬ | ୩୮ |


Printed and Published on 6th January, 2007, Under direct supervision of Dr Jyoti Prasad Pattnaik, Editor, Aahwaan.

ଦୀର୍ଘ ଏକବର୍ଷର ସାଧନା, ନିଜକୁ ଜନଗହଳିରୁ ଅଲଗା ରଖି ଦେଖିବାର ଚେଷ୍ଟା, ଯାହା ପାଇଛି ତାର ପ୍ରତିଦାନ ଦେବାପାଇଁ ଦୁର୍ବାର କାମନା, ଆହ୍ୱାନର ଦ୍ୱାଦଶ ଅଙ୍କ ସମର୍ପଣ କରିବା ବେଳେ ଆମର ଏହି ଅନୁଚିନ୍ତା। ଏହି ସଂଖ୍ୟା ସହିତ ମୁଁ ଅନୁଭବ କରୁଛି ଦୀର୍ଘ ଏକବର୍ଷର ଅନବରତ ଚେଷ୍ଟା ପ୍ରଚେଷ୍ଟାର ସୁଫଳ। ଯାହା ଚାହିଁଥିଲି, ତାହା ପାଇଛି, ଯାହା ଚାହୁଁଛି ତାହା ମିଳିବାକୁ ବିଳମ୍ବ ହୋଇପାରେ କିନ୍ତୁ ପାଇବି ନିଶ୍ଚୟ। ବିଶ୍ୱପରିବାରରେ ନିଜର ନିଜତ୍ୱ, ନିଜସ୍ୱ ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ଏକ ଅନନ୍ୟ ପ୍ରତିଷ୍ଠା ଦିଆଇବା ଦିଗରେ ନେଇଥିବା ମୋ ପଦକ୍ଷେପ ଆଜି ବର୍ଷକର ଶିଶୁ। ଛୋଟ ଶିଶୁଟିଏ ପରି ଏହାର ଅନେକ ଯତ୍ନ ନେଇଛି, ଦରକାର ବେଳେ ଔଷଧ ଯତ୍ନ ଦେଇ ଆଉ ବେଳେ ବେଳେ ଅତ୍ୟଧିକ ମମତାର ସହ ଲାଳନପାଳନ କରିଛି। ଛୋଟ ଶିଶୁଟିଏ ପରି ଅଜସ୍ର ସ୍ନେହ ଓଜାଡି ଦେଇଛି। ମୋର ପରିବାରର ପ୍ରଥମ ସନ୍ତାନ ରୂପେ ଏହାକୁ ଅଧିକ ସ୍ନେହ କରିଛି।

ବାରଟି ମାସର ସଂସ୍କରଣ ପରେ ଆମେ ଚଳିତ ବର୍ଷର ଶେଷ ସଂସ୍କରଣକୁ ନେଇ ଉପନୀତ। ଯେମିତି ଆପଣମାନେ ସ୍ନେହ ଓ ସଦିଚ୍ଛା ଦେଇ ଏହି ପତ୍ରିକାକୁ ବଢିବାରେ ସାହାଯ୍ୟ କରିଛନ୍ତି, ସେହି ସ୍ନେହ, ସଦିଚ୍ଛା ଆଗାମୀ ଦିନରେ ବଢିବା ଆବଶ୍ୟକ। ଓଡିଶାର ପ୍ରଥମ ଇ-ପତ୍ରିକା ହେବାର ଗର୍ବ ବହନ କରିଥିବା 'ଆହ୍ୱାନ' ବର୍ତ୍ତମାନ ଏକ ବର୍ଷ ପୂରଣ କରିଥିବା ପ୍ରଥମ ଆଞ୍ଚଳିକ ଇ-ପତ୍ରିକାର ମାନ୍ୟତା ହାସିଲ କରିବ। ଏହି ସଂସ୍କରଣର ପରବର୍ତ୍ତୀ ସଂସ୍କରଣ ଆମର ସାଂସ୍କୃତିକ ପରଂପରାକୁ ବଜାୟରଖି ଆସିବ ବାର୍ଷିକ ସଂଖ୍ୟା। ସେଇଥିପାଇଁ ଏହି ପତ୍ରିକା ସମେତ, ୱେବ୍‌ସାଇଟ୍‌ରେ ମଧ୍ୟ ଅନେକ ପରିବର୍ତ୍ତନ ଅଣାଯିବାର କାର୍ଯ୍ୟକ୍ରମ ରହିଛି।

ଆମର ଏହି ପତ୍ରିକା ଆନୁକୂଲ୍ୟରେ ଆହ୍ୱାନ ଗ୍ରୁପ୍ ଗଠନ କରି ଆମେ କରୁଛୁ ଅନେକ ସାମାଜିକ ସହାୟକ କାର୍ଯ୍ୟ। ଏହି କାର୍ଯ୍ୟସବୁର ତଦାରଖ କରିବା ପାଇଁ ଆମେ ଅନୁରୋଧ କରିଥିଲୁ ଡାକ୍ତର ଶ୍ରୀ ସହଦେବ ସ୍ୱାଇଁଙ୍କୁ, କିନ୍ତୁ ସେ ନିଜର ବ୍ୟସ୍ତ କାର୍ଯ୍ୟକ୍ରମ ମଧ୍ୟରେ ଆମ ସହିତ କୌଣସି କାର୍ଯ୍ୟକ୍ରମରେ ଭାଗ ନେଇ ନଥିଲେ ବି ଆମକୁ କିଛି ସମୟ ଦେଇଥିଲେ, ଏବଂ ଏହି କିଛି କ୍ଷଣରେ ଆମେ

ବିଭିନ୍ନ ଦିଗ ସଂପର୍କରେ ବିଷଦ ଆଲୋଚନା କରିଥିଲୁ। ଏହା ପରେ ସେ ସପତ୍ନୀକ ଆମ ସହ ଆଗାମୀ ଭାରତଗସ୍ତ କାଳରେ ଯୋଗ ଦେବେବୋଲି କଥା ଦେଇଛନ୍ତି। ଆଉ ବର୍ତ୍ତମାନର ଆମର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପାଞ୍ଚ ହଜାରଟଙ୍କାର ସାହାଯ୍ୟ ରାଶି ସେ ପ୍ରଦାନ କରିଛନ୍ତି, ଏହା ସହିତ ଆମ ସହିତ ଅନେକ ଦିନରୁ ଜଡିତଥିବା ଜୀବନାନନ୍ଦ ବାବୁ ପୂର୍ବ କଥା ଅନୁଯାୟୀ ଦଶ ଡଲାର ଅର୍ଥ ପ୍ରଦାନ କରିଛନ୍ତି। ଆଗାମୀ ଦିନମାନଙ୍କରେ ଆମକୁ ଆପଣ ମାନଙ୍କ ସହାୟତା ମିଳିବ ବୋଲି ଆଶା।

ସଂପ୍ରତି ଏହି ସଂସ୍କରଣରେ ମୁଁ ଉପସ୍ଥାପନା କରୁଛି ବିଗତ ବର୍ଷ ୨୦୦୬ର ଅନେକ ବିଶେଷ ଘଟଣାବଳୀର ହିସାବ। ଏଥି ସହିତ ଉପସ୍ଥାପନ କରୁଛି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଏକ ଅନନ୍ୟ ପରଂପରା ପହିଲିଭୋଗ ବିଷୟରେ ବିଶେଷ ଆଲେଖ୍ୟ। ହୋଇପାରିବ।

# ଶ୍ରୀ ମନ୍ଦିରରେ ପହିଲି ଭୋଗ



ଶ୍ରୀମନ୍ଦିରରେ ବିରଞ୍ଚିବନ୍ଦିତ, ବିଶ୍ୱନାଥ ଉପାସିତ, ସାଗରତନୟା ଏବଂ ସରସ୍ୱତୀ ସେବିତ ଶ୍ରୀଜଗନ୍ନାଥଙ୍କର ସ୍ଥିତି ଯେମିତି ବିଚିତ୍ର, ତାଙ୍କ ଉଦ୍ଦେଶ୍ୟରେ ପ୍ରଚଳିତ ବିଭିନ୍ନ ନୀତି ଓ ଭୋଗ ବ୍ୟବସ୍ଥା ସେହିଭଳି ଅଦ୍ଭୁତଭାବରେ ପରିପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ପୌଷମାସର ଧନୁସଂକ୍ରାନ୍ତିଠାରୁ ମାଘମାସର ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ବ୍ୟାପୀ ଜଗନ୍ନାଥଙ୍କୁ ଅର୍ପିତ 'ପହିଲି ଭୋଗ' ସଂପର୍କରେ କିଛି ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ଶ୍ରୀ ନିର୍ମଳ ମିଶ୍ର।

ଛପନ ପଉଟି ଭୋଗଖିଆ ଠାକୁର ଜଗନ୍ନାଥଙ୍କୁ ଲାଗିକରାଯାଉଥିବା ବିଭିନ୍ନ ଭୋଗମାନଙ୍କ ମଧ୍ୟରେ ଆଲେଖ୍ୟ 'ପହିଲି ଭୋଗ' ଏକ ସ୍ୱତନ୍ତ୍ର ଭାବ ଉଦ୍ରେକ କରେ। ଏହି ଭାବଟି ହେଉଛି ଅମୂଲ୍ୟ ବାତ୍ସଲ୍ୟ ଭାବ। ମାଆ ସରାଗରୁ ସୃଷ୍ଟି ହୋଇଥିବା ଏହି ଭୋଗ ସହ ସଂପୃକ୍ତ ରହସ୍ୟମୟ ରସ ପରିବେଷଣ ଉଦ୍ଦେଶ୍ୟରେ ପାଠକ ମାନଙ୍କୁ ଦ୍ୱାପର ଯୁଗର ସ୍ମରଣ କରିବା ପାଇଁ ନିମନ୍ତ୍ରଣ ଜଣାଉଛି। କଥାଟି ଏହିପରି- ଏକଦା ଦ୍ୱାରକା ଅଧିପତି ଶ୍ରୀକୃଷ୍ଣଙ୍କର ମନପ୍ରାଣ ମାତା ଯଶୋଦାଙ୍କ ଚିନ୍ତାରେ ଆନ୍ଦୋଳିତ ହେଲା। ମାଆ ଯଶୋଦାଙ୍କ ସହିତ ବିତାଇଥିବା ଅଜସ୍ର ଅଲିଅଳ ମୁହୂର୍ତ୍ତ ଓ ଘଟଣାମାନଙ୍କୁ ଚିନ୍ତାକରି, ବ୍ୟଥିତ ହୋଇ ଦ୍ୱାରକାଧୀଶ ବାଳଗୋପାଳ ରୂପ ଧାରଣ କଲେ। ଏହି ସମୟରେ ନାରାୟଣ ଭକ୍ତ ନାରଦ ସେଠାରେ ଉପସ୍ଥିତ ହୋଇ ବିସ୍ମିତ ହେଲେ ଏବଂ ପ୍ରଭୁଙ୍କୁ ବନ୍ଦନା କଲେ:

ବର୍ହାପୀଡାଭିରାମଂ ମୃଗମଦ ତିଳକଂ କୁଣ୍ଡଳ କାନ୍ତ ଗଣ୍ଡ
କଞ୍ଜାକ୍ଷଂ କମ୍ବୁକଣ୍ଠ ଶୁଭଗମୁଖଂ ସାଧରେ ନ୍ୟସ୍ତବେଣୁଂ
ଶ୍ୟାମଶାନ୍ତିଂ ତ୍ରିଭଙ୍ଗମରବିକର ବସନଂ ଭୂଷିତଂ ବୈଜୟନ୍ତ୍ୟା
ବନ୍ଦେ ବୃନ୍ଦାବନସ୍ଥଂ ଯୁବତୀ ଶତକୃତତ ବ୍ରହ୍ମ ଗୋପାଳ ବେଶଂ।

ନାରଦଙ୍କୁ ନିକଟରେ ଦେଖି, ତାଙ୍କ ବନ୍ଦନାରେ ମୁଗ୍ଧ ହୋଇ ବ୍ରହ୍ମଗୋପାଳ ଶ୍ରୀ କୃଷ୍ଣ ନାରଦଙ୍କ ନିକଟରେ ନିଜର ତତ୍କାଳୀନ ଦୁଃଖ ପ୍ରକାଶ କଲେ। ଏବଂ ଦୀର୍ଘକାଳର ବ୍ୟବଧାନ ପରେ ମାଆ ଯଶୋଦାଙ୍କର ସ୍ୱହସ୍ତ ପ୍ରସ୍ତୁତ ଖାଦ୍ୟ ଆଣିବାପାଇଁ ନାରଦଙ୍କୁ ଗୋପପୁରକୁ ପ୍ରେରଣ କଲେ। ଆଜ୍ଞାପାଳନ କରି ନାରଦ ସଙ୍ଗେ



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ସଙ୍ଗେ ଗୋପପୁର ଅଭିମୂଖେ ଯାତ୍ରାକଲେ ଏବଂ ଠାକୁରଙ୍କ ଅଭିଳାଷ ପୁରଣ ନିମିତ୍ତ ନିଜକୁ ଏକମାତ୍ର ସମର୍ଥଭାବି ଗର୍ବ ଅନୁଭବ କଲେ। ଗର୍ବଗଞ୍ଜନ ଶ୍ରୀ ହରିଙ୍କୁ ଏକଥା ଅଛପା ରହିଲା ନାହିଁ। ବାଳଗୋପାଳ ରୂପୀ ମାୟାଧର ଶ୍ରୀକୃଷ୍ଣ ମାୟା ରଚନା କଲେ । ନାରଦ ଗୋପପୁରରେ ନନ୍ଦରାଣୀଙ୍କ ଉଆସରେ ପହଞ୍ଚି ଏକ କଳ୍ପନାତୀତ ଦୃଶ୍ୟ ଦେଖିଲେ । ନାରଦ ଦେଖିଲେ ପୌଷମାସର ଶୀତରାତି ପାହିବାକୁ ଆହୁରି କିଛି ସମୟ ବାକି ଅଛି। ଯଶୋଦା କୃଷ୍ଣ ବଳରାମ ଦୁଇ ଭାଇଙ୍କୁ କୋଳରେ ବସାଇ ଚୁଡାପୁଆ, ଖଇ, ମୁଆଁ, ପାତିସର, ଲହୁଣୀ, ବିରିବଡି, କେଳି ପ୍ରଭୃତି ସୁମିଷ୍ଟ ଖାଦ୍ୟମାନ ଖୁଆଇ ଦେଉଛନ୍ତି। ଏ ସବୁ ଖୁଆଇ ସାରିବାପରେ ମାଆ ଯଶୋଦା ଦୁଇ ପୁତ୍ରଙ୍କର ମୁଖ ପୋଛି ଦେଉଛନ୍ତି। ଶୀତ ପ୍ରକୋପରୁ ରକ୍ଷା କରିବାପାଇଁ କୃଷ୍ଣବଳରାମଙ୍କୁ ଶୀତବସ୍ତ୍ର ଘୋଡାଇଦେଇ ଗୃହକାର୍ଯ୍ୟରେ ମନ ଦେଇଛନ୍ତି। ଯଶୋଦା ଗୃହକାର୍ଯ୍ୟ କରିବା ନିମିତ୍ତ ବାହାରକୁ ଆସିବା ପରେ ରାତି ପାହିଛି ଓ ଯଶୋଦା ଦ୍ୱାର ନିକଟରେ ନାରଦଙ୍କୁ ମୁଦ୍ରିତ ନୟନରେ ଧ୍ୟାନ କରୁଥିବା ଅବସ୍ଥାରେ ଦେଖିଛନ୍ତି। ଏହାକୁ କବି ହଳଧର ଏପରି ଭାବରେ ବର୍ଣ୍ଣନା କରିଛନ୍ତି:-

କାକ ଶବଦ ଶୁଣିଲେ ଜନନୀ
ଗୃହଜଞ୍ଜାଳକୁ ଗଲେକ ରାଣୀ।।
ଦ୍ୱାରେ ଦେଖିଲେ ନାରଦ ଋଷିଙ୍କୁ,
ବୁଜି ନୟନ ଭାବନ୍ତି କାହାକୁ।।
ଦେଖି ନାରଦ ଚମକି ପଡିଲେ
ବାତ୍ସଲ୍ୟଲୀଳା ଦେଖି ଧନ୍ୟ ହେଲେ।।
ଦେଖିଲି ଗୋ ମାତ ପହିଲି ଭୋଗ
ଗଲାମୋର ସବୁ ଭବର ରୋଗ।।



ଏଠାରେ ପ୍ରକାଶଯୋଗ୍ୟ ଯେ ଶ୍ରୀ କୃଷ୍ଣ ଓ ଜଗନ୍ନାଥ ଅଭିନ୍ନ ଅଟନ୍ତି। ଦେହର କାନ୍ତିଠାରୁ ଦର୍ପଣର ପ୍ରତିବିମ୍ବ, ଦୁଗ୍ଧଠାରୁ ଘୃତ, ପୁଷ୍ପଠାରୁ ସୁଗନ୍ଧ ଯେପରି ଅଭିନ୍ନ, ନୀଳାଚଳପତି ଶ୍ରୀ ଜଗନ୍ନାଥଙ୍କ ଠାରୁ ଶ୍ରୀ କୃଷ୍ଣ ସେହିପରି ଅଭିନ୍ନ ଅଟନ୍ତି। ଭକ୍ତକବି ଜଗନ୍ନାଥ ଦାସ 'ଉପାସନା ଶତକମ୍'ରେ ଉଲ୍ଲେଖ କରିଛନ୍ତି:-

ଯଥା ଦେହେ ଛାୟ୍ୟ ଯଦପି ମୁକୁରେ ବିମ୍ବିତରୁଚି-
ର୍ଯଥାକ୍ଷୀରେ ସର୍ପିର୍ଯଦପିଚ ସୁଗନ୍ଧୋଽସ୍ତି କୁସୁମେ
ତଥା ନିତ୍ୟାଧୀଶାତ୍ ପ୍ରଭବତି ସ ନୀଳାଚଳପତି:
କଦାରାଧାକୃଷ୍ଣୌ ଭଜିଷ୍ୟାମି ଧରଣୌ।

ଶ୍ରୀ ଜଗନ୍ନାଥ ଓ ଶ୍ରୀ କୃଷ୍ଣଙ୍କୁ ଏକ ସତ୍ତାରୂପେ ଦର୍ଶାଇ କବି ଦୀନକୃଷ୍ଣ 'ରସ କଲ୍ଲୋଳ' କାବ୍ୟରେ ଲେଖିଛନ୍ତି-

କମଳନେତୀକମଳା-ପ୍ରାଣନାୟକ।
କଳାପର୍ବତରେ ଲୀଳାକରି ଅନେକ।
କଲେ ଇଚ୍ଛାମନେହେବା କଂସଅନ୍ତକ।
କରିବା ଉଶ୍ୱାସ ମହୀଭରା ଯେତେକ।
କପଟେ ହୋଇବା ବ୍ରଜେ ନନ୍ଦବାଳକ।
କଉତୁକେ ବୋଲାଇବା ପଶୁପାଳକ,
କରି ଏ ବିଚାର କଇବଲ୍ୟଦାୟକ।
କଂସଆଦି ମାରିବାକୁ ହେଲେ ଉତ୍ସୁକ,
କଚ୍ଛପ ମତ୍ସାଦି ଅବତାର ଯେତେକ।
କରିବାକୁ ଜାତ ଜଗନ୍ନାଥ ଜନକ।

ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ ହେତୁ ଏହି ଆଲୋଚନାରେ ପ୍ରଦତ୍ତ କିମ୍ବଦନ୍ତୀ ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କୁ ପହିଲିଭୋଗ ଲାଗିହେବା ବିଶ୍ୱାସ ଜନମାନସକୁ ଏବେ ମଧ୍ୟ ଉଦ୍‌ବେଳିତ କରୁଅଛି । ଏହି କିମ୍ବଦନ୍ତୀର ସତ୍ୟତା ଘୋଷଣାକରି- ଶ୍ରୀ ଜଗନ୍ନାଥଙ୍କ ସହ ସଂପୃକ୍ତ 'କର୍ମାଙ୍ଗୀ'ରେ କୁହାଯାଇଛି-

'ରାତ୍ରାବସନେ ପରମାଦରେଣଂ ଯଶୋମତୀ ଅର୍ଚ୍ଚିତ ଦିବ୍ୟଭୋଗ:। ନାନା ସୁମିଷ୍ଟ ଲଘୁ ପିଷ୍ଟକାଦାୟ ନୈବେଦ୍ୟଚାଦ୍ୟେ ଧନୁମାଦେ ଅର୍ପିତ।'

ଧନୁ ସଂକ୍ରାନ୍ତି ଠାରୁ ଏକମାସ ପାଇଁ ଲକ୍ଷ୍ମୀବାପ ଘରକୁ ଯାଇଥାଆନ୍ତି। ଏହି ସମୟରେ ସ୍ୱତନ୍ତ୍ରଭାବରେ ପ୍ରସ୍ତୁତ ବଡ ଝିଲ୍ଲି, ଦରସୁଆ, ବଡି, କାକେରୀ, କାକରା, ଅମାଲୁ, ଲଡୁ, ଗଜା, ମଣ୍ଡା, ଚୁଡାପୁଆ ପ୍ରଭୃତି ଦିବ୍ୟ ଦ୍ରବ୍ୟମାନ ପ୍ରାତ: କାଳରୁ ଗୋପାଳବଲ୍ଲଭ ଭୋଗ ସହିତ ଶ୍ରୀଜଗନ୍ନାଥଙ୍କୁ ପହିଲିଭୋଗ ଭାବେ ଅର୍ପଣ କରାଯାଇଥାଏ। ବାତ୍ସଲ୍ୟ ମମତାର ନିଦର୍ଶନ ତଥା ମାଆ ସରାଗରୁ 'ପହିଲିଭୋଗ' ସୃଷ୍ଟି ହୋଇଥିବା ଦର୍ଶାଇ ଭକ୍ତ ଲେଖିଛନ୍ତି:-

ଧନୁମାସ ହେଲା ପହିଲିଭୋଗ, ମାଆ ସରାଗ
ରାତି ନ ପାହୁଣୁ କାଉ କା ନ କରୁ, ଭୁଞ୍ଜାଇ ଦିଅନ୍ତି ଲଘୁଦରବ।
ବଡି ଚୁଡା ପୁଆ ମୁଆଁ ଟାକୁଆ ଗୁଟି ଲବଣୀ
ପାହାନ୍ତି ପହରେ ମଣୋହି କରାନ୍ତି ଆପଣା ହାତରେ ନନ୍ଦ ଘରଣୀ।
ହସ ହସ ମୁଖ ନବ କିଶୋର ଶ୍ରୀ ମୁଖ ଦେଖ
ଦୁଆର ଫିଟିଲେ ଦୁରୁ ଦିଶିଯାଏ ପାଗପଟିବନ୍ଧା କଳା ଶ୍ରୀ ମୁଖ।
ଦରଶନ ସୁଖ ସରଗୁତ ବଳି ନାହିଁ ଗହଳି

ମାତା ଯଶୋମତୀ ସେବା କରିଥାନ୍ତି ମୁଖଦରଶନେ ଜିଣିବକଳି।

ବାସ୍ତବରେ 'ମାଆର ସରାଗଠୁଁ ବଡ'- ଅକଳନୀୟ, ଅତୁଳନୀୟ ଏବଂ ଅବର୍ଣ୍ଣନୀୟ। ମାଆ ସରାଗରୁ ସୃଷ୍ଟିହୋଇଥିବା ପହିଲିଭୋଗ ଅବସରରେ ଶ୍ରୀ ଜଗନ୍ନାଥଙ୍କୁ ଭକ୍ତିର ସହ ଦର୍ଶନ କଲେ ଅଶେଷ ପୁଣ୍ୟ ଅର୍ଜିତ ହେବା ସହ ସ୍ୱର୍ଗ ସୁଖ ତୁଚ୍ଛ ମନେ ହୋଇଥାଏ। ଏଣୁ ଯଥାର୍ଥରେ ଶିଶୁକବି କହିଛନ୍ତି:-

ଯେବା ଏହି ଲୀଳା ନେତ୍ରେ ଦେଖଇ
ସରଗ ସୁଖକୁ ତୁଚ୍ଛ ମଣଇ।

ପୋଖରୀଆ ସାହି, ଶ୍ରୀ ଜଗନ୍ନାଥ ପୁରୀ, ଓଡିଶା

# ବୈଦେହୀଶ ବିଲାସରେ ଭଞ୍ଜଙ୍କ ନୂତନ ଦିଗନ୍ତ

ପ୍ରଭାତୀ ତ୍ରିପାଠୀ

କବିକୁଳ କୁଞ୍ଜ, କଳାପ୍ରାଣ, କଳ୍ପନାବିଳାସୀ ଉପେନ୍ଦ୍ର ଭଞ୍ଜଙ୍କ କଳୋତୀର୍ଣ୍ଣ ପ୍ରତିଭା ଅବିସ୍ମରଣୀୟ। ବୈଦେହୀଶ ବିଳାସ ବାଲ୍ମିକୀ ରାମାୟଣର କଥା ବସ୍ତୁର କଙ୍କାଳ, ଅନ୍ୟସମସ୍ତ ରାମଚରିତ କାବ୍ୟ ଓ ପୁରାଣର ରକ୍ତ, ମାଂସ ଦ୍ୱାରା ପରିପୁଷ୍ଟ ଓ ରସାଣିତ। ପୌରାଣିକ ବା ଐତିହାସିକ କାବ୍ୟର କଥାବସ୍ତୁ ସଂଯୋଜନାରେ କବିଙ୍କ ସ୍ୱତନ୍ତ୍ର ଚିନ୍ତାଧାରା ବ୍ୟାହତ, ତଥାପି ଉପେନ୍ଦ୍ରଙ୍କ ମୌଳିକ ଚିନ୍ତା ଅନ୍ୟ ସମସ୍ତ ରାମାୟଣଠାରୁ ସ୍ୱାତନ୍ତ୍ର୍ୟ ଦାବି କରେ। ଯୁଗେ ଯୁଗେ ରାକ୍ଷସକୁଳ ପ୍ରପୀଡିତ ଦେବବୃନ୍ଦ ସେମାନଙ୍କୁ ନିଦ୍ଧାତ କରିବାକୁ ସର୍ବଶକ୍ତିମାନ ସହାୟକ ବିଷ୍ଣୁଙ୍କୁ ପ୍ରାର୍ଥନା କରନ୍ତି। ବିଷ୍ଣୁ ରାକ୍ଷସ ସଂହାର ନିମିତ୍ତ ପ୍ରତିଶ୍ରୁତି ଦାନ କରି ଏ ଧୂଳିମାଟିର ସଂସାରରେ ଦୁଃଖନିର୍ଯ୍ୟାତନା ସହିବାକୁ ଅବତରଣ କରନ୍ତି। ଶ୍ରୀ ରାମ ଅବତାର ପୂର୍ବରୁ ବିଷ୍ଣୁଙ୍କର ଏହି ପ୍ରତିଶ୍ରୁତି ସବୁ ରାମାୟଣରେ ସୁଲଭ। ଦେବତା ମାନେ ସେମାନଙ୍କ ପ୍ରଦତ୍ତବର ପ୍ରତିହତ କରିବାର କ୍ଷମତା ନଥାଇ ସେମାନଙ୍କୁ ବଳିଷ୍ଠ, ଉଗ୍ରକର୍ମା, ଦୁର୍ଦ୍ଦାନ୍ତ, ଅପରାଜିତ କରିବାର କାରଣ କଣ? ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ପରମ କାରୁଣିକ ପରମେଶ୍ୱରଙ୍କ ଜିଜ୍ଞାସା ଯୁକ୍ତିଯୁକ୍ତ ମନେ ହୁଏ। ଏଣୁ ଉପେନ୍ଦ୍ରଙ୍କ ଭାଷାରେ 'ବୋଲଇ ପ୍ରବର



ବର ଦିଅ କାହିଁ ପାଇଁ?' ସୃଷ୍ଟିକର୍ତ୍ତା ସ୍ୱୟଂ ବ୍ରହ୍ମାଙ୍କ ଉତ୍ତର ଯଥାର୍ଥ ଓ ସର୍ବଜନୀନ। ଆପଣଙ୍କର ମଧୁର ଲୀଳା ଦର୍ଶନ କରି ସଚରାଚର ଜୀବଜଗତ ଉପକୃତ ହେବେ। ଏହା ହିଁ ବରଦାନର ମୁଖ୍ୟ ଉଦ୍ଦେଶ୍ୟ। ରାମତାରକ ମନ୍ତ୍ରସିଦ୍ଧ ମହାଯୋଗୀ ଶିବ କହିଲେ 'ଆପଣଙ୍କର ମଧୁର ରୂପ ଦର୍ଶନ ନିମିତ୍ତ ମୁଁ ବହୁ ନେତ୍ରଧାରୀ। ଏଣୁ ବିରୁପାକ୍ଷର ଅପବାଦ ପ୍ରତି ମୋର ଶୋଚନା ନାହିଁ।' ଶିବଧନୁ ଏକ ବିରାଟକାୟ, ଉଚ୍ଚଶକ୍ତି ସଂପର୍ଣ୍ଣ ମାରଣାସ୍ତ୍ର। ବହୁ ଶକ୍ତିଶାଳୀ ବୀର ପୁଙ୍ଗବ ସେ ଧନୁକୁ ଟେକିଲା ବେଳକୁ ଦୂରକୁ ଛିଞ୍ଚାଡି ହୋଇ ପଡୁଥିଲେ। ଏହାର ରହସ୍ୟ ପୁରାଣକାର ମାନଙ୍କ ଅଜ୍ଞତା ଯୋଗୁଁ ଅପ୍ରକାଶିତ ବୋଧହୁଏ। ଏହାର ଏକ ପାର୍ଶ୍ୱର ସ୍ୱୟଂଚାଳିତ ବିଦ୍ୟୁତରଶ୍ମୀ ପ୍ରଚ୍ଛନ୍ନ ଭାବେ ପ୍ରବାହିତ ହେଉଥିଲା। ଉପେନ୍ଦ୍ର ଯଦିଓ ବିଦ୍ୟୁତ ଶକ୍ତି କଥା ଉଲ୍ଲେଖ କରିନାହାନ୍ତି, ତଥାପି ବ୍ୟଞ୍ଜନା ମଧ୍ୟରେ ତା'ର କ୍ଷୀଣ ଆଭାସ ପ୍ରଦାନ କରିଛନ୍ତି। 'ବୋଲେ ସୁମିତ୍ରାର ବତ୍ସ ନାହିଁ ସୁମିତ୍ରାର ସ୍ୱଚ୍ଛ ନମ୍ରେ

ଧରନ୍ତେ ବୋଲିବେ ଚାପ ଓଳଗେ।' ବିଜ୍ଞ, ବୈଜ୍ଞାନିକ ଲକ୍ଷ୍ମଣ, ଅଗ୍ରଜ ଶ୍ରୀ ରାମଙ୍କୁ ସିଧା ଦଣ୍ଡାୟମାନ ହୋଇ ଧନୁକୁ ଉତ୍ତୋଳନ କରିବା ନିମିତ୍ତ ଅନୁରୋଧ କଲେ। ଏ ଅପ୍ରତ୍ୟାଶିତ ଅନୁରୋଧ ଅକାରଣ ନଥିଲା। ଏଠି ସମସ୍ତେ ଶତ୍ରୁ ପର୍ଯ୍ୟାୟଭୂକ୍ତ। ନଇଁଲେ ଧନୁକୁ ମୁଣ୍ଡିଆ ମାରିବାରୁ ତାହା ଉଶ୍ୱାସ ହେବାର ଅପବାଦ ଦେଇପାରନ୍ତି। ରାମଚନ୍ଦ୍ର ଧନୁର ଏକ ମୁଣ୍ଡକୁ (ଯେଉଁଠି ବିଦ୍ୟୁତଶକ୍ତି ଥିଲା)ଅ, କାଠର କଠଉରେ ଜୋର୍‌ରେ ପାଦଦେଲେ। ଅପରପାର୍ଶ୍ୱ ଉପରକୁ ଉଠିଗଲା। ଭଞ୍ଜଙ୍କ ଉକ୍ତିରେ 'ବାଟିଲେ ବାଲ୍ମିକୀ ଟେକିବ ଯେହୁ ଶିବ ଚାପକୁ, ବାରିଜଗନ୍ଧାକୁ ପ୍ରଦାନ କରିବ ନିଷ୍ଟେ ତାକୁ।' କାଠ ବିଦ୍ୟୁତ ଶକ୍ତିର କୁପରିବାହୀ। ଏଣୁ ରାମଙ୍କ ଉପରେ କୌଣସି ପ୍ରଭାବ ପଡିଲା ନାହିଁ। ଏହି ଚିନ୍ତାଧାରା ସଂସ୍କୃତ କିମ୍ବା କୌଣସି ପ୍ରାଦେଶିକ ଭାଷାରେ ଲିଖିତ ରାମକାବ୍ୟରେ ପରିଦୃଷ୍ଟ ହୁଏ ନାହିଁ। ବାଲ୍ମିକୀ ରାମାୟଣରେ ରାମ ଓ ସୀତାଙ୍କ ବୟସ ଯଥାକ୍ରମେ ପନ୍ଦର ଓ ଛଅ ବର୍ଷ ବୋଲି ଉଲ୍ଲେଖ ଅଛି।ଉନ୍‌ଷୋଡଶ ବର୍ଷେଷୁ ରାମ ରାଜୀବ ଲୋଚନ। କିନ୍ତୁ କବି ଉପେନ୍ଦ୍ର ଏ ଅସ୍ୱାଭାବିକତାକୁ ଦୂର କରି ଉଭୟଙ୍କୁ ପ୍ରାପ୍ତ ବୟସରେ ପରିଣୟ ବିଧାନ କରାଇ ବାସର ରାତିରେ ଶପଥ ପାଠ କରାଇଛନ୍ତି। ବହୁପତ୍ନୀକ ଦଶରଥଙ୍କ ପୁତ୍ର ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଏକପତ୍ନୀ ବ୍ରତର ଶପଥରେ ବିଳାସିନୀ ଶବ୍ଦର ପ୍ରୟୋଗ ପ୍ରଣିପାତ ଯୋଗ୍ୟ।

# ହସି ହସି ଜନମ
# ହସି ହସି ମରଣ

ମାନବ ଶିଶୁ ଯେତେବେଳେ କ୍ରନ୍ଦନ ରୋଳ ମଧ୍ୟରେ ମାତୃଗର୍ଭରୁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଏ, ସେତେବେଳେ ନବାଗତର ଜନ୍ମୋତ୍ସବ ପାଳନ କରିବାକୁ ବନ୍ଧୁବର୍ଗ ପରିଜନ ମାନେ ଆନନ୍ଦୋଲ୍ଲାସରେ ମାତିଯାଆନ୍ତି। ସମୟ ଗଡିଚାଲେ, ଶିଶୁ ଅବସ୍ଥାରୁ କିଶୋରାବସ୍ଥା, ଯୁବାବସ୍ଥା ଏବଂ ସର୍ବଶେଷରେ ବୃଦ୍ଧାବସ୍ଥାରେ ପହଞ୍ଚି ତା ଜୀବନ ଦୀପ ଲିଭିଯାଏ। ଜୀବନ ଦୀପ ଲିଭିଲା ସମୟରେ ସାଧାରଣତଃ ବିଭିନ୍ନ କଥା ଭାବି ଆଖିରୁ ଲୁହ ଝରାଇ ଜୀବ ସଂସାରରୁ ବିଦାୟ ନେଇଥାଏ। ବନ୍ଧୁବାନ୍ଧବ ମାନେ ବି ଅଶ୍ରୁଭରା ନୟନରେ ତାକୁ ବିଦାୟ ଦିଅନ୍ତି। ତେଣୁ ଜୀବ ସଂସାରକୁ ଆସେ କାନ୍ଦି କାନ୍ଦି ଏବଂ ବିଦାୟ ନିଏ କାନ୍ଦି କାନ୍ଦି।

ଆଜିକୁ ପ୍ରାୟ ଅଢେଇ ହଜାର ବର୍ଷ ତଳର କଥା ଇରାନ୍‌ରେ ଜନ୍ମ ଗ୍ରହଣ କରିଥିଲେ ପାର୍ସୀ ଧର୍ମ ପ୍ରବର୍ତ୍ତକ ଜୋରାଥ୍ରୁଷ୍ଟ ଥିଲେ ଏ ଦିଗରେ ଜଣେ ବ୍ୟତିକ୍ରମ। ଜନ୍ମବେଳେ ସେ ନ କାନ୍ଦି ହସି ହସି ଜନ୍ମ ନେଇଥିଲେ ଏବଂ ଏ ସଂସାରରୁ ବିଦାୟ ନେଲାବେଳେ ବି ହସି ହସି ବିଦାୟ ନେଇଥିଲେ। ତାଙ୍କ ଧର୍ମର ଆରାଧ୍ୟ ଥିଲେ ଆହୁଜା ମଜ୍‌ଦା। ଜୋରାଥ୍ରୁଷ୍ଟ ଇରାନ୍‌ବାସୀଙ୍କୁ ନାନାଦି ଅନ୍ଧବିଶ୍ୱାସରୁ ମୁକ୍ତ କରି ଆଲୋକର ପଥ ପ୍ରଦର୍ଶନ କରିଥିଲେ। ତାଙ୍କର ଧର୍ମଗ୍ରନ୍ଥ ଥିଲା 'ଜେନ୍ଦ-ଆ-ଭେସ୍ତା'। ହସି ହସି ଜନ୍ମ ନେବା ବିଷୟରେ ଯେତେବେଳେ ଜୋରାଥ୍ରୁଷ୍ଟଙ୍କୁ ପରିଣତ ବୟସରେ ପ୍ରଶ୍ନ କରାଗଲା, ତା'ର ରହସ୍ୟ ଉନ୍ମୋଚନ କରି ଜୋରାଥ୍ରୁଷ୍ଟ କହିଲେ, 'ଜନ୍ମ ପୂର୍ବରୁ ବି ମୁଁ ହସୁଥିଲି। ଯେତେବେଳେ ଜନ୍ମ ନେଲି, ସେତେବେଳେ ମୃତ୍ୟୁ ଜନ୍ମର ସନ୍ଧିକ୍ଷଣରେ ମୁଁ ହସୁଥିଲି। ଏହାର କାରଣ ସେସବୁ ପରିବର୍ତ୍ତନକୁ ମୁଁ ଅତି ଲଘୁଭାବରେ ନେଉଥିଲି। ସେତିକି ନୁହେଁ, ଜନ୍ମ ନେବା ପରେ ମଧ୍ୟ ଏ ପରିବର୍ତ୍ତନଶୀଳ ସଂସାରରେ ନାନାଦି ପରିବର୍ତ୍ତନକୁ ମୁଁ ବେଶ୍ ଉପଭୋଗ କରି ଚାଲିଲି। ତେଣୁ ପ୍ରତିଟି ମୁହୂର୍ତ୍ତରେ ମୋ ମୁହଁରେ ହସ ଫୁଟି ଉଠିଥିଲା।'

ତାଙ୍କ ଜନ୍ମ ସମୟରେ ତ ନାନାଦି ଅଲୌକିକତା ଦେଖା ଦେଇଥିଲା। ମା' ଦୁଘ୍‌ଧୋବା ଓ ପିତା ପୌରୁଶସ୍‌ପା ଜନ୍ମପୂର୍ବ ଓ ଜନ୍ମ ବେଳର ସମସ୍ତ ଅଲୌକିକତାର ଥିଲେ ସାକ୍ଷୀ। କୋଡିଏ ବର୍ଷ ବୟସରେ ସେ ସଂସାର ତ୍ୟାଗ କରି ପବିତ୍ର ଧାର୍ମିକ ଜୀବନ ଯାପନ କରିବାକୁ ଆରମ୍ଭ କଲେ। ଶେଷରେ ସିଦ୍ଧି ପ୍ରାପ୍ତ ହୋଇ ସେ ପାର୍ସୀ ଧର୍ମର ସର୍ବୋଚ୍ଚ ଆରାଧ୍ୟ ଦେବତା ଆହୁରା ମଜ୍‌ଦାଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିଥିଲେ। ସେ ଅନ୍ଧବିଶ୍ୱାସ କବଳିତ ରାକ୍ଷସ ପୂଜକ ମାନଙ୍କଠାରୁ ତାଙ୍କ ଦେଶବାସୀଙ୍କୁ ରକ୍ଷାକରି ଏକ ନୂତନ ଧର୍ମର ପ୍ରବର୍ତ୍ତନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କୁ ଯେତେବେଳେ ହସି ହସି ମରିଯିବାର କାରଣ ପ୍ରଶ୍ନ କରାଗଲା, ସେ ତା'ର ରହସ୍ୟ ଉନ୍ମୋଚନ କରି କହିଲେ, 'ଲୋକମାନେ କାନ୍ଦୁଥିବାର ଦେଖି ମୋତେ ହସ ମାଡିଲା ଯେ ଏମାନେ କେତେ ବୋକା। ମୁଁ ତ କେବଳ ଘର ବଦଳାଉଛି। ଏମାନଙ୍କର କଣ ଅସୁବିଧା ଅଛି ଯେ ଏମିତି କାନ୍ଦୁଛନ୍ତି?'

ଏହିପରି ଜନ୍ମ ଓ ମୃତ୍ୟୁକୁ ଯେଉଁମାନେ ହସି ହସି ଗ୍ରହଣ କରି ନିଅନ୍ତି, ସେମାନେ ହିଁ ଜନ୍ମ ଓ ମୃତ୍ୟୁର ପ୍ରକୃତ ରହସ୍ୟ ଭେଦ କରିଥାନ୍ତି।

# ଚିଠି, ନୂଆ ବର୍ଷର

## ପ୍ରକାଶ ଚନ୍ଦ୍ର ଶତପଥୀ

ନୂଆବର୍ଷ!
ତୁମେ ହସ
ମନଖୋଲି
ତୁମ ସାଥେ
ଜୁଇ, ଯାଇ, ମଲ୍ଲୀ
ଓଠରେ ଫୁଟୁ
ମମତାର କଳି
ମୁଖରେ ଝଲସୁ
ପ୍ରଣୟ ବଲ୍ଲରୀ।
ଲେଖୁଛୁ ଗୁପ୍ତ ଚିଠି
ଆମେ ମାନବ
ଖୋଲିକି ପଢିବ
ଭୁଲଥିଲେ
କ୍ଷମା ଦେବ।

ପୁରୁଣା ବର୍ଷର
ପାପ ଅର୍ଗଳୀ
ଯାହା କରିଥିଲୁ
ସବୁ ଦେବୁ ବଳି
ନେଉଛୁ ଶପଥ
କହିବାକୁ ଲାଜ
ଲେଖିଲୁ ଚିଠିରେ
କେତେ ଗୁପ୍ତ କଥା
ଦୟାକରି ଦେବ ଆଶୀର୍ବାଦ।

ଜାଗିଛି କୋଇଲି
ଗାଇବ ଗୀତ
ତୁମ ଆଗାମୀର
ମଧୁର ସ୍ୱର
ମଳୟ ବହିବ
ଝରଣା ଝରିବ
ଭରିଦିଅ ତୁମେ
ସଙ୍ଗୀତର ଆବେଗ
ବନ୍ଦାପନା କରିବ
ତା ସ୍ରୋତର ନୀର
ତୁମ ଆଗମନୀ
ହେଉ କରୁଣାର ଧାର

ଲୋଡାନାହିଁ ଆଉ
ବିପର୍ଯ୍ୟୟ ସୁନାମି
ଦଣ୍ଡ ପାଇଗଲୁ
ଆମ ଭୁଲ ପାଇଁ
ଠିକଣା ନଥିଲେ ବି
ଚିଠି ନୁହେଁ ବେନାମୀ
ଶୂନ୍ୟ ଆକାଶରୁ
ପୁଷ୍ପ ହେଉ ବୃଷ୍ଟି
ଆମ ପ୍ରତି ଥାଉ
ତୁମ ଶୁଭ ଦୃଷ୍ଟି
ଲେଖା ପଢ଼ି ଖବର ଦେବ।
ଇତି,
ଆମେ ରହିଲୁ
ମର୍ତ୍ତ୍ୟର ମାନବ।

# ତୁମେ ଆଉ ମୁଁ: ମିଛ

## ଗଗନ କୁମାର ଦାଶ

ଅତୀତଟା ହଜିଗଲା
ଚୋରା ବାଲିର
ଶୀତୁଆ ଭେଳାରେ,
ଉଚ୍ଚାର ଅକ୍ଷର ସବୁ,
ଲିଭିଗଲା,
ଆଖିର ଲୁହରେ,
ଉନ୍ମାଦନାର କାଗଜ ଆଜି,
ଚିରିଯାଇଛି ଅଜଣା ବାତ୍ୟାରେ,
ସ୍ୱପ୍ନ ସବୁ ହଜିଗଲା,
ଗତ ସୁନାମୀ ବନ୍ୟାରେ।

ପିଲାଦିନ ସ୍ମୃତି
ହସ୍ତଲିପି ଖାତା କାଗଜର ଡଙ୍ଗା,
ବର୍ଷା ଭିଜା ମନ,
ପାପୁଲି ଭରା ପାଣି,

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଦାଣ୍ଡ ପାଣିଧାର
ତୁମେ ଆଉ ମୁଁ।
ଦିନ ବଦଳିଛି,
ଯୁଗ ବଦଳିଛି,
ବୟସର ଅମାନିଆ ଝଡ ବି ବଢିଛି,
'ତୁମେ ଆଉ ମୁଁ
ଭିତରେ ଥିବା ପାର୍ଥକ୍ୟଟା ଭିତରେ,
ଆକାଶ ପାତାଳ ପ୍ରଭେଦ,
ସାମାଜିକ ମିଥ୍ୟା ପରଂପରା,
ଅବାଞ୍ଛିତ ବ୍ୟକ୍ତିତ୍ୱର-
କେଉଟ ଜାଲରେ,
ଅତୀତଟା ହସୁଥିବା ବେଳେ
ବର୍ତ୍ତମାନଟା ଫାଶୀଖୁଣ୍ଟ ପାଖେ
ମୋତେ ଅପେକ୍ଷା କରିଛି।

**ମୋହନା ଗଜପତି**

## ମୋତେ ହତ୍ୟା କର ନାହିଁ

**ସାବିତ୍ରୀ ମହାପାତ୍ର**

ରକ୍ତଜବା ରଙ୍ଗ ନେଇ ହସୁଥିଲା ବିଭାବସୁ
ନାଚୁଥିଲା ସପ୍ତରଙ୍ଗେ ବ୍ୟୋମରେ ମରୁତ
ଗାଉଥିଲେ ବିହଙ୍ଗମେ ସପ୍ତସ୍ୱର ତାଳେ
ହେଲେ;
କରୁଣ ମୂର୍ଚ୍ଛନାର ଆକୁଳ ଚିତ୍କାର
ଶୁଭୁଥିଲା ଏଇ ପୃଥିବୀରେ-
ମୋତେ ହତ୍ୟା କରନାହିଁ,
ମୁଁ ହିଁ ଯେ ନିର୍ଦ୍ଦୋଷ,
ମୋ'ଠାରୁ ବଞ୍ଚିବାର ଅଧିକାର କରନାହିଁ ଶେଷ
ବିଭତ୍ସ ନିଷ୍ଠୁର ହତ୍ୟା ତୁମ ହାତେ ମୋର
ଦୁର୍ବଳ ମୁଁ ବାକ୍‌ହୀନ ଜୀବ ଧରିତ୍ରୀର
ହେ- ମନୁଷ୍ୟ ଶ୍ରେଷ୍ଠ ଜୀବ ତୁମେ ଏ ଧରାର
ଦେବତାର ଜନ୍ମହୁଏ ତୁମ ସ୍ୱରୂପର
ରାକ୍ଷାସର ପ୍ରବୃତ୍ତିକୁ କରି ପରିତ୍ୟାଗ
ଆମ ପାଇଁ ଚିନ୍ତା କର ସୁନ୍ଦର- ସୁମାର୍ଗ
ନୂଆବର୍ଷ ତୁମ ପାଇଁ ଆଣଇ ଉଲ୍ଲାସ
ଆମ ଆଗେ କରେ ଆସି ମୃତ୍ୟୁ ଉପହାସ
ପ୍ରତିକାର କର ତୁମେ ଆମର ବିନତୀ
ନିଷ୍ଠୁରତା ତେଜ ହେବ ଦୟାର ଜାଗୃତି

**ଅଯୋଧ୍ୟା ନଗର, ବ୍ରହ୍ମପୁର**

## ପ୍ରେମ ଏକ ମହୁର ବିଷ

**ଡା ପ୍ରଭାତ ରଞ୍ଜନ ରାଉତ**

ପ୍ରେମ ଏକ ମହୁର ବିଷ, ପ୍ରେମ ଏକ ମହୁର ବିଷ
ଭିତରେ ମରମ ହାଣଇ, ଉପରେ ଫୁଟାଏ ହସ
କେବେ କେବେ ଜୀବନରେ ତୋଳେ କୁହୁଡି ଘର
ପୁଣି କେବେ ଦିଏ ଭାଙ୍ଗି ମନର ମନ୍ଦିର
ନୁହଇଁ ଜଳ ସେ କୂଳକୁ ବୁଡଇ
ହସରେ ଲୁହରେ ହୋଇଯିବ ଶେଷ
ପ୍ରେମ ଏକ ମହୁର ବିଷ (୧)

କେବେ କେବେ ଜୀବନରେ ଖୋଲେ ଫଗୁ ପସରା
ପୁଣି କେବେ ଦିଏ ଢାଳି ଶ୍ରାବଣର ଅସରା,
ନୁହଇଁ ତୀର ସେ ହୃଦୟ ବିନ୍ଧଇ
କୋହରେ ମୋହରେ ହୋଇଯିବ ଶେଷ
ପ୍ରେମ ଏକ ମହୁର ବିଷ (୨)

କେବେ କେବେ ଜୀବନରେ ଆଣେ ଚୋରାଚାନ୍ଦିନୀ
ପୁଣି କେବେ ଆଣେ ଟାଣି ଉଆଁସ ଯାମିନୀ
ନୁହଇଁ ଅନଳ ସେ ଦେହ ଦହଇ
ବିରହେ ବିଛେଦେ ହୋଇଯିବ ଶେଷ
ପ୍ରେମ ଏକ ମହୁର ବିଷ (୩)

କେବେ କେବେ ଜୀବନରେ ଭରେ ପୀରତି ପୀୟୁଷ
ପୁଣି କେବେ ଦିଏ ଭରି ଛଳ ଅବିଶ୍ୱାସ
ନୁହଇଁ ମାଦକ ସେ ବିହ୍ୱଳ କରଇ
ଭୋଗରେ ତ୍ୟାଗରେ ହୋଇଯିବ ଶେଷ
ପ୍ରେମ ଏକ ମହୁର ବିଷ (୪)

**କୁଶପଲ୍ଲୀ, ଗଞ୍ଜାମ**

## ତୁମ ସ୍ମୃତି

**ପ୍ରକାଶ ଚନ୍ଦ୍ର ମୁନି**

ତୁମ ସ୍ମୃତି ଆଜି ଛବିଟିଏ ହୋଇ
ଆଖି ଆଗେ ମୋର ଠିଆ।
ହଜିଲା ଦିନର ସ କେତେ କଥା ଗୋ
ମନେ ପଡେ ମୋର ପ୍ରିୟା।

ଭଲପାଇବାର ଏକ ପରିଣତି
ଭୁଲିପାରୁନି ମୁଁ ଆଜି!
ହୃଦୟର ଯେତେ ବ୍ୟଥାରେ ଏଚିଠି
ଲୁହରେ ଗଲାଣି ଭିଜି।

ତୁମ ପଥ ଚାହିଁ ଏ ଫଗୁଣ ସଞ୍ଜେ
ବସେ ଏଇ ନଈକୂଳେ!
ମୁଁ ଜଣେ ପ୍ରେମିକ ତୁମ ବିଛେଦରେ
କାନ୍ଦି କାନ୍ଦି ନିତି ମରେ।

ପରତେ ନୋହୁଛି ଏ ଜୀବନେ ଆଉ
ତୁମ ସଙ୍ଗେ ହେବ ଦେଖା!
ତେଣୁ ତୁମ ସ୍ମୃତି ଖୋଜି ଏଠି ମୋର
କବିତା ହେଉଛି ଲେଖା।

ଆସ ପ୍ରିୟତମା ଏ ଫଗୁଣ ସଞ୍ଜେ
ଏ ମଳୟେ ଯିବା ହଜି
ଏ ଜହ୍ନରାତିରେ ଏଇ ଜ୍ୟୋତ୍ସ୍ନାରେ
ବୁଲୁଥିବା ହଜି ଭିଜି।

**ଲାଲ୍‌ଶାସନ, ଆସିକା**

## ଶତ ଶତ ସତ୍ୟ

**ସନ୍ତୋଷ କୁମାର ପଣ୍ଡା**

ପୁରାଣ ହେଉ କି ପୁରୁଣା
ସବୁ କିଛି ଇତିହାସ
ଇତିହାସ ହିଁ ସ୍ମୃତି
ସ୍ମୃତି ହିଁ ଇତିହାସ
ଯାହା ସବୁ ରହିଛି ସାଇତି
ସବୁ ସମୟ ପରେ
ଆଉ ଏକ ନୂତନତା
ସବୁ ନୂତନତାରେ ନିହିତ ସମୟ
ଯାହାର ନାମ ଆଧୁନିକତା।
ପରିବର୍ତ୍ତନର ଅନ୍ୟନାମ
ସଦ୍ୟ ବର୍ତ୍ତମାନ
ବର୍ତ୍ତମାନ ବି ସ୍ଥିର ନୁହଁ
ପଲକେ ପଲକେ ତା'ର
ଚଳଚଞ୍ଚଳ ଗତିମାନ
ମୁଁ-ତୁମେ ନୁହେଁ
ତୁମେ ମଧ୍ୟ 'ମୁଁ'ରେ ଶୂନ
କାହିଁକିନା ଆମେ ସେମାନେ ହେବେ-
ସେମାନେ ଆମେ,
ସମସ୍ତେ ତ' ନିଜ'ମୁଁ'ରେ ଲୀନ

**ତୁଳସୀପଲ୍ଲୀ ମଠ, ଭଞ୍ଜନଗର**

## କୀର୍ତ୍ତିଯସ୍ୟ ସ ଜୀବତି

ନେତାମାନଙ୍କର ବୁଝିବା ଉଚିତ ଯେ ପ୍ରତିମୂର୍ତ୍ତି ସେମାନଙ୍କୁ ବା ସେମାନଙ୍କର ଆଦର୍ଶକୁ ବଞ୍ଚାଇ ରଖିପାରିବନି। ସେମାନଙ୍କର ସମୁଜ୍ଜଳ କୀର୍ତ୍ତି ହିଁ ସେମାନଙ୍କୁ ବଞ୍ଚାଇ ରଖିପାରିବ। ପାଖାପାଖି ହଜାର ବର୍ଷ ତଳର କଥା। ଉଜ୍ଜୟିନୀ ନରେଶ ବିକ୍ରମାଦିତ୍ୟଙ୍କ ରାଜମହଲରେ ନଗରର ନଗରଶ୍ରେଷ୍ଠୀ ଓ ଅନେକ ଗଣ୍ୟମାନ୍ୟ ବ୍ୟକ୍ତିଙ୍କର ଏକ ସମୟରେ ସେଦିନର ଉପସ୍ଥିତି ମହାରାଜଙ୍କୁ ବିସ୍ମିତ କରିଦେଲା। ରାଜା ଜାଣିବାକୁ ପାଇଲେ ଯେ ତାଙ୍କ ସ୍ୱର୍ଣ୍ଣିମ ଶାସନର ସ୍ୱୀକୃତି ସ୍ୱରୂପ ସେମାନେ ଶଙ୍ଖ ମଲମଲ ପ୍ରସ୍ତରର ଗୋଟିଏ ଗଗନଚୁମ୍ବୀ କୀର୍ତ୍ତିସ୍ତମ୍ଭ ନିର୍ମାଣ କରିବାକୁ ଚାହାନ୍ତି। ଏହି କୀର୍ତ୍ତିସ୍ତମ୍ଭ ଭବିଷ୍ୟତ ବଂଶଧରଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେମାନେ ରାଜାଙ୍କୁ ବୁଝାଇଲେ। ଏ ପ୍ରସ୍ତାବକୁ ରାଜା ବିଚାର କରିବେ ବୋଲି କହିଲେ।

ସେଦିନ ରାତିରେ ଛଦ୍ମ ବେଶରେ ନଗର ପରିକ୍ରମା କଲାବେଳେ ଦେଖିଲେ ଦୁଇଟା ଷଣ୍ଢ ତାଙ୍କ ଆଡକୁ ମାଡି ଆସୁଛନ୍ତି। ରାଜା ନିରୁପାୟ ହୋଇ ଜଣେ ବ୍ରାହ୍ମଣର ଗୁହାଳରେ ଥିବା ମୋଟା ଖମ୍ବଟି ଉପରେ ଚଡିଗଲା। ବ୍ରାହ୍ମଣ ବ୍ରାହ୍ମଣୀଙ୍କ କଥା ତା'ଙ୍କ କାନରେ ପଡିଲା। ଜ୍ୟୋତିଷ ଶାସ୍ତ୍ରଜ୍ଞ ବ୍ରାହ୍ମଣ କହିଲେ, 'ମୁଁ ଜାଣିପାରୁଚି ଆମ ରାଜା ବିକ୍ରମାଦିତ୍ୟଙ୍କ ଜୀବନରେ ଦୁଃଖ ଆସିପାରେ। ଏହାର ନିରାକରଣ ବିଷୟରେ ବ୍ରାହ୍ମଣୀ ପ୍ରଶ୍ନ କରିବାରୁ ବ୍ରାହ୍ମଣ କହିଲେ ଯେ ଏଥିପାଇଁ ସେତୁ ମହାତ୍ମ୍ୟ ଖଣ୍ଡର ପରାୟଣ କରିବା ଆବଶ୍ୟକ। ବ୍ରାହ୍ମଣୀ ଏହା ରାଜାଙ୍କୁ ତହିଁ ଆରଦିନ ଯାଇ ଅବଗତ କରାଇବାକୁ

ପରାମର୍ଶ ଦେବାରୁ ବ୍ରାହ୍ମଣ କହିଲେ ଯେ ତଦ୍ୱାରା ରାଜାଙ୍କର ମନ ଦୁଃଖ ହେବ ଏବଂ ସେଥିପାଇଁ ତାଙ୍କୁ କିଛି ନ କହି ସେ ନିଜେ ପରାୟଣ ଆରମ୍ଭ କରିବେ। ବ୍ରାହ୍ମଣୀ ଆପତ୍ତି କଲେ ଯେ ଏହି ପରାୟଣ ବ୍ୟୟବହୁଳ ହୋଇଥିବାରୁ ବ୍ରାହ୍ମଣଙ୍କ ପକ୍ଷେ ଏହା କରିବା ଏକରକମ ଅସମ୍ଭବ। କିନ୍ତୁ ବ୍ରାହ୍ମଣ ଜିଦ୍ ଧରି କହିଲେ ଯେ ବିକ୍ରମାଦିତ୍ୟଙ୍କ ଭଳି ନ୍ୟାୟବନ୍ତ ତଥା ବିଚାରବନ୍ତ ପୁଣ୍ୟଶ୍ଳୋକ ରାଜାଙ୍କ ପାଇଁ ସେ ଏହି ପରାୟଣ ନିଶ୍ଚୟ କରିବେ। ବ୍ରାହ୍ମଣୀ ରାଗି ଉଠିଲେ, 'ଆମ୍ଭମାନଙ୍କର ତିନିଟି ଅଭିଆଡି ଝିଅ ଅଛନ୍ତି। ଅର୍ଥାଭାବ ଯୋଗୁଁ ସେମାନଙ୍କର ବିବାହ ହୋଇ ପାରୁନି। ରାଜ୍ୟର ରାଜା କଣ ଏ କଥା ଜାଣିପାରି କିଛି ସାହାଯ୍ୟ କରୁଛନ୍ତି କି? ଅଥଚ ତାଙ୍କ ପାଇଁ ' ରାଜା ବିକ୍ରମାଦିତ୍ୟ ବ୍ରାହ୍ମଣଙ୍କ ଗୁହାଳରୁ ବିଦାୟ ନେଇ ଉଆସକୁ ଆସିଲେ। ତହିଁ ଆରଦିନ ବ୍ରାହ୍ମଣଙ୍କୁ ଡକାଇ ଆଣିଲେ। 'ଆପଣଙ୍କର କନ୍ୟାମାନଙ୍କ ବିବାହର ସମସ୍ତ ଖର୍ଚ୍ଚ ରାଜକୋଷ ବହନ କରିବ ଆପଣ ପାତ୍ର ଯୋଗାଡ ପୂର୍ବକ ବିବାହ ଆୟୋଜନରେ ମନ ଦିଅନ୍ତୁ।' ସେଇ ଦରବାରେ ଉପସ୍ଥିତ ନଗରଶ୍ରେଷ୍ଠୀ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ ରାଜା କହିଲେ, 'ମୁଁ ଆପଣମାନଙ୍କ କୀର୍ତ୍ତିସ୍ତମ୍ଭ ସ୍ଥାପନର ସପକ୍ଷରେ ନାହିଁ। ସ୍ତମ୍ଭ ସ୍ଥାପନ ମୋ ଅହଙ୍କାରର କାରଣ ହୋଇପାରେ। ଆପଣମାନେ ସେହି ଅର୍ଥକୁ ପ୍ରଜାମାନଙ୍କ ହିତରେ ବିନିଯୋଗ କରନ୍ତୁ। ତଦ୍ୱାରା ଭବିଷ୍ୟତ ବଂଶଧର ସେଥିରୁ ପ୍ରେରଣା ପାଇବେ।' ବିକ୍ରମାଦିତ୍ୟ ଆଜି ନାହାନ୍ତି। ହେଲେ ତାଙ୍କର କୀର୍ତ୍ତି ଉଜ୍ଜିବିତ ରହିଛି। କୀର୍ତ୍ତିଯସ୍ୟ ସ ଜୀବତି।

# ମାଙ୍କଡ ମାନଙ୍କ ନବବର୍ଷ ପାଳନ

## ପଦ୍ମ ଚରଣ ନାୟକ

'ନୂଆବର୍ଷ ଲାଗି ଧାଡି ଦର୍ଶନ ବ୍ୟବସ୍ଥା' ଶୀର୍ଷକ ସମ୍ବାଦରେ ପ୍ରକାଶ ପାଇଛି ଯେ ପୁରୀରେ ସେଦିନ ଲକ୍ଷାଧିକ ଭକ୍ତ-ପର୍ଯ୍ୟଟକମାନଙ୍କ ସମାଗମ ହେବ। ଦଳାଚକଟା ଦୁର୍ଘଟଣାକୁ ଏଡାଇବା ଲାଗି ପ୍ରଶାସନ ତରଫରୁ ଏ ବର୍ଷ ଏ ଭଳି ବ୍ୟବସ୍ଥା ହୋଇଛି। ଜଗନ୍ନାଥଙ୍କର ବାର ମାସର ତେର ପର୍ବ ଭିତରେ ଜାନୁଆରୀ ପହିଲାରେ କେଉଁ ପର୍ବ ପଡେ? ପଚାରନ୍ତୁ ଭକ୍ତ ମାନଙ୍କୁ।

କିନ୍ତୁ କ୍ୱଚିତ୍ ଓଡିଆ ଜାଣନ୍ତି, ଭିନ୍ନ କାରଣରୁ ଜାନୁଆରୀ ପହିଲା ଉତ୍କଳୀୟଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନରୁ ଆରମ୍ଭ ହୁଏ ଦେଶ ମିଶ୍ରଣ ଆନ୍ଦୋଳନ ଓ ସେଇଥିରୁ ସୃଷ୍ଟି ହୁଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଅଭିଯାନ। ୧୯୦୩ରୁ ୧୯୩୬ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷର ଆଶା ଆଶଙ୍କା ମଧ୍ୟରେ ଯେଉଁ ଅବିରାମ ଆନ୍ଦୋଳନ ଚାଲିଥିଲା ତା'ର ସାରଥୀ ମଧୁସୂଦନ ଦାସ ଯଦିଓ ସେ ସୁପ୍ରଭାତ ପର୍ଯ୍ୟନ୍ତ ବଞ୍ଚିନଥିଲେ ତଥାପି ଓଡିଶା ଯେ ଏକ ସ୍ୱତନ୍ତ୍ର ପ୍ରଦେଶ ହେବାକୁ ଯାଉଛି, ଏହା ନିଶ୍ଚିତ ହେବା ପରେ ସେ ଆଶ୍ୱସ୍ତ ହୋଇଥିଲେ। ସେହି ଆନ୍ଦୋଳନରେ ପାରଳା ମହାରାଜାଙ୍କ ଅବଦାନ ସଂପର୍କରେ କିଛି ଓଡିଆ ଅବଗତ ଥିଲେ ମଧ୍ୟ ଜୟପୁର ମହାରାଜା ବିକ୍ରମ କେଶରୀ ଦେବ, ଖଲ୍ଲିକୋଟ ମହାରାଜା ହରିହର ମର୍ଦ୍ଦରାଜ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ବ୍ରଜସୁନ୍ଦର ଦାସ ତଥା ଶଶିଭୂଷଣ ରଥଙ୍କ ଅବଦାନ କଥା ଅନେକ ଜାଣନ୍ତି ନାହିଁ। ସଂଯୋଗକ୍ରମେ ଶଶିଭୂଷଣ ରଥଙ୍କ ଜନ୍ମ ଜାନୁଆରୀ ପହିଲା ଦିନ। ସେ ଖାଲି ପ୍ରଥମ ଓଡିଆ ସମ୍ବାଦପତ୍ର 'ଆଶା'ର ସ୍ରଷ୍ଟା ନୁହନ୍ତି, ସେ ଥିଲେ ଉତ୍କଳ ସମ୍ମିଳନୀକୁ ପୁନର୍ଜନ୍ମ ଦେବା ଦିଗରେ ଅଗ୍ରଣୀ। ଘଟଣା ପ୍ରବାହରେ ପ୍ରମାଣିତ ହେଲା ଯେ ଉତ୍କଳ ସମ୍ମିଳନୀ ପୁଣି ସକ୍ରିୟ ହେବା ଫଳରେ ୧୯୩୬ ଏପ୍ରିଲ୍‌ରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା। ରାଜନୈତିକ ଇତିହାସର ଅଧ୍ୟାୟ ଏତେ ଦ୍ରୁତ ବେଗରେ ଆଗେଇ ଦଶ ବର୍ଷପରେ ଇଂରେଜମାନେ ଯେ ଭାରତ ଛାଡିବେ ଏହା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପୂର୍ବରୁ ଅଚିନ୍ତନୀୟ ଥିଲା। ଏଣୁ ଗଡଜାତ ମାନଙ୍କର ଓଡିଶା ପ୍ରଦେଶରେ ମିଶ୍ରଣ କଥା ଉତ୍କଳ ସମ୍ମିଳନୀ ଉଠାଇ ନଥିଲା।

ଉତ୍କଳୀୟ ମାନଙ୍କ ପାଇଁ ୧୯୪୮ ଓ ୧୯୪୯ ଜାନୁଆରୀ ପହିଲା ଯେ କେତେ ସ୍ମରଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ତାହା ସତୁରି ବର୍ଷରୁ କମ ବୟସ୍କ ଲୋକେ ଅନୁଭବ କରିପାରିବେ ନାହିଁ। ୧୯୪୮ ଜାନୁଆରୀ ପହିଲାରେ ତ ପଚିଶିଟି ଗଡଜାତ ମିଶିଥିଲା; ୧୯୪୯ ଜାନୁଆରୀ ପହିଲାରେ ମୟୁରଭଞ୍ଜ ମିଶିବା ଫଳରେ ଆଧୁନିକ ଓଡିଶା ବିଧିବଦ୍ଧ ଭାବରେ ଜନ୍ମ ଲାଭକଲା। ଓଡିଶାର ଗଡଜାତ ମିଶ୍ରଣ ଲାଗି ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଓ ହରେକୃଷ୍ଣ ମହତାବଙ୍କ ନୈପୁଣ୍ୟ ନିଶ୍ଚିତଭାବେ ଅନସ୍ୱୀକାର୍ଯ୍ୟ। କିନ୍ତୁ ଏଥି ପାଇଁ ଦେବାକୁ ହୋଇଥିଲା ବାଜି ରାଉତଠାରୁ ଆରମ୍ଭ କରି ହୁରୁଷି, ନଟ, ରଘୁ, ଗୁରି, ଲକ୍ଷ୍ମଣଙ୍କୁ ଢେଙ୍କାନାଳର ନୀଳକଣ୍ଠପୁର ଘାଟରେ ଜୀବନଦାନ। ରଣପୁର ଅତ୍ୟାଚାର ବିରୋଧରେ ଲଢି ରଘୁ, ଦିବାକର ଫାଶି ଖୁଣ୍ଟରେ ଚଢିଥିଲେ ଓ ଗାଙ୍ଗପୁରରେ ବ୍ରିଟିଶ୍ ସୈନ୍ୟଙ୍କ ଗୁଳିରେ ସ୍ତ୍ରୀ, ପିଲାଙ୍କ ସମେତ ତିନିଶହ ନିର୍ଦ୍ଦୋଷ ଲୋକ ପ୍ରାଣ ହରାଇଥିଲେ। ନୀଳଗିରିର ପ୍ରଜା ଆନ୍ଦୋଳନ ଫଳରେ ଅନ୍ୟାନ୍ୟ ଗଡଜାତ ମିଶ୍ରଣ ପୂର୍ବରୁ ନୀଳଗିରିକୁ ଓଡିଶା ସରକାର ଅଧିକାର କରିବାକୁ ସକ୍ଷମ ହୋଇଥିଲେ। ତାଳଚେର, ଢେଙ୍କାନାଳ, ନୟାଗଡ ତଥା ରଣପୁର

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଗଡଜାତ ଆନ୍ଦୋଳନ ଫଳରେ ରାଜାମାନେ ଏଭଳି ଭୟଭୀତ ହୋଇଯାଉଥିଲେ ଯେ ୧୯୪୭ ଅଗଷ୍ଟ ପନ୍ଦର ପରେ ଅଧିକାଂଶ ଗଡଜାତର ରାଜା ମହାରାଜା ରାଜ୍ୟ ଛାଡି କଲିକତାରେ ଆଶ୍ରୟ ନେଇଥିଲେ। ଢେଙ୍କାନାଳ ଆନ୍ଦୋଳନରେ ଖାଲି ବାଜି ଇତ୍ୟାଦି ପ୍ରାଣବଳି

ଦେଲେ ନାହିଁ, ହଜାର ହଜାର ଲୋକ ମାଡ ଓ ଗୁଳି ଖାଇ ଅକର୍ମଣ୍ୟ ହୋଇଥିଲେ, ହଜାର ହଜାର ନାରୀ ଧର୍ଷିତା ହୋଇଥିଲେ ଏବଂ ବହୁଲୋକ ସର୍ବସ୍ୱ ହରାଇଥିଲେ। ଏହି ଆନ୍ଦୋଳନର ଅଗ୍ରଣୀ ସାରଙ୍ଗଧର ଦାସ, ପବିତ୍ର ମୋହନ ପ୍ରଧାନ, ବୈଷ୍ଣବ ପଟନାୟକ, ବନମାଳୀ ଦାସ, ଗଙ୍ଗାଧର ମିଶ୍ର ଆଦି ନେତା ମାନଙ୍କୁ ସାହାଯ୍ୟ ଓ ସହଯୋଗ ଦେଉଥିଲେ ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଭଗବତୀ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ, ବୈଦ୍ୟନାଥ ରଥ, ଫନି ପାଲ୍,ଅ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ପରମାନନ୍ଦ ମହାନ୍ତି ଆଦି ନେତୃବୃନ୍ଦ। ଏହି ନାଟକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାଥିଲା ତତ୍କାଳୀନ ବଡଲାଟ ମାଉଣ୍ଟ ବ୍ୟାଟେନ୍‌ଙ୍କର। ଇଂରେଜମାନେ ଭାରତ ଛାଡୁଥିବା ଅବସରରେ ଦେଶୀୟ ରାଜ୍ୟର (ଗଡଜାତ) ରାଜାମାନେ ଦାବି କରୁଥିଲେ ଯେ ଇଂରେଜମାନେ ଯେତେବେଳେ ଭାରତ ଛାଡୁଛନ୍ତି, ସେମାନଙ୍କୁ ରାଜ୍ୟ ଫେରାଇ ଦିଅନ୍ତୁ । ମାଉଣ୍ଟ୍ ବ୍ୟାଟେନ୍ ଭାରତବର୍ଷର ଅଖଣ୍ଡତାର ଗୁରୁତ୍ୱକୁ ବିଚାର କରି ସେ ଦାବିକୁ ଅଗ୍ରାହ୍ୟ କରିଥିଲେ।

ଜାତି ଇତିହାସର ଏଭଳି ଉଲ୍ଲେଖନୀୟ ଦିବସରେ ପୂର୍ଣ୍ଣାଙ୍ଗ ଓଡିଶା ପାଇଁ ଶହିଦ ହୋଇଥିବା ଏବଂ ଦୁଃଖ ନିର୍ଯାତନା ଭୋଗିଥିବା ଦେଶପ୍ରେମୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିବା ପାଇଁ ଆମ ଶିକ୍ଷିତ ଲୋକମାନଙ୍କର ମନଧ୍ୟାନ ନାହିଁ। ଏହା ପରିବର୍ତ୍ତେ ଜାନୁଆରୀ ପହିଲାର ପୂର୍ବରାତିରୁ ଚାଲେ ଖାନା ପିନା ଆଉ ନୃତ୍ୟର ମଉଜ ଏବଂ କିଛି ସାହିତ୍ୟିକଙ୍କର କବିତା ଆବୃତ୍ତି ଆସର। କେଉଁ ଉର୍ବର ମସ୍ତିଷ୍କରୁ ଏ କଥା ବାହାରିଲା ଯେ ମଧ୍ୟରାତ୍ରୀରୁ ଦିନର ଆରମ୍ଭ ହୁଏ? କେଜାଣି। ଆମ ଶିକ୍ଷିତମାନେ ତାକୁ ହିଁ ଅନୁକରଣ କରି ରାତିଅଧିଆ ନୂଆ ବର୍ଷ ପାଳନ ଆରମ୍ଭ କରୁଛନ୍ତି।

ଓଡିଆ ଭାଷା ସୁରକ୍ଷାରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇ ସ୍ୱତନ୍ତ୍ର ଉତ୍କଳ ଗଠନରେ ସମାପ୍ତ ହେଲା, ସେହି ଭାଷାର ସମସ୍ୟା ଓ ସଙ୍କଟ ପ୍ରତ୍ୟେକ ଓଡିଆର, ବିଶେଷକରି ସାହିତ୍ୟିକଙ୍କର । ଓଡିଆ ଶିକ୍ଷିତମାନେ ଯେ ଗୋଟିଏ ବାକ୍ୟ ଖାଣ୍ଟି ଓଡିଆରେ କହିପାରୁ ନାହାନ୍ତି ସେ କଥା ସର୍ବଜନବିଦିତ।

ଓଡିଆ ସାହିତ୍ୟିକ ମାନେ ଭୋଜିଭାତ ସାଙ୍ଗକୁ ଖାଲି କବିତା ଆବୃତ୍ତି ନ କରି ଓଡିଆ ଭାଷାର ସଙ୍କଟ ସଂପର୍କରେ ସ୍ୱର ଉତ୍ତୋଳନ କରନ୍ତୁ। ପ୍ରତ୍ୟେକ ଓଡିଆ ଜାନୁଆରୀ ପହିଲା ଦିନ କିଛି ନୂଆ ସଂକଳ୍ପ ନିଅନ୍ତୁ ଏବଂ ଦିନଟିକୁ ଅଭିନବ ଢଙ୍ଗରେ ପାଳନ କରନ୍ତୁ। ଇଂରାଜୀ ଭାଷା ଓ ସଭ୍ୟତାର ପ୍ରଭାବରେ ଆମ ଶିକ୍ଷିତ ଲୋକମାନେ ଖ୍ରୀଷ୍ଟୀୟ ନବବର୍ଷ ପାଳନ କରିବାକୁ ମାଙ୍କଡାମୀ ଛଡା ଆଉ କଣ କହିହେବ? ଯେଉଁ ଜାତି ନିଜର ଭାଷା, ଇତିହାସ ଏବଂ ବରେଣ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦେବାକୁ ଭୁଲିଯାଏ, ସେ ଯାଯାବରଙ୍କ ଭଳି ସଂସ୍କୃତି ବିହୀନ ପ୍ରାଣୀ ହେବା ହିଁ ସାର।

## ନକଲ ସିନେମା

ଓଡିଶାରେ ଦୁଇ ପ୍ରକାର ସିନେମା ତିଆରି ହୁଏ। ଗୋଟିଏ ଅସଲ ସିନେମା ଆରଟି ନକଲ। ଅସଲ ସିନେମା ହେଲା ଓଡିଆ। ନକଲ ସିନେମା ହେଲା ମୂଳ ସିନେମାଟି ଆଉ ଗୋଟିଏ ଭାଷାରେ ହୋଇଥିବ, ତାହାର ଭାଷା ବଦଳ ଅଧିକାର ଆଣି ଓଡିଆରେ ତାହାକୁ ବଦଳାଇ ରିଲିଜ୍ କରିବା। ଯାହାକୁ କୁହାଯାଏ ଡବିଂ ସିନେମା। ଏହି ଡବିଂ ସିନେମା ଆମର ଓଡିଆ ସିନେମା ଶିଳ୍ପ ପ୍ରତି ଏକ ବିପଦ ବୋଲି ସମସ୍ତେ କହୁଛନ୍ତି କିନ୍ତୁ ପ୍ରତିକାର କିଛି ନାହିଁ। ଏମିତି ବି ହେଉଛି ଆମ ସିନେ ତାରକା ମାନେ ଯେଉଁ ବଙ୍ଗଳା ସିନେମାରେ ଅଭିନୟ କରୁଛନ୍ତି ତାଙ୍କ ସିନେମାକୁ ଏଠି ଡବ୍ କରି ରିଲିଜ୍ କରାଯାଉଛି । ଏହି ସିନେମା ଆମ ସିନେମା ଶିଳ୍ପ ବ୍ୟବସାୟରେ ଭାଗ ବସାଉଛି। ହିନ୍ଦୀ ସିନେମା କଥା ଅଲଗା। ତାହାର ବେପାର ଓଡିଆ ସିନେମା ବ୍ୟବସାୟରେ ଭାଗ ବସାଏ ନାହିଁ। କିନ୍ତୁ ଉତୁରା ସିନେମା ସାଂଘାତିକ। ଦର୍ଶକ ଦ୍ୱନ୍ଦରେ ପଡି, ଏହାକୁ ଓଡିଆ ସିନେମା ଭାବି ଦେଖନ୍ତି ଓ ନିରାଶ ହୁଅନ୍ତି। ଏହି ଅର୍ଥ ଓଡିଆ ସିନେମାକୁ ଆସି ପାରିଥାନ୍ତା। ଆହୁରି ବି ଡବିଂ ସିନେମାକୁ ଓଡିଆ ସିନେମା ଭାବି ଦେଖୁଥିବା ଦର୍ଶକଙ୍କର ଓଡିଆ ସିନେମା ପ୍ରତି ଅରୁଚି ମନୋଭାବ ଆଣେ। ଏ ପର୍ଯ୍ୟନ୍ତ କୌଣସି ଡବିଂ ସିନେମା ହିଟ୍ ହୋଇନାହିଁ। ଡବିଂ ସିନେମାର ପ୍ରଯୋଜକ ଅତି ବେଶିରେ ମାତ୍ର ୧୫ ଲକ୍ଷ ଟଙ୍କାର ପୁଞ୍ଜି ଖଟାଇଥିବେ। ସେତକ ଫେରି ଆସିବା ସହଜ। ୧୯୭୯ରେ ରାଜଶ୍ରୀ ପିକ୍‌ଚର୍ସ, ହିନ୍ଦୀ ସିନେମା 'ତକ୍‌ଦୀର'କୁ ଓଡିଆରେ ଭାଗ୍ୟ କରିଥିଲା, ସେତେବେଳେ ତାହା ହିଟ୍ ହେଲା। ଏହାକୁ ବିରୋଧ କରିଥିଲା ଓଡିଶା ସିନେ ପ୍ରଯୋଜକ ସଂଘ। ଏଣୁ ଅନେକ ବର୍ଷ ଯାଏଁ ଆଉ ଡବିଂ ସିନେମା ଓଡିଶାରେ ହେଲା ନାହିଁ। ପ୍ରାୟ ୩୦ ବର୍ଷଯାଏଁ ଏମିତି ସିନେମାର ଦେଖାମିଳିଲା ନାହିଁ। ଏବେ ପୁଣି ଏଭଳି ସିନେମା ଜୋର୍ ଧରିଛି। ଯେଉଁମାନେ ଏକଦା ଓଡିଆ ସିନେମା ପ୍ରଯୋଜନାର ବ୍ୟବସାୟ କରୁଥିଲେ ସେମାନେ ହିଁ ଡବିଂ ସିନେମା କରୁଛନ୍ତି। କମ୍ ଅର୍ଥ ଖର୍ଚ୍ଚ କର, ମୂଳ ଫେରିପାଅ, ଲାଭ

ବି କର।

# ତ୍ରିକାଳଦର୍ଶୀ

## କୃପାସିନ୍ଧୁ ପ୍ରଧାନ (ଟୁକୁ)

ନିଛାଟିଆ ଖରାବେଳରେ ବୈଶାଖର ପ୍ରଚଣ୍ଡଖରା। ଦୂରରୁ ମାୟାମିରିଗ-ଶୁଖିଲା ଟାଙ୍ଗରା ଭୂଇଁ , କୃଷକ ଭାଇର କ୍ଷେତ। ସବୁଦିନ ପରି ଆଜିମଧ୍ୟ ପିଙ୍କୁ ଡ଼ାକେ ପାଣି ଆଣି ଥୁଣ୍ଟା ବୃକ୍ଷମୂଳେ ଡାଳିଦେଇ କିଛି କିଛି କଥା ହେଉଛି।

ମରିଚୀକାମୟ ଖରାବେଳ। ଅଝାଲ ଅଜଗର ପରି ରାସ୍ତାଟା କଡରେ ଶବରପୁର ମଶାଣୀଠାରୁ ପାଦ ଗଣିଲେ କୋଡିଏ ବାଇଶି ପାଦ ହେବ। ଅଲରା ମଲରା ଝୁଂପୁଡି ଘର। ଆଉ ସେ ଘର ପାଖକୁ ଲାଗି ନିରୀହ ନିରବ ପରି ଲଣ୍ଡା ବୃକ୍ଷଟା ମୂଳେ ପାଣିମୂନ୍ଦେ ଡାଳିଦିଏ। ମାଆ କଥାମାନି କେଉଁ ଅଜଣା ରାଇଜରୁ ଆସୁଥିବା କୁଆକୁ ଅପେକ୍ଷା କରିବସେ। ସକାଳ ହୁଏ-ସନ୍ଧ୍ୟା ହୋଇଯାଏ। ନିଜ ନିଜ ନିଡକୁ ଫେରିବା ବାଟରେ କାକଳି ଦେଇ ଚାଲିଯାଆନ୍ତି। ସୂର୍ଯ୍ୟ ଅସ୍ତ ହୁଅନ୍ତି। ପିଙ୍କୁ ଘରକୁ ପଶିଯାଏ। ତା'ପରେ ରାତି ପୁଣି ଶୂନ୍‌ଶାନ୍ ହୋଇଯାଏ।

ଥୁଣ୍ଟା ବୃକ୍ଷମୂଳରୁ ମଶାଣୀର ଶେଷ ଧୂଆଁ କେତେ ଖଣ୍ଡ ପୋଡା କୋକେଇ କାଠ, ଆଖି ପିଛଡା ଠାରୁ ବେଶୀ ଦୂରରେ ନୁହଁ। ସାତତାଳ କାଚକେଳୀ ପାଣିରେ ଯେମିତି ସ୍ୱଚ୍ଛ ଦେଖିହୁଏ, ଲଣ୍ଡା କି ଥୁଣ୍ଟା ବୃକ୍ଷର ଶେଷ ସଂକେତରେ ସଜଳ ଦିଶୁଥିବା ଶେଷ ସବୁଜ ପତ୍ର ଠକ୍ କରି ଝରିପଡେ ଭୂମିସହ ମିତ୍ରତା ଆଙ୍କୁଥିବା ଝରାପତ୍ର ଉପରେ। ମର୍ମର ହୋଇ ମିଶିଯିବା ପରି ଲାଗେ। ପିତାଂବର ମଉସା ଖଡିଗଣି କହୁଥିଲେ, ପିଙ୍କୁ ବାପା ବଞ୍ଚିଛନ୍ତି। ତାଙ୍କର ଶନିଗ୍ରହ ରିଷ୍ଟଯୋଗୁଁ ସେ ଘରକୁ ଫେରିବାରେ ବିଳମ୍ବ ହେଉଛି। ହେଲେ ମଙ୍ଗଳର ମଙ୍ଗଳ ଦୃଷ୍ଟିରେ ପିଙ୍କୁ ବାପା ଜଣେ ଉତ୍ତମ ପ୍ରକୃତିର ମଣିଷ; ପୂର୍ବଜନ୍ମର ଉତ୍ତମ କାର୍ଯ୍ୟ ସକାଶେ ବିଳମ୍ବ ସତ୍ତ୍ୱେ ବି ସେ ଫେରୁଛନ୍ତି। ଖବର କାଗଜରେ, ଟିଭିରେ, ରେଡିଓରେ ସରକାର ମୃତ ଘୋଷଣା କରିଛନ୍ତି ସତ। ତାହା ପ୍ରକୃତ ପକ୍ଷେ ସତ୍ୟ ନୁହେଁ।

ନାରୀସିଏ। ସ୍ୱାମୀର ଏଭଳି ଅବସ୍ଥା। ସେପାଖରେ ପିଙ୍କୁର ପ୍ରଶ୍ନ। ତା'ଛଡା ସାହି ପଡିଶା ନେଇ ଘର। ଭିନ୍ନ ହେଲା ଭାଇ ତ ପଡିଶାକୁ ସରି ନୁହଁ। 'ନ' କୁ 'ଛ' ଯୋଡି କହିବାରେ ଯେମିତି ଧୁରନ୍ଧର ସେମାନେ- ମଣିଷ ଚଳିବା କଷ୍ଟକର। ଆଉ ରହିଲା ପିଙ୍କୁ!! ଗୁରୁଜୀ ଗୁରୁମା କହନ୍ତି ପିଙ୍କୁ କୁଆଡେ ଭଲ ପଢେ, କିନ୍ତୁ ଆଜିକାଲି ଅଧିକାଂଶ ସମୟ ଅନ୍ୟମନସ୍କ ରହୁଛି।

ପିଙ୍କୁ ବୋଉ ବି ଅଶିକ୍ଷିତ ନୁହେଁ। ପୁଣି ସେ ଜନ୍ମଦାତ୍ରୀ ମା। ତାଙ୍କୁ ଏ କଥା ଭଲ ଭାବେ ଜଣା। ଦୁନିଆ ଲୋକଙ୍କ ଭିନ୍ନ ଭିନ୍ନ କଥା। ପିଙ୍କୁ ବାପା ଘରକୁ ଆସିଲେ ଆଜ୍ଞା ଆଜ୍ଞା କହି ହାତ ଯୋଡୁଥିଲେ। ରତିକାନ୍ତ ମଉସାଙ୍କ ଏତେ ସଂପତ୍ତି ସତ୍ତ୍ୱେ ତାଙ୍କ ପୁଅକୁ କୌଣସି କୂଳକୁ ଲଗେଇ ଦେବାକୁ କହୁଥିଲେ। ଆଉ ଆଜି ପ୍ରସାଦ ସାମନ୍ତରାୟ ନାହିଁ ବୋଲି ଗାଁଲୋକେ ମିଶି ଘରକୁ ଭାଙ୍ଗି ଗୋଠଖଣ୍ଡିଆ କରିଦେଲେ। ବିଧବାନାରୀକୁ ଗାଁ ମଧ୍ୟରେ ଆଶ୍ରୟ ଦେବାଠାରୁ ଅଶୁଭ ବୋଧହୁଏ ଆଉ କିଛି ନଥିଲା।

ପ୍ରକୃତିର ବିଚାର। ଦୁନିଆରେ ଏମିତି କୌଣସି ଲୋକ ନାହିଁ ଯେ ସମାଲୋଚନାର ଶୀକାର ହୋଇନି। ଭାରତଠାରୁ ଆମେରିକା ପର୍ଯ୍ୟନ୍ତ ସବୁଲୋକ ଏହିପରି। ଦେଉଳ ତୋଳିଲେ ନାଁ, ଅପରାଧୀ ହେଲେ ବି ନାଁ।

ରାମ ରାମ କହି ପିତାଂବର ମଉସା ଘର ଭିତରକୁ ପଶିଆସିଲେ। ଖୁସି ଖୁସିରେ ଖଡଖଡିଆ କଣ୍ଠରେ ପିଙ୍କୁ ପିଙ୍କୁ ଡାକ ପକେଇ। ସଅଳ ସଅଳ ସାଧା ପାଣିମୁନ୍ଦେ ଡାଳି ଦେଇ ଆସିବାକୁ କହିଲେ ତାକୁ। ଜ୍ୟୋତିଷ ଶାସ୍ତ୍ର କ'ଣ ମିଛ ହୁଏ? ଆଜି ପାଞ୍ଚ ପାଞ୍ଚଥର ଖଡି ଫିଙ୍ଗିଛନ୍ତି- ପ୍ରସାଦ ସାମନ୍ତରାୟ ଫେରୁଛି, ଫେରୁଛି!!!

ସରକାରୀ ଗାଡି ସବୁଜ ସଙ୍କେତ ଦେଇ ଶବରପୁରକୁ ଆସିବା ବେଳକୁ ସିନ୍ଦୁରା ଫାଟିବା ଶେଷ ହୋଇନଥିଲା।

**କହୁଆ, ରାଜନଗର, କେନ୍ଦ୍ରାପଡା**
**୭୫୪୨୨୫, ଓଡିଶା**

# ଏସ୍‌ଏମ୍‌ଏସ୍‌ରେ ଛୁଟି ଦରଖାସ୍ତ

## ସଂଜିତ୍ କୁମାର ସାହୁ

କିଛି ଦିନତଳେ ଜଣେ ବନ୍ଧୁଙ୍କ ଘରକୁ ବୁଲିଯାଇଥିବା ବେଳେ ବନ୍ଧୁ ପୁଅକୁ ଗାଳି କରୁଥିବାର ଦେଖିବାକୁ ପାଇଲି । କଥା କ'ଣ ବୁଝିଲା ବେଳକୁ ଜାଣିଲି ଯେ ତା'ଙ୍କ ପୁଅ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେବ । ମାତ୍ର ସେ ଇଂରେଜୀରେ ଏକ ଦସ୍ତଖତ ଠିକ୍ ରୂପରେ ଲେଖିନଥିବାରୁ ବନ୍ଧୁ ତାକୁ ଗାଳି କରୁଥିଲେ । ହେଲେ ତାଙ୍କ ପୁଅ ଛାଡିବା ଲୋକ ନୁହେଁ । ମୋତେ ଦେଖି ତା ସାହାସ ବଢିଗଲା । ସେ କହିଲା, 'କିଛି ଦିନ ତଳେ 'ସମ୍ବାଦ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଏକ ବିରାଟ କଂପାନୀର କର୍ମଚାରୀ ମାନେ କିପରି ଛୁଟି

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଦରଖାସ୍ତରେ ଭୁଲ କରିଛନ୍ତି ।' ତା'କଥା ଶୁଣି ମୁଁ ତୁରନ୍ତ କିଛି ନ କହିଲେ ମଧ୍ୟ ମନେ ମନେ ଭାବିଲି ପିଲାଟି ସତ କହୁଛି ଓ ତା'ର ଭୁଲ କିଛି ନାହିଁ ।

ପିଲାଟିର କଥାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବର୍ତ୍ତମାନର 'ଡିଜିଟାଲାଇଜ୍‌ଡ ସମାଜ'ରେ ସବୁକିଛି 'କାମଚଳା ନୀତି'ରେ ଚାଲିଛି । ଆମେ କେହି କୌଣସି ଭାଷା (ଦେଶୀ କିମ୍ବା ବିଦେଶୀ)କୁ ଶିଖିବା ଉପରେ ବିଶେଷ ଗୁରୁତ୍ୱ ଦେଉନାହାନ୍ତି । କାରଣ ବର୍ତ୍ତମାନର ନୂଆ ଅର୍ଥନୀତିରେ କିଏ କେତେ ରୋଜଗାର କରୁଛି ତାହାହିଁ ବିରାଟ ପ୍ରଶ୍ନ । ଆଜି ଆମେ ଜଣକୁ ଯେତେବେଳେ ବହୁଦିନ ପରେ ଭେଟିବା ସେ ପ୍ରଥମେ କହିବ ଯେ ତା' ପୁଅ ଅମୁକ ବିଦେଶୀ କଂପାନୀରେ ଅଛି ଓ ଏତିକି ଡଲାର ପାଉଛି । ସେ କେବେ ପଚାରୁନାହିଁ ଯେ କେମିତି ଅଛ ଓ ବହୁଦିନ ପରେ ଦେଖା ହେଲା ଏଣୁ ସେ ଖୁସି ଇତ୍ୟାଦି ଇତ୍ୟାଦି । ଅବଶ୍ୟ ତା'ଙ୍କର କିଛି ଭୁଲ ନାହିଁ । କାରଣ ଭାରତୀୟ ସମାଜରେ ଆଉ ସେ ପୂର୍ବର ମୂଲ୍ୟବୋଧ ନାହିଁ । ବର୍ତ୍ତମାନ ଆମ ସମାଜ 'ଡଲାର ଭଗବାନ'ଙ୍କୁ ପାଇବାକୁ ବିକଳ ।

ଭାଷା ଶିଖିବା ଏକ ସହଜ କଥା ନୁହେଁ । ଏହା ପିଲା ବେଳରୁ ଧିରେ ଧିରେ ଶିଖିବାକୁ ପଡିଥାଏ । ଯେମିତି ପିଲାଟିଏ ଜନ୍ମ ହେଲା ପରେ ସାମାଜିକ ପ୍ରାଣୀ ହେବାକୁ ସେ ବିଭିନ୍ନ କଥା ପିଲାବେଳୁ ଶିଖିଥାଏ, ସେହିପରି ତାକୁ ଯେ କୌଣସି ଭାଷା ମଧ୍ୟ ଶିଖିବାକୁ ହୋଇଥାଏ । ବିଡମ୍ବନାର କଥା ନୂତନ ଅର୍ଥନୀତି ଗ୍ରହଣ ପରେ ଭାଷା ଓ ଭାଷାବିତ୍‌ଙ୍କ ଗୁରୁତ୍ୱ ଲୋପ ପାଇବାକୁ ବସିଛି । କେତେଜଣ ବାପାମାଆ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟମାନେ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି?

ଆମେ ଲକ୍ଷ୍ୟ କଲେ ଜାଣିପାରିବା ଯେ କୌଣସି ଛାତ୍ରର ପ୍ରକୃତ ପାଠପଢାର ମାପକାଠି ଦଶମ ଶ୍ରେଣୀଠାରୁ ଆରମ୍ଭ ହୁଏ । କାରଣ ସେହିଠାରୁ ସେ ସମାଜରେ କିପ୍ରକାରର ପ୍ରାଣୀ ହୋଇ ବଞ୍ଚିବ ତାହାର ମୂଳଦୁଆ ପଡିଥାଏ । ତେଣୁ ଦଶମ ଶ୍ରେଣୀଠାରୁ କେମିତି ଅଧିକ ମାର୍କ ପରୀକ୍ଷାରେ ରଖିବ ସେ ବିଷୟ ବିଦ୍ୟାଳୟର ଶିକ୍ଷା ଉପରେ ନିର୍ଭର କରୁଥାଏ । ତେଣୁ ବିଦ୍ୟାଳୟକୁ ଦେଖିଲେ ଆପେ ଆପେ ଜାଣିପାରିବା ଯେ ପିଲାଙ୍କ ଭାଷାଗତ ଜ୍ଞାନ କେତେ ଦୃଢ଼ । ଅବଶ୍ୟ ସେମାନଙ୍କୁ ଦୋଷ ଦେଇ କିଛି ଲାଭନାହିଁ । କାରଣ ଆମ ରାଜ୍ୟର ସର୍ବାଧିକ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟରେ ପଢନ୍ତି । ମାତ୍ର ସରକାରୀ ବିଦ୍ୟାଳୟରେ ପାଠପଢା ବିଷୟରେ ନ କହିବା ଭଲ । ସରକାର ଉଚ୍ଚ ବିଦ୍ୟାଳୟ ଗୁଡିକରେ ସଂସ୍କୃତ, ହିନ୍ଦୀ, ବିଜ୍ଞାନ ଓ ଗଣିତ ପଢ଼ାଇବା ପାଇଁ ସେହି ବିଷୟରେ ପାଠ ପଢିଥିବା ବ୍ୟକ୍ତିଙ୍କୁ ଶିକ୍ଷକରୂପେ ନିଯୁକ୍ତି ଦେଉଥିବା ବେଳେ, ଇଂରେଜୀ ପାଠ ପଢାଇବା ପାଇଁ ଇଂରେଜୀ ବିଷୟ ରଖି ଉଚ୍ଚତର ପାଠ ପଢିଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦେଉନାହାନ୍ତି । ତେଣୁ ଇଂରେଜୀ ପଢାନ୍ତି ଯେକୌଣସି ଶିକ୍ଷକ, ଯେପରିକି ଏହା ଏକ ପିଲାଖେଳ । ଯଦିଓ ଏହାର କୁପରିଣାମ ସଂଗେ ସଂଗେ ଜଣା ପଡି ନଥାଏ ମାତ୍ର ପିଲାଟି

ଯେତେବେଳେ ବଡ ହୋଇ ଧିରେ ଧିରେ ଉଚ୍ଚ ଶ୍ରେଣୀରେ ପାଠ ପଢିଥାଏ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ବସିଥାଏ ସେତେବେଳେ ତା'ପାଇଁ କାନ୍ଦିବା ଛଡା କିଛି ନଥାଏ । ଅନ୍ୟ ଏକ କାରଣ ହେଲା ଯେ ଆମେ ଆଜି ଅତ୍ୟଧିକ ମେସିନ ଉପରେ ନିର୍ଭରଶୀଳ । ଯାହା ଫଳରେ ଆମର ସ୍ମୃତି ଶକ୍ତି ଧିରେ ଧିରେ ଲୋପପାଇବାକୁ ବସିଲାଣି । ଗୋଟିଏ ଛୋଟ ହିସାବ କରିବାକୁ ଆମେ କାଲ୍‌କୁଲେଟର୍ ବା କଂପ୍ୟୁଟର୍ ବ୍ୟବହାର କରିବା ଶିଖିଲେଣି । ସେହି ପରି ଟେଲିଯୋଗାଯୋଗରେ ବିପ୍ଲବ ଆସିବା ପରେ ଚିଠିପତ୍ର କାରବାର କମ ଯାଇଛି । 'ଚିଠି ପାଇ ଚିଠି ଦେବ' ବୋଲି ପଦୁଟିଏ ଆଜିକାଲି ଶୁଣିବାକୁ ମିଳୁନି । ତା'ବଦଳରେ ମୋବାଇଲ୍‌ରେ ଏସ୍‌ଏମ୍‌ଏସ୍ ଓ କଂପ୍ୟୁଟର୍‌ରେ ଇ-ମେଲ୍ ପ୍ରେରଣ ବଢିଛି । ତେଣୁ ଏମିତି ଦିନ ଦୂର ନାହିଁ ଯେଉଁଦିନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନଯାଇ ନିଜ ନିଜ ମୋବାଇଲ୍‌ଦ୍ୱାରା ଏସ୍‌ଏମ୍‌ଏସ୍ କରି ଛୁଟି ଦରଖାସ୍ତ ପଠାଇବେ!!!



# ବର୍ଷ ୨୦୦୬ ହିସାବ ନିକାଶ

ବର୍ଷ ୨୦୦୬ରେ ରାଜ୍ୟରେ ଅନେକ ଘଟଣା ଘଟିଛି । ଏଥିମଧ୍ୟରୁ କିଛି ସାରା ରାଜ୍ୟ, କିଛି ରାଜ୍ୟ ସୀମା ଡେଁ ସାରା ଦେଶ, ଆଉ କିଛି ଘଟଣା ଦେଶ ସୀମା ଡେଇଁ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ଖୋରାକ ଯୋଗାଇଛି । ଆହୁରି ଏମିତି ଅନେକ ଘଟଣା ଘଟିଛି, ଯାହା ଜିଲ୍ଲା କିମ୍ବା ବ୍ଲକ ସ୍ତରେ ଚହଳ ସୃଷ୍ଟି କରିଛି । ଜିଲ୍ଲା ସ୍ତରରେ ଏ ସବୁ ଘଟଣାର ଗୁରୁତ୍ୱ ଯଥେଷ୍ଟ ଅଧିକ । ଓଡିଶାର ୩୦ଟି ଜିଲ୍ଲାରେ ଏଭଳି କିଛି ନା କିଛି ଘଟଣା ଘଟିଛି ଗତ ୩୬୫ଅ ଦିନ ଭିତରେ । ଓଡିଶାର ସର୍ବାଧିକ ପ୍ରସାରିତ ସମ୍ବାଦପତ୍ର 'ସମ୍ବାଦ'ରେ ଜିଲ୍ଲା ପ୍ରତିନିଧିମାନଙ୍କ ସ୍ମୃତିରୁ ଏ ସବୁ ଘଟଣାବଳୀର ଉପସ୍ଥାପନ ବର୍ଷ ୨୦୦୬ ହିସାବ ନିକାଶ

## ତିନିଟି ହିଂସା

**ମାଲ୍କାନଗିରି:** ୨୦୦୬ ବର୍ଷରେ ବର୍ତ୍ତମାନ ସୁଦ୍ଧା ଘଟିଯାଇଥିବା ନକ୍ସଲ ହିଂସାକୁ ତର୍ଜମା କଲେ ମାଲକାନଗିରି ଜିଲ୍ଲାରେ ତିନୋଟି ବଡ ଘଟଣା ଘଟିଛି । ଏହି ତିନୋଟି ଯାକ ଘଟଣାରେ ନକ୍ସଲ ମାନେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଟାର୍ଗେଟ୍ କରି ପୂର୍ବ ପ୍ରସ୍ତୁତି ପ୍ରକାରେ ହତ୍ୟା କରିଛନ୍ତି । ପ୍ରଥମ ଘଟଣାଟି ହେଉଛି ସାପ୍ତାହିକ ହାଟରେ ମୋଟୁ ଥାନାର ଭାରପ୍ରାପ୍ତ ଅଧିକାରୀ ଦୁର୍ଗାଚରଣ ମିଶ୍ରଙ୍କୁ ହତ୍ୟା । ୨୦୦୬ ଜୁନ୍ ୩ ତାରିଖ ପୂର୍ବାହ୍ନ ସାଢେ ଏଗାରଟା । ମୋଟୁ ଥାନା ଅଧିକାରୀ ଓ ଏଏସ୍ଆଇ ଟଙ୍କଗିରି ଭୋଇ ଏମ୍ଭି-୮୮ ସାପ୍ତାହିକ ହାଟର ଏକ ଫଳ ଦୋକାନରେ ବସିଥିଲେ । ଏଏସ୍ଆଇ ଭୋଇ ଚା' ପିଇବାକୁ ପାଖ ଦୋକାନକୁ ଯାଇଥିବା ବେଳେ ନକ୍ସଲମାନେ ଥାନା ଅଧିକାରୀଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ । ପ୍ରାୟ ୩ ଜଣ ନକ୍ସଲ ମାତ୍ର ୧୦ ଫୁଟ ଦୂରରୁ ଗୁଳିଚଳାଇବାରୁ ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା ଏବଂ ଦ୍ୱିତୀୟ ଗୁଳିଟି ତାଙ୍କ ଆଖିରେ ପଶି ବିପରୀତ ପାର୍ଶ୍ୱରେ ବାହାରି ଯାଇଥିଲା । ପୁଲିସ ଉପରେ ପ୍ରତିଶୋଧ ନେବା ପାଇଁ ନକ୍ସଲମାନେ ଏହି ହତ୍ୟାକାଣ୍ଡ ଘଟାଇଥିଲେ । କାରଣ ମେ' ୩୦ ତାରିଖ ଦିନ ଓଡିଶା ପୁଲିସର ଗ୍ରେ-ହାଉଣ୍ଡ୍ ଦଳ ଓ ଆନ୍ଧ୍ର ସିଆର୍ପିଏଫ୍ ପୁଲିସ ସହ ମାଲକାନ୍ଗିରି ଜିଲ୍ଲାର ନକ୍ସଲବାଡି ଭାବେ ପରିଚିତ



ଟେକ୍‌ଗୁଡାରେ ଗୁଳିବିନିୟମ ଯୋଗୁଁ କାଲିମେଲା ଦଳମ୍‌ର ୨ଜଣ ନକ୍ସଲ କ୍ୟାଡରଙ୍କ ମୃତ୍ୟୁ ଘଟିଥିଲା । ମୋଟୁ ଥାନା ଅଧିକାରୀଙ୍କୁ ହତ୍ୟାର କିଛି ମାସ ପର୍ଯ୍ୟନ୍ତ ମାଲ୍‌କାନ୍‌ଗିରି ଜିଲ୍ଲାରେ ନକ୍ସଲମାନେ କିଛିଟା ନିରବତା ଅବଲମ୍ବନ କରିବା ପରେ ଅକ୍ଟୋବର ୧୨ ତାରିଖ ବିଳମ୍ବିତ ରାତିରେ କାଲିମେଲା ଥାନା ଅନ୍ତର୍ଗତ ଏମ୍‌ଭି ୭୬ ଗ୍ରାମର ଜାଳୀପଦ ରାୟଙ୍କ ପୁଅ କାର୍ତ୍ତିକ ରାୟ(୫୦)ଙ୍କୁ ଘରୁ ଅପହରଣ କରି ନେଇ ହତ୍ୟା କରିଥିଲେ ।

ନକ୍ସଲମାନେ ସଂପୃକ୍ତ ଥିବା ଚଳିତ ବର୍ଷର ତୃତୀୟ ଘଟଣାଟି ଘଟିଛି ଅକ୍ଟୋବର ୩୦ ତାରିଖ ସକାଳ ସାଢେ ଛଅଟା ସମୟରେ । କୋରୁକୋଣ୍ଡା ଗାଁର ସାହୁକାର ବନ୍ଧୁ ବେହେରା ବସ୍‌ଷ୍ଟାଣ୍ଡ ଛକରେ ଚା' ପିଇ ଦୋକାନ ଖୋଲିବା ପାଇଁ ଆସୁଥିବା ବେଳେ ନକ୍ସଲମାନେ ତାଙ୍କୁ ଅନୁସରଣ କରି ସାଇକେଲ୍‌ରେ ଆସିଥିଲେ । ସକାଳୁ କିଛି ବେପାର ହେବା ଆଶାରେ ବନ୍ଧୁ ନିଜର ଚଣ୍ଡିସାହିସ୍ଥ ଟେଲିଫୋନ୍ ଏକ୍ସଚେଞ୍ଜ ସାଂନାରେ ଥିବା ଦୋକାନ ଖୋଲିଥିଲେ । ସାଇକେଲ୍‌ରେ ଆସିଥିବା ୪ ଜଣ ସାଧା ପୋଷାକଧାରୀ ନକ୍ସଲମାନେ ବନ୍ଧୁ ବେହେରାଙ୍କୁ ବ୍ରସ୍ ଓ ଟୁଥ୍ ପେଷ୍ଟ୍ ମାଗିଥିଲେ । ସେ ଏହି ଜିନିଷ ବାହାର କରୁଥିବା ବେଳେ ଅଚାନକ ସାମନା ପଟୁ ତାଙ୍କ ଉପରକୁ ଗୁଳି ହୋଇଥିଲା । ୪ଟି ଗୁଳି ଶରୀର ଭେଦ କରିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

**ଈଶ୍ୱର ପଟ୍ଟନାୟକ**

## ବଜ୍ରପାତରେ ୭୪ଅ ଗାଈଗୋରୁ ମୃତ

ଖୋର୍ଦ୍ଧା: ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବାଯପୁର ପଞ୍ଚାୟତର ଛତିପୁର ଗ୍ରାମର ଅଗଷ୍ଟ ମାସ ୧୬ତାରିଖ ଅପରାହ୍ନ ୨ଟା ବେଳେ ଆକସ୍ମିକ ବଜ୍ରପାତରେ ୭୪ଟି ଗାଈଗୋରୁ ମୃତ୍ୟୁବରଣ କରିଥିବା ବେଳେ ୧୧୩ଟି ଗାଈ ଆହତ ହୋଇଥିଲେ । ଅପରାହ୍ନରେ ଛତିପୁର ଗ୍ରାମର ଗାଈଗୋଠ ନିକଟସ୍ଥ କେରେଣ୍ଡାଟାଙ୍ଗି ପଡିଆଠାରେ ଚରୁଥିଲେ । ଅପରାହ୍ନ ଗୋଟାଏରେ ପ୍ରବଳ ବର୍ଷା ପରେ ୨ଟା ପାଖାପାଖି ବଜ୍ରପାତ ହୋଇଥିଲା । ପ୍ରାୟ ୩ଶହ ଗାଈ ଏକତ୍ର ଗୋଟିଏ ଗୋଠରେ ଚରୁଥିଲା ବେଳେ ବଜ୍ରପାତର କିଛି ସମୟ ପୂର୍ବରୁ ଶତାଧିକ ଗାଈ ଗାଁମୁଣ୍ଡ ଆଡକୁ ପଳାଇ ଆସି ରକ୍ଷା ପାଇଯାଇଥିଲେ । କିନ୍ତୁ ଏକତ୍ର ଚରୁଥିବା ୭୪ଟି ଗାଈ ଅକାଳ ମୃତ୍ୟୁବରଣ କଲେ । ଅନତି ଦୂରରେ ଥିବା ୧୧୩ଟି ଗାଈଗୋରୁ ସାମାନ୍ୟ ଆହତ ମଧ୍ୟ ହୋଇଥିଲେ ।



ବଜ୍ରପାତରେ ଗାଈଚରାଳୀ ପ୍ରକାଶ ନାୟକ ଆହତ ହୋଇଥିଲା ବେଳେ ପ୍ରଭା ନାୟକ ଓ ରବି ନାୟକ ରକ୍ଷା ପାଇଯାଇଥିଲେ । ଆହତ ଗୋରୁମାନଙ୍କୁ ବାଜପୁର ପଶୁ ଚିକିତ୍ସାଳୟରେ ସାଲାଇନ୍ ଦେଇ ଚିକିତ୍ସା କରିବା ପରେ ସେମାନେ ସୁସ୍ଥ ହୋଇଥିଲେ । ଏ ଘଟଣା ପରେ ଆଖପାଖ ଗ୍ରାମର ଶହ ଶହ ଲୋକ ଘଟଣାସ୍ଥଳରେ ଭିଡ ଲଗାଇଥିଲା ବେଳେ ସେହିଦିନ ସନ୍ଧ୍ୟା ୭ଟାରେ ସମସ୍ତ ମୃତ ଗୋରୁଗୁଡିକୁ ସମୂହ ଭାବେ ସମାଧି ଯାଇଥିଲା । ୩ଟି ଜେସିବି ମେସିନ ଡକାଯାଇ ଗାତଖୋଳି ସମସ୍ତ ମୃତ ଗୋରୁଗୁଡିକୁ ସମୂହ ପୋତାଯିବା ବେଳେ ଉପସ୍ଥିତ ଜନତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା । ଛତିପୁର ଗ୍ରାମର ୪୫ଜଣ ଗରିବ ପରିବାରର ଗାଈଗୋରୁ ମରିଯାଇଥିବାରୁ ସେମାନଙ୍କ ମଧ୍ୟରେ ଦୁଃଖର ବାଦଲ ଖେଳିଯାଇଥିଲା । ସେମାନଙ୍କୁ କ୍ଷତିପୂରଣ ଦେବାପାଇଁ ସରକାରୀ ରିଲିଫ୍ କୋଡରେ କୌଣସି ବ୍ୟବସ୍ଥା ନଥିଲା ବେଳେ ସରକାରୀ ସ୍ତରରେ ଆଲୋଚନାପରେ ଯାହା ସମ୍ଭବ କ୍ଷତିପୂରଣ ସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଏଭଳି ଘଟଣା ଆମ ଜୀବନକାଳ ମଧ୍ୟରେ ଆମେ ଦେଖିବା ତ ଦୂରର କଥା କାନରେ ଶୁଣିନାହୁଁ ବୋଲି ଖୋର୍ଦ୍ଧା ଅଞ୍ଚଳର ବହୁ ଶତାୟୁ ମତ ଦେଇଥିଲେ । ରାଜ୍ୟରେ ଏଭଳି ଘଟଣା ପ୍ରଥମଥର ପାଇଁ ଘଟୁଥିବାରୁ ରିଲିଫ କମିଶନର ବାସ୍ତବତାକୁ ହୃଦୟଙ୍ଗମ କରି କ୍ଷତିପୂରଣ ଦେବେ ବୋଲି ଚାଷୀ ମାନେ ଆଶାବାନ୍ଧି ବସିଥିଲେ

ମଧ୍ୟ ଏଯାଏଁ ଆଶା ହିଁ ଆଶାରେ ରହିଯାଇଛି ।

**ସରୋଜ ସାହୁ**

## କଟକ ପାଇଁ ହତ୍ୟା, ରକ୍ତପାତର ବର୍ଷ

ଦୁଇ ହଜାର ଛଅ ବର୍ଷଟି କଟକ ଜିଲ୍ଲା ପାଇଁ ଆଦୌ ଶୁଭଙ୍କର ନ ଥିଲା । ଗ୍ୟାଙ୍ଗୱାର, ସୁପାରି ହତ୍ୟାକାଣ୍ଡ, ମଦମୃତ୍ୟୁ, ବାଣ ବିସ୍ଫୋରଣ, ବଡ ଡାକ୍ତରଖାନାରୁ ପିଲାଚୋରି, ଦୁର୍ଘଟଣା, ଲୁଟ୍, ରାହାଜାନି ପରି ଅଘଟଣ ଓ ଅଶୁଭ ଖବରମାନ, ପୂରାବର୍ଷଟିକୁ ଏକରକମ ନିଜ ଖାପଚରେ ରଖିଥିଲା ।

କ୍ରାଇମ୍ କ୍ୟାପିଟାଲ୍ କଟକ ସହରରେ ଘଟିଥିବା ଅସଂଖ୍ୟ ଅପରାଧ ଭିତରୁ ୫ଟି ହତ୍ୟାକାଣ୍ଡ ଥିଲା ଅତ୍ୟନ୍ତ ଜଘନ୍ୟ । ପୁଣି ସେଥିରୁ ୪ଟି ଥିଲା ଖାସ୍ ପୁରୁଣା ଗ୍ୟାଙ୍ଗୱାର୍‌ର ପରିଣାମ । ଜାଣୁଆରୀ ୧୮ତାରିଖ ରାତି ୯ଟାରେ ଧଳସାମନ୍ତ ଭ୍ରାତା ଗ୍ୟାଙ୍ଗ୍ ସହ ପୁରୁଣା ଶତ୍ରୁତାର ଶିକାର ସାଜିଥିଲେ ମାନସିଂହପାଟଣାର ନିରୀହ ଯୁବକ ଚଣ୍ଡିଆ ଓରଫ ହେମନ୍ତ ପୃଷ୍ଟି । ଫେବୃଆରୀ ୧୩ରେ ଗୁଳି ଚାଲିଥିଲା ରାଣୀହାଟ ବନଦୁର୍ଗା ମନ୍ଦିର ପରିସରରେ । ବିଗତ ଦିନର କୁଖ୍ୟାତ ଗ୍ୟାଙ୍ଗଷ୍ଟର୍ ପଦିଆର ସାନଭାଇ ପ୍ରଶାନ୍ତଙ୍କୁ ହତ୍ୟା ଯୋଜନା ଭିତରେ ବଳିପଡିଥିଲା କେନ୍ଦ୍ରାପଡା ଅଞ୍ଚଳର ସୁପାରୀ କିଲର୍ ସେକ୍ ଗବ୍ବର୍ । ମେ ୧୪ ତାରିଖ ଦିନ ଦିପହରରେ ପାଲାମଣ୍ଡପ ବିଚ୍ ରାସ୍ତାରେ ନୂରିଆ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା । ଚତୁର୍ଥ ହତ୍ୟାକାଣ୍ଡ ଘଟିଲା ଅଗଷ୍ଟ ୧୫ ରାତି ୮ଟାରେ । ବ୍ୟାବସାୟିକ ଶତ୍ରୁତା କାରଣରୁ ରାଜାବଗିଚା ଲେବରକଲୋନୀ ଅଞ୍ଚଳର ମୋବାଇଲ୍ ଦୋକାନ କରିଥିବା ପମେଲା ଓରଫ୍ ପ୍ରମୋଦ ସାହୁଙ୍କୁ ଦୋକାନରୁ ଡାକି ଆଣି ବାହାରେ ଗୁଳିକରି ହତ୍ୟା କରାଗଲା । କାହାଣୀ ଯେଉଁଠୁ



ଆରମ୍ଭ ସେଇଠି ଶେଷ ନ୍ୟାୟରେ, ପଞ୍ଚମ ହତ୍ୟାକାଣ୍ଡଟି ଘଟିଲା ଧଳସାମନ୍ତ ଭ୍ରାତାଙ୍କ ଗ୍ୟାଙ୍ଗ୍ ଶତ୍ରୁତା ଯୋଗୁଁ । ଏଥିରେ ବଳି ପଡିଲେ ସେଲ୍‌ଟର୍ ଛକ ଅଞ୍ଚଳର ଅବନା ମାଳିଆ । ଏ ପାଞ୍ଚଟି ମର୍ଡରକୁ ବାଦ୍ ଦେଲେ ଟାଙ୍ଗୀ, ଚୌଦ୍ୱାର, ମାହାଙ୍ଗା, ସାଲେପୁର, ବାଙ୍କୀ, ଆଠଗଡ, ଗୋବିନ୍ଦପୁର ପରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏକାଧିକ ହତ୍ୟା ଓ ଲୁଟ୍ ଘଟଣା ସାଧାରଣରେ ତ୍ରସ୍ତତା ଖେଳାଇ ଦେଇଥିଲା । ତେବେ ଏବର୍ଷର ଲମ୍ବା ଅପରାଧ-ତାଲିକା ଭିତରେ ଦୁଇଟି ଥିଲା ସବୁଠୁ ବେଶୀ ବୀଭତ୍ସ ଓ ନାରକୀୟ ।

ସେପ୍‌ଟେମ୍ବର ୧୫ ତାରିଖ ସକାଳୁ ବାଙ୍କି ଉପଖଣ୍ଡର ବୈଦେଶ୍ୱର ଥାନାର କନ୍‌ଷ୍ଟେବଲ୍ ବୃନ୍ଦାବନ ସାହୁଙ୍କ ବଡସାହିସ୍ଥ ଘର ଭିତରୁ ସନ୍ଦେହଜନକ ଭାବେ ମିଳିଥିଲା ତିନିଟି ଶବ । ସକାଳୁ ଲୋକେ ଦେଖିଲା ବେଳକୁ ବୃନ୍ଦାବନଙ୍କ ପତ୍ନୀ କଳ୍ପନା, ଝିଅ ବନିତା ଓ ପୁଅ ରାକେଶଙ୍କ ଶବ ଓହଳିଥିଲା ଘର ଭିତରେ । ଆରମ୍ଭରୁ ହିଁ, ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଏହା ଆତ୍ମହତ୍ୟା ନଥିଲା, ହତ୍ୟା ଥିଲା ବୋଲି ସନ୍ଦେହ ଉପୁଜିଥିଲା ସବୁରି ମନରେ । ଗଣମାଧ୍ୟମର ସକ୍ରିୟ ଭୂମିକା ଓ ଜନମତର ଚାପ ପୁଲିସ୍‌କୁ ବାଧ୍ୟ କରିଥିଲା ତଦନ୍ତକୁ ମୋଡ ଦେବାପାଇଁ । ଫଳରେ ବାହାରକୁ ଆତ୍ମହତ୍ୟା ପରି ମନେ ହେଉଥିବା ଏ ଘଟଣାଟି ଅସଲରେ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା । ସବୁରକମ ଚେଷ୍ଟାସତ୍ତ୍ୱେ ବିଭାଗୀୟ କର୍ମଚାରୀଟିକୁ ଘଣ୍ଟ ଘୋଡାଇ ପାରି ନ ଥିଲା ପୁଲିସ୍ । କନ୍‌ଷ୍ଟେବଲ୍ ବୃନ୍ଦାବନ ନିଜ ଭାଇ ରତ୍ନାକର ସହିତ ଗିରଫ ହୋଇଥିଲା । ସେମିତି, ଜୁଲାଇ ୭

ତାରିଖ ମଧ୍ୟରାତ୍ରୀରେ ସାଲେପୁର ଥାନା ନିଶ୍ଚିନ୍ତକୋଇଲି ଫାଣ୍ଡି ଅନ୍ତର୍ଗତ ସୁକରପଡା ଜୋରପାରି ଗାଁରେ ଘଟିଥିଲା । ଆଉ ଏକ ବୀଭତ୍ସ ହୃଦୟବିଦାରକ କାଣ୍ଡ । ଜମିବାଡି ଜନିତ ମାମୁଲି କଳିଝଗଡା ଓ ଏକପାଖିଆ ପ୍ରେମସଂପର୍କକୁ କେନ୍ଦ୍ର କରି ଦୁର୍ବୃର୍ତ୍ତମାନେ ଗାଁର ବିଧବା ମହିଳା ଅଖତରୀ ବିବିଙ୍କ ଘର ଉପରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଲେ । ବାହାରପଟୁ କବାଟ ବନ୍ଦ । ଭିତରେ ଅଖ୍ତାରୀଙ୍କ ସହ ଗହନ ନିଦରେ ଶୋଇଥିଲେ ପଡୋଶୀ ସେକ୍ ରଉଫ୍ଉଦ୍ଦିନ୍ଙ୍କ ଦୁଇ ସାନ ଝିଅ- ତବସୁମ ବେଗମ ଓ ଅଞ୍ଜୁମ ବେଗମ୍ । ଅଖ୍ତାରୀଙ୍କ ପୁଅ ଓ ଝିଅ ବାହାରେ ରହୁଥିବାରୁ ଦୁଇ ଭଉଣୀ ପାଲଟିଥିଲେ ଘରର ଅସ୍ଥାୟୀ ସଦସ୍ୟ । ସ୍ଥାନୀୟ କମଳା ନେହେରୁ ବାଳିକା ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢୁଥିଲେ ଦୁଇ ଭଉଣୀ, ନିଦରେ ଅଚେତ୍ ଥିବାବେଳେ ହିଁ ନିଆଁଘେରରେ ରହିଗଲେ । ବାହାରକୁ ବାହାରି ନପାରି ନିଆଁରେ ଜଳିଗଲେ । ଅଖ୍ତାରୀଙ୍କୁ ସଂକଟାପର୍ଣ୍ଣ ଅବସ୍ଥାରେ କଟକ ବଡ ଡାକ୍ତରଖାନା ପଠାଯାଇଥିଲେ ହେଁ ସେହିଦିନ ଅପରାହ୍ନରେ ସେ ବି ପ୍ରାଣତ୍ୟାଗ କଲେ । ତଦନ୍ତ ଚଳାଇ ପୁଲିସ୍ ଜଣଙ୍କୁ ଅଭିଯୁକ୍ତ ଭାବେ ଗିରଫ କରିଥିଲେ ହେଁ ଏ ବୀଭତ୍ସ କାରନାମାଟିର ପ୍ରକୃତ କାରଣ କଣ ଓ ଏଥିରେ କେଉଁ ଖଳନାୟକମାନଙ୍କର ସଂପୃକ୍ତି ରହିଛି ତାହା ଆଜିଯାଏଁ ଲୋକଲୋଚନର ଆଢୁଆଳରେ ରହିଯାଇଛି ।

**ମାନସ ପଣ୍ଡା, କଟକ**

## କ୍ଷେପଣାସ୍ତ୍ର ସହ କ୍ଷେପଣାସ୍ତ୍ରର ସଂଘର୍ଷ ପରୀକ୍ଷା

ବାଲେଶ୍ୱର: ନଭେମ୍ବର ୨୭ ତାରିଖ ସାରା ଦେଶପାଇଁ ଏକ ମହାନ ଦିବସ ଥିଲା । ଏହି ଦିନ ଦେଶର ବୈଜ୍ଞାନିକମାନେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଓ ହ୍ୱିଲର ଦ୍ୱୀପ ପରୀକ୍ଷା ଘାଟିରୁ ଦୁଇଟି କ୍ଷେପଣାସ୍ତ୍ର ଛାଡି ସେମାନଙ୍କ ମଧ୍ୟରେ ଆକାଶ ମାର୍ଗରେ ସଂଘର୍ଷ ବା ଧକ୍କା କରାଇ ପାରିଥିଲେ । ପରମାଣୁ ଯୁଦ୍ଧାସ୍ତ୍ର ପରିବହନ କ୍ଷମତା ଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ର ସହ ଆଉ ଏକ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଧକ୍କା କରାଇବାରେ ଭାରତୀୟ ବୈଜ୍ଞାନିକମାନେ ସଫଳ ହୋଇଥିଲେ । ଏହା ଏକ ଅଭିନବ ପରୀକ୍ଷଣ ଥିଲା । ଏହି ସଫଳତା ଆମ ବୈଜ୍ଞାନିକଙ୍କ କୃତିତ୍ୱର ଆଉ ଏକ ମାଇଲ୍ଖୁଣ୍ଟ । ଏହି ପରୀକ୍ଷଣର ସଫଳତାରୁ ଲବ୍ଧ କୌଶଳ ଶତ୍ରୁପକ୍ଷର ବିମାନ ତଥା

କ୍ଷେପଣାସ୍ତ୍ରକୁ ଟାର୍ଗେଟ୍ କରି କାଟିବା ବା ପ୍ରତିହତ କରିବାରେ ଆମ ସୁରକ୍ଷାବାହିନୀ ପାଇଁ ସହାୟକ ହେବ । ପୃଥ୍ୱୀ-୨ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ଏକ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ବା ସର୍ଫେସ୍ ଟୁ ସର୍ଫେସ୍ ସର୍ଟ ରେଞ୍ଜ୍ ମିସାଇଲ୍(ଏସ୍ଆର୍ବିଏମ୍) ।

ଏହା ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି । ବାଲେଶ୍ୱରରୁ ୧୫କିମି ଦୂର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ୍ ରେଞ୍ଜ୍ ବା ଆଇଟିଆରର ୩ ନମ୍ବର ଉତ୍କ୍ଷେପଣ କେନ୍ଦ୍ରରୁ ପ୍ରଥମ ପୃଥ୍ୱୀ-୨ କ୍ଷେପଣାସ୍ତ୍ରକୁ ଛଡା ଯାଇଥିଲା । ଏହାର ୨ ମିନିଟ୍ ପରେ ଚାନ୍ଦିପୁର ଠାରୁ ୭୦କିମି ଦୂର ଭଦ୍ରକ ଜିଲ୍ଲା ଉପକୂଳ ନିକଟ ଇନର ହ୍ୱିଲର ଦ୍ୱୀପର ୪ ନମ୍ବର କଂପ୍ଲେକ୍ସରୁ ଦ୍ୱିତୀୟ ପୃଥ୍ୱୀ-୨କୁ ଛଡା ଯାଇଥିଲା । ପ୍ରଥମ ପୃଥ୍ୱୀ-୨ ଆକ୍ରମଣକାରୀ କ୍ଷେପଣାସ୍ତ୍ର ଥିଲା । ପ୍ରତିରକ୍ଷାକାରୀ କ୍ଷେପଣାସ୍ତ୍ର ଦ୍ୱିତୀୟ ପୃଥ୍ୱୀ-୨ ପ୍ରଥମ ପୃଥ୍ୱୀ-୨କୁ ଟାର୍ଗେଟ୍ ବା ପ୍ରତିହତ କରିଥିଲା । ପରସ୍ପର ଧକ୍କା ଖାଇବାପରେ ଦୁଇଟିଯାକ କ୍ଷେପଣାସ୍ତ୍ର ସମୁଦ୍ରକୁ ଖସି ପଡିଥିଲେ । ପୃଥ୍ୱୀ-୨ର ଲକ୍ଷ୍ୟଭେଦ ଦୂରତ୍ୱ ୧୫୦ରୁ ୨୫୦ କିମି । ପୃଥ୍ୱୀ-୨ କ୍ଷେପଣାସ୍ତ୍ର ୫୦୦ରୁ ୭୫୦ କିଲୋଗ୍ରାମ ଓଜନର ସାମଗ୍ରୀ ପରିବହନ କରିପାରିବ । ପୃଥ୍ୱୀ-୩ର ଲକ୍ଷ୍ୟଭେଦ ଦୂରତ୍ୱ ୩୫୦ କିମି । ନଭେମ୍ବର ୧୧ ତାରିଖରେ ମଧ୍ୟ ଚାନ୍ଦିପୁର ଆଇଟିଆରରେ ପୃଥ୍ୱୀ-୨ର ପରୀକ୍ଷା କରାଯାଇଥିଲା ।

## ପିତା ଚଢାଇଲା ପୁତ୍ରର ବଳି

କନ୍ଧମାଳ: ଆଦିବାସୀ, ହରିଜନ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଏବେ ବି ବଳି ପ୍ରଥା ଭଳି ଅନ୍ଧବିଶ୍ୱାସ କିଛି ଲୋକଙ୍କ ନିକଟରେ ବଳବତ୍ତର ରହିଛି । ଏହାର ସଦ୍ୟତମ ଉଦାହରଣ ହେଲା ଦାରିଙ୍ଗିବାଡି ବ୍ଲକ୍ ଅନ୍ତର୍ଗତ କରମାହା ଗ୍ରାମରେ ଘଟିଥିବା ଶିଶୁବଳି ଘଟଣା । ଅନ୍ୟ ବଳି ଘଟଣାଠାରୁ ଏହା ଅତ୍ୟନ୍ତ ନିର୍ମମ, ନିଷ୍ଠୁର ଥିଲା । ଜଣେ ବ୍ୟକ୍ତି ନିଜର ତାନ୍ତ୍ରିକ ସାଧନା ପାଇଁ ନିଜର ଶିଶୁ ପୁତ୍ରକୁ ବଳିଦେବା ଘଟଣା କେବଳ କନ୍ଧମାଳ ଜିଲ୍ଲାରେ ନୁହେଁ, ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା । ସେଦିନ ଥିଲା ଜୁଲାଇ ମାସ ୮ ତାରିଖ ୨୦୦୭ ମସିହା। ଦାରିଙ୍ଗିବାଡି ବ୍ଲକ୍ ଠାରୁ ମାତ୍ର ୧୦ କିଲୋମିଟର ଦୂର

ବାତାବାଙ୍ଗା ପଞ୍ଚାୟତର ଛୋଟିଆ ଆଦିବାସୀ ଗ୍ରାମ କରୁମାହା । ଏହି ଗ୍ରାମର କାହ୍ନୁଚରଣ ପ୍ରଧାନ(୩୫) ନିଜର ଦେବୀ ମାତାଙ୍କୁ ପୂଜାର୍ଚ୍ଚନା କରିବା ଓ ସନ୍ତୁଷ୍ଟ କରିବା ପାଇଁ ଗୋଟିଏ ବୋଦା ନେଇ ଘର ପଛପଟେ ଥିବା ଏକ ମାଳକୁ ଯାଇଥିଲା । ସାଥିରେ ସେ ନିଜର ୯ ବର୍ଷ ବୟସର ପୁଅ ସୁରତକୁ ନେଇଥିଲା । ନାଳ ନିକଟରେ ବୋଦାକୁ ବଳିଦେବା ପରେ ଅନତି ଦୂରରେ ନିଜ ପୁଅ ପାଖକୁ ସେ ଯାଇଥିଲା ଓ ତାକୁ ସେହି ଧାରୁଆ କାତିରେ ଚୋଟ ପରେ ଚୋଟ ମାରିଥିଲା । ନିଜ ପୁଅକୁ ୨୦-୨୫ ଖଣ୍ଡ ହାଣିସାରିବା ପରେ ସୁରତର କଲିଜାକୁ କଞ୍ଚା ଖାଇଥିଲା ଓ ତାର ଅନ୍ନପଟାକୁ ନିଜ ଗଳାରେ ଗଳାଇ ଘରକୁ ଆସିଥିଲା । ତାହାର ଏପରି ବୀଭତ୍ସ ରୂପ ଦେଖି ମିନତୀ ପୁଅ ସୁରତ କେଉଁଠାରେ ଅଛି ବୋଲି ପଚାରିଥିଲା । ଉତ୍ତରରେ ବୋଦାବଳୀ ଦେବା ସମୟରେ ଦେବୀଙ୍କ ପାଖରେ ଦକ୍ଷିଣା ବଳି ଦେଇ ଦେଲି ବୋଲି କାହ୍ନୁଚରଣ କହିଥିଲା । ମନରେ ତାର କିଛି ଅନୁଶୋଚନା ନଥିଲା । କାହ୍ନୁଚରଣର ଏହି ନାରକୀୟ ଘଟଣାରେ ସାରା ଗ୍ରାମବାସୀ ସ୍ତବ୍ଧ ହୋଇଯାଇଥିଲେ । ମିନତୀର ଅଭିଯୋଗକ୍ରମେ ଦାରିଙ୍ଗିବାଡି ପୁଲିସ୍ କାହ୍ନୁଚରଣକୁ ଗିରଫ କରିଥିଲା । ଏହି ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

## ଭାଲୁ ବଞ୍ଚିଛି କି ମଲା ଜଣାପଡିଲା ନାହିଁ

ବିଦାୟୀ ୨୦୦୬ଅ ମସିହା ଥିଲା ନୂଆପଡା ଜିଲ୍ଲାପାଇଁ ବିଫଳତା । ବିବାଦ ବିଶୃଙ୍ଖଳା ଓ ବିକ୍ଷୋଭର ବର୍ଷ । ଅନ୍ୟାନ୍ୟ ବର୍ଷ ଅପେକ୍ଷା ଏ ବର୍ଷ ରେକର୍ଡ ତୁଳନାରେ ବର୍ଷା, ବନ୍ୟା ଯୋଗୁଁ ବ୍ୟାପକ କ୍ଷତି ଘଟିଛି । ବର୍ଷ ଆରମ୍ଭରୁ

ବିଭିନ୍ନ ଅଘଟଣ, ଦୁର୍ଘଟଣା ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ବିଭିନ୍ନ କାରଣକୁ ନେଇ ଜିଲ୍ଲା ପ୍ରଶାସନ ଚର୍ଚ୍ଚିତ ହୋଇ ରହିଯାଇଛି । ଘଟଣାକ୍ରମେ ଜିଲ୍ଲାରେ ଭାଲୁ କାମୁଡାରେ ଜିଲ୍ଲାର ୩ ଜଣ ଆଦିବାସୀ ସଂପ୍ରଦାୟର ଲୋକ ମୃତ୍ୟୁବରଣ କରିଥିଲେ । ସେହିପରି କୋମନା ଥାନା ଅନ୍ତର୍ଗତ ଟିକ୍ରାପଡା ଗ୍ରାମରେ ଜୁନ ୨୨ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ଦ୍ୱାରା ଜଗନ୍ନାଥ ମୂର୍ତ୍ତି ପୋଡାଯାଇଥିଲା । ଏହି ମୂର୍ତ୍ତିପୋଡା ୨୪ ଘଣ୍ଟା ନ ପୂରୁଣୁ ଜଡାମୁଣ୍ଡା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ଭିତରେ ୭ଟି ମୂର୍ତ୍ତିକୁ ପୋଡାଯାଇଥିଲା । ଘଟଣାଟି ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଥିଲା ।

ଜଗନ୍ନାଥ ମୂର୍ତ୍ତି ପୋଡା ଘଟଣାର ମାତ୍ର ୪୮ ଘଣ୍ଟା ପରେ ନୂଆପଡା ଜିଲ୍ଲାପାଳ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକଙ୍କୁ ଭାଲୁ କାମୁଡି ଥିଲା । ଜିଲ୍ଲାପାଳଙ୍କ ବ୍ୟବହାର ପ୍ରତି ଅତିଷ୍ଠ ହୋଇ ଜିଲ୍ଲା ଅମଲା ସଂଘ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲା ।

କେତେକ କ୍ଷେତ୍ରରେ ଜିଲ୍ଲାପାଳଙ୍କ ପଦକ୍ଷେପ ମଧ୍ୟ ପ୍ରଶଂସନୀୟ ଅଟେ । ଜିଲ୍ଲାପାଳଙ୍କ ପଦକ୍ଷେପ ହେତୁ ଚୋରା କାରବାର ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିବା ୩ ଜଣ କିରୋସିନୀ ଡିଲର ଧରା ପଡି କୋର୍ଟକୁ ଚାଲାଣ କରାଯାଇଛି । ରାସ୍ତାଘାଟ, ଅଫିସ୍, କ୍ଲବ ଇତ୍ୟାଦିକୁ ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ପରିଷ୍କାର ଓ ପରିଚ୍ଛନ୍ନତା କରାଯାଇ ପାରିଛି । ନୂଆପଡା ବିଧାୟକଙ୍କ ଭାଇର ଟ୍ରକ ବିଭିନ୍ନ ସମୟରେ ଜବତ ହୋଇ ଚର୍ଚ୍ଚାର ପରିସରକୁ ଆସିଛି । କହିବାକୁ ଗଲେ ୨୦୦୬ ବର୍ଷ ନୂଆପଡା ଜିଲ୍ଲା ପ୍ରଶାସନ, ରାଜନେତା, ଚର୍ଚ୍ଚାର ପରିସରକୁ ଆସିଛନ୍ତି ।

## କୀର୍ତନିଆରେ ସବୁଦିନିଆ ଆନ୍ତର୍ଜାତିକ ବନ୍ଦର

ବାଲେଶ୍ୱର: ସୁବର୍ଣ୍ଣରେଖା ମୁହାଣର କୀର୍ତନିଆ ଠାରେ ସବୁଦିନିଆ ଆନ୍ତର୍ଜାତିକ ବନ୍ଦର ପ୍ରତିଷ୍ଠା ନେଇ ଚେନ୍ନାଇର କ୍ରିଏଟିଭ ପୋର୍ଟ ଡେଭେଲପ୍‌ମେଣ୍ଟ୍ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯିବା ବାଲେଶ୍ୱରବାସୀଙ୍କ ପାଇଁ ବହୁତ ବଡ କଥା ହୋଇଛି । ସୁବର୍ଣ୍ଣରେଖା ମୁହାଣର ଏହି ସ୍ଥାନରେ ଦିନେ ପ୍ରାଚୀନ ଯୁଗରେ ବିଖ୍ୟାତ ପିପିଲି ବନ୍ଦର ଥିଲା । ଏଠାରୁ ସାଧବ ମାନେ ସିଂହଳ ଆଦି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଏଠାରେ ବନ୍ଦର ହେଲେ ଏହା ବାଲେଶ୍ୱର ସମେତ ଓଡିଶାର ଅର୍ଥନୈତିକ ସମୃଦ୍ଧିରେ ସହାୟକ ହେବ ।

## ଅଲଚିକି ଲିପିରେ ସାନ୍ତାଳୀ ପାଠ୍ୟପୁସ୍ତକ

ମୟୂରଭଂଜ: ଗତ ମାର୍ଚ୍ଚ ୨୫ ତାରିଖ ମୟୂରଭଞ୍ଜ ଜିଲ୍ଲା ତଥା

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଓଡିଶାର ଅନ୍ୟାନ୍ୟ ଜିଲ୍ଲା ଓ ଏପରିକି ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡର ବହୁ ଲୋକଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ଦିନ ଥିଲା । ଏହି ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରପୋଖରିଆ ଠାରେ ଅଲଚିକି ଲିପିରେ ପ୍ରକାଶିତ ସାନ୍ତାଳୀ ଭାଷାର ପ୍ରଥମ ଶ୍ରେଣୀ ପାଠ୍ୟ ପୁସ୍ତକର ଲୋକାର୍ପଣ କରିଥିଲେ । ଏହି ପୁସ୍ତକ ହେଉଛି ରୋଲ ଲାନ୍ଦା ବା କହିବା ଓ ହସିବା । ଏହି ଘଟଣା ସାନ୍ତାଳୀଙ୍କ ପାଇଁ ଏକ ଯୁଗାନ୍ତକାରୀ ଘଟଣା ଥିଲା ।

ପାଠ୍ୟପୁସ୍ତକ ସେମାନଙ୍କ ଭାଷାର ସ୍ୱତନ୍ତ୍ର ଲିପିରେ ପ୍ରକାଶ ପାଇବା ନେଇ ଏହି ଘଟଣା ଦିଗ୍‌ବାରେଣୀ ହୋଇଥିଲା । ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆର ଶିକ୍ଷା ବର୍ଷରୁ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନରେ ଅଲଚିକି ଲିପି ବ୍ୟବହୃତ ହେବ । ସେ ମଧ୍ୟ ଘୋଷଣା କରିଥିଲେ, ମାଟ୍ରିକ ପାସ କଲେ ପ୍ରତି ଆଦିବାସୀ ଝିଅକୁ ସରକାର ସାଇକେଲ୍ ଦେବେ । ସାରା ରାଜ୍ୟରେ ଆଦିବାସୀ ଝିଅଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅର୍ଥପୂର୍ଣ୍ଣ ହୋଇଥିଲା ।

## କଳିଙ୍ଗ ନଗର ଅଡୁଆ ବର୍ଷ ଶେଷ ଯାଏଁ ଛିଡିନି

ଯାଜପୁର: ୨୦୦୬ ମସିହା ପ୍ରଥମ ଦିନର ଉତ୍ସବ ମୁଖର ପରିସରରୁ ସଂପୂର୍ଣ୍ଣ ମୁକ୍ତ ହୋଇପାରି ନଥିବା ଜିଲ୍ଲାବାସୀ ଜାନୁଆରୀ ୨ ତାରିଖ କଳିଙ୍ଗ ନଗର ଗୁଳିକାଣ୍ଡ ଘଟଣାକୁ ସାମ୍ନା କରିଥିଲେ । ବିଶ୍ୱ ଧାବତ ଶିଳ୍ପର ରାଜଧାନୀ ମାନ୍ୟତା ପାଇବାକୁ ଯାଉଥିବା କଳିଙ୍ଗ ନଗରରେ ଏହି ଦିନ ୧୨ଜଣ ଆଦିବାସୀ ନରନାରୀ ଓ ଜଣେ ପୁଲିସ ହାବିଲ୍‌ଦାର ରକ୍ତାକ୍ତ ସଂଘର୍ଷରେ ମୃତ୍ୟୁବରଣ କରିଥିଲେ ଓ ଶତାଧିକ ଆହତ ହୋଇଥିଲେ । ଚଂପାକୋଇଲାଠାରେ ଟାଟାଷ୍ଟିଲ୍‌ର ପାଚେରୀ ନିର୍ମାଣ ସମୟରେ ସହସ୍ରାଧିକ ଆଦିବାସୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ ଓ ପରେ ପୁଲିସ ସହିତ ହୋଇଥିଲା ଖଣ୍ଡଯୁଦ୍ଧ । ପୁଲିସର ଗୁଳିରେ ନିହତ ହୋଇଥିଲେ ସର୍ବଶ୍ରୀ ରାମ ଗାଗରାଇ, ବନା ବାଦ୍ରା, ଆଟି ଜାମୁଣ୍ଡା, ମୁକ୍ତ ବାଂଜିରା, ନାଣ୍ଡୁ ଜାରିକା, ଜଙ୍ଗା ଜାରିକା, ରମେଶ ଚନ୍ଦ୍ର ଜାମୁଣ୍ଡା, ଦେଓଗୀ ତିରିଆ, ସୁଦାମ ବାର୍ଲା, ଗୋବିନ୍ଦ ଲାଗୁରି, ଭଗବାନ ସଏ ଓ ଶ୍ୟାମ ଗାଗରାଇ । ଆଦିବାସୀଙ୍କର ୧୩ଟି ଚିତା ଜଳିଥିଲା ଆମ୍ବଗଡିଆର ବୀରଭୂମିରେ । ସେହିପରି ଆଦିବାସୀଙ୍କ ଆକ୍ରମଣରେ ହାବିଲ୍‌ଦାର ଗୋପ ନାରାୟଣ ମହାନ୍ତି ଘଟଣାସ୍ଥଳରେ ନିହତ ହୋଇଥିଲେ । ଏ ବର୍ଷ କଳିଙ୍ଗନଗର କଳି ନିଆଁରେ ଶେଷ ହୋଇଯାଇଥିଲେ ୧୪ଟି ପ୍ରାଣ ଓ ସହସ୍ରାଧିକ ପରିବାର । ସେହିଦିନଠାରୁ କଳିଙ୍ଗନଗରରେ ସତେ ଯେମିତି କଳିମଂଜି ପୋତି ହୋଇ ଯାଇଛି । ଚଳିତବର୍ଷ ତମାମ ଏହି କଳିଙ୍ଗନଗର ଖବର ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ଗଣ ମାଧ୍ୟମରେ ସ୍ଥାନ ପାଇ ଆସୁଛି । ଗୁଳିକାଣ୍ଡପରେ କଳିଙ୍ଗନଗରକୁ ଦେଶର ବହୁ ପ୍ରମୁଖ ବ୍ୟକ୍ତି ଘଟଣା ପରିଦର୍ଶନ କରିବାକୁ ଆସିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି, ଗୃହମନ୍ତ୍ରୀ ଶିବରାଜ ପାଟିଲ, ଝାଡଖଣ୍ଡ ନେତା ଶିବୁ ସୋରେନଙ୍କ ସମେତ ବହୁ କେନ୍ଦ୍ର ମନ୍ତ୍ରୀ ଓ ରାଜ୍ୟ ବିରୋଧୀ ଦଳର ବହୁ ପ୍ରମୁଖ ନେତାଗଣ । ଗୁଳିକାଣ୍ଡ ପରେ କଳିଙ୍ଗନଗରରେ ଦୁର୍ବାର ଆନ୍ଦୋଳନ ଆଜି ପର୍ଯ୍ୟନ୍ତ ଥମିନାହିଁ । ଆମ୍ବଗଡିଆ ଠାରେ ଆଦିବାସୀ ମାନେ ଗତ ଜାନୁଆରୀ ୨ ତାରିଖଠାରୁ ଦୁଇଶହ ନମ୍ବର ଜାତୀୟ ରାଜପଥକୁ ଅଚଳ କରି ରଖିଛନ୍ତି । ଏହି ରାସ୍ତାରୋକ ଅବଧି ଏକବର୍ଷ କାଳ ରହି ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ଏ ବର୍ଷର ସବୁଠାରୁ ଚମକପ୍ରଦ ଖବର ହେଉଛି ଗୁଳିକାଣ୍ଡ ଘଟଣାପରି ଏକ ସମ୍ବେଦନଶୀଳ ଘଟଣାକୁ ପରିଦର୍ଶନ କରିବାକୁ ଯେତେବେଳେ ସାରା ଦେଶରୁ ନେତାନେତ୍ରୀ ଆସିପାରିଲେ, ସେତେବେଳେ ଏହି ବର୍ଷକ ମଧ୍ୟରେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗନଗର ଗସ୍ତରେ ଆସି ପାରିଲେ ନାହିଁ । ସେହି ପରି ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇବି ଆନ୍ଦୋଳନକାରୀଙ୍କ



# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

ଗାଁକୁ ବର୍ଷକ ମଧ୍ୟରେ ପଶିପାରୁ ନାହାନ୍ତି । ସର୍ବୋପରି ଏହି ବର୍ଷକ ମଧ୍ୟରେ ବି ପୁଲିସ ପ୍ରଶାସନ ଆନ୍ଦୋଳନକାରୀଙ୍କ ଗାଁ ମାଟି ଛୁଇଁପାରିଲେ ନାହିଁ । ଇତିମଧ୍ୟରେ କଳିଙ୍ଗନଗର ଆନ୍ଦୋଳନ ପଛରେ ମାଓବାଦୀଙ୍କ ସମର୍ଥନ ରହିଛି ବୋଲି ଘୋଷଣା କରାଯାଇଛି । କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ତଦନ୍ତ କରିବାକୁ ମାନ୍ୟବର ଜଷ୍ଟିସ ଏ ଏସ୍ ନାଇଡୁ କମିସନ୍ ମଧ୍ୟ ଏହି ବର୍ଷ ମଧ୍ୟରେ ବହୁବାର ଜିଲ୍ଲା ପରିଦର୍ଶନରେ ଆସିଛନ୍ତି । ୫୦ ହଜାର କୋଟି ଟଙ୍କାର ପୁଂଜି ବିନିଯୋଗ ହେବାକୁ ଯାଉଥିବା କଳିଙ୍ଗନଗରରେ ଆଇନ୍‌ଶୃଙ୍ଖଳା ଭୁଷୁଡି ପଡିବା ଘଟଣା ଚଳିତ ବର୍ଷ ପାଇଁ ଏକ ବିଶେଷ ଦୁ:ସମ୍ବାଦ ଭାବେ ବିଦିତ ହୋଇଛି ।

**ପୂର୍ଣ୍ଣଚନ୍ଦ୍ର ଦେଓ**

## ପ୍ରକୃତି ହେଲା ବଇରି

ପ୍ରକୃତିକୁ ଆଧାର କରି ମଣିଷ ବଞ୍ଚେ । ତେବେ ବେଳେବେଳେ ପ୍ରକୃତି ଆନମନା ହୋଇଉଠେ । ଶାନ୍ତ ସ୍ନିଗ୍ଧ ପ୍ରକୃତି ଭୟଙ୍କର ରୂପ ନିଏ । ଜେରଙ୍ଗ ଓ ମିଞ୍ଜିରି ପାହାଡ ଧସେଇଲା । ଯେଉଁ ପାହାଡ ଦିନେ କାଛଭଳି ନିର୍ଭୟ ଦେଉଥିଲା, ସେହି ପୁଣି ମୃତ୍ୟୁଦୂତ ସାଜିଲା । ଗୁମ୍ମା ବ୍ଲକର ମୁକୁଟ ଭାବେ ଦଣ୍ଡାୟମାନ ହୋଇଥିବା, ବଡ କଳାକୋଟ ପଞ୍ଚାୟତର ଜାଙ୍ଗିରତୁଙ୍ଗ ଓ ଉଖୁରା ପଞ୍ଚାୟତର ମିଞ୍ଜିରି ପାହାଡ ୯ ଜଣଙ୍କ ମୃତ୍ୟୁର କାରଣ ସାଜିଲା ।

ଜୁଲାଇ ମାସ ୩ ତାରିଖ ସୋମବାର । ସକାଳୁ ସକାଳୁ ବର୍ଷା ଲାଗିରହିବାରୁ ମାଳ ଡିଙ୍ଗରର ସୌରା ବଗଡକୁ କିମ୍ବା ଜଙ୍ଗଲକୁ ଯାଇନପାରି ପଖାଳ ଖାଇ ନିଜର ଭଙ୍ଗା କୁଡିଆ ଭିତରେ ସପରିବାର ମୁଣ୍ଡ ଗୁଞ୍ଜିଥିଲା । ସକାଳ ଆଠଟାରେ ହଠାତ ଜେରଙ୍ଗ ପାହାଡ ହିଂସ୍ର ହୋଇଉଠିଲା ଆଉ ବିକଟାଳ ଶବ୍ଦ କରି ଧସେଇବାକୁ ଆରମ୍ଭ କଲା । ପାହାଡ ଧସିଲା ଏବଂ ଗୋଟିଏ ପରିବାରର ଚାରିଜଣଙ୍କ ସମେତ ଛଅ ଜଣଙ୍କୁ ଜୀବନ୍ତ ସମାଧି ଦେଇଦେଲା ଜେରଙ୍ଗ ପାହାଡକୁ । ଓବେଦ ଗମାଙ୍ଗ (୫୫), ତାଙ୍କ ସ୍ତ୍ରୀ ଆଦମୀ ଗମାଙ୍ଗ (୫୦), ପୁଅ ମଝିଆ ଗମାଙ୍ଗ (୧୩), ଓ ପୁଅ କାନସିମୀ ଗମାଙ୍ଗ (୬)ଙ୍କ ସମେତ ସେହି ଗ୍ରାମର ଦୁଏମୀ ଗମାଙ୍ଗ (୬୦), ଓ ପାଞ୍ଚ ମାସର ଗର୍ଭବତୀ ରୁବୀ ଗମାଙ୍ଗ (୨୫) ପାହାଡର ମାଟି ପଥର ତଳେ ଚାପି ହୋଇ ରହିଗଲେ । ସେମାନଙ୍କ ମଧ୍ୟରୁ ସ୍ୱାମୀ ସ୍ତ୍ରୀ ଓବେଦ ଓ ଆଦମୀଙ୍କ ଶବ ଆଜି ପର୍ଯ୍ୟନ୍ତ ମିଳିନାହିଁ କି, ସେମାନଙ୍କ ଉତ୍ତରାଧିକାରୀଙ୍କୁ କ୍ଷତି ପୂରଣ ପ୍ରଦାନ କରା ଯାଇନାହିଁ ।

ସେହି ଏକାଦିନ ଏକା ସମୟରେ ଏକାଭଳି ଆଉ ଏକ ବିପତ୍ତି ଦେଖାଦେଇଥିଲା । ଗୁମ୍ମାବ୍ଲକର ଉଖୁରା ପଞ୍ଚାୟତର ମିଞ୍ଜିରି ଗ୍ରାମର ଲୋକଙ୍କ ପାଇଁ ଦେବତା ସାଜିଥିବା ଜାମତୁଙ୍ଗ ପାହାଡ ଧସେଇ ଯିବା ଫଳରେ ମିଞ୍ଜିରି ଗ୍ରାମର ଅଜିତ ଗମାଙ୍ଗଙ୍କ ସ୍ତ୍ରୀ ବିରନ୍ତା ଗମାଙ୍ଗ (୩୨), ଝିଅ ସିଲା ଗମାଙ୍ଗ (୧୨) ଓ ତାରବାନ ଗମାଙ୍ଗଙ୍କ ଝିଅ ଜେନିତା ଗମାଙ୍ଗ (୧୨)ଙ୍କ ମୃତ୍ୟୁ ଘଟିଥିଲା । ମୃତକ ମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ବୀରନ୍ତାର ଶବ ମିଳିନାହିଁ । ତାଙ୍କ ପରିବାରକୁ ମଧ୍ୟ ସରକାରୀ ସାହାଯ୍ୟ ପ୍ରଦାନ କରାଯାଇନାହିଁ । ବନ୍ଧୁ ତଥା ପ୍ରାଣଦାତା ସାଜିଥିବା ପ୍ରକୃତି ହଠାତ ବଇରି ସାଜିବାର କାରଣ ଏହି ମଣିଷ । ବ୍ୟାପକ ଗଛ କଟା ଯୋଗୁଁ ହିଁ ପାହାଡର ମାଟି ଦୁର୍ବଳ ହୋଇ ପଡିବା ସହ ଅନିୟମିତ ବର୍ଷା ହେବା ଫଳରେ ଭୂସ୍ଖଳନ କିମ୍ବା ପାହାଡ ଧସେଇବା ଭଳି ଅଘଟଣା ମାନ ଘଟୁଛି ।

ଏତେ ବଡ ଅଘଟଣରେ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ର ଶେଖର ସାହୁଙ୍କୁ ଛାଡିଦେଲେ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟସରକାରଙ୍କ କୌଣସି ମନ୍ତ୍ରୀ ନା ସେ ସ୍ଥାନକୁ ଆସିଲେ ନା କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କଲେ । ବର୍ତ୍ତମାନ ଯାଏଁ ତିନିଜଣଙ୍କ ସନ୍ଧାନ ମିଳିପାରିନାହିଁ କି ସେମାନଙ୍କ ପରିବାର ବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି । ବର୍ଷ ଶେଷ ହୋଇ ନୂଆ ବର୍ଷ ଆରମ୍ଭ ହେଲାଣି । ତଥାପି ପତି ତାର ନିଖୋଜ ପତ୍ନୀଙ୍କୁ ଓ ଅନାଥ ଶିଶୁମାନେ ମା ଓ ବାପାଙ୍କୁ ଖୋଜିବାରେ ଲାଗିଛନ୍ତି ।

**ଶୈଳେଶ ଗନ୍ତାୟତ**

**ପାରଳାଖେମୁଣ୍ଡି, ଗଜପତି**

## 'ସମ୍ବାଦ'ର ଷ୍ଟିଙ୍ଗ୍ ଅପରେସନ୍

### ଜାଲରେ ପଡିଲେ ଜିଲ୍ଲା ଯୋଗାଣ ବିଭାଗ

ନବରଙ୍ଗପୁର: ୨୦୦୬ ମସିହା ମାର୍ଚ୍ଚ ମାସ ୨୮ ତାରିଖରେ 'ସମ୍ବାଦ' ପକ୍ଷରୁ କରାଯାଇଥିବା ଷ୍ଟିଙ୍ଗ୍ ଅପରେସନ୍ ଜାଲରେ ଛନ୍ଦି ହୋଇପଡିଥିଲା ଜିଲ୍ଲା ଯୋଗାଣ ବିଭାଗ । ଏହା ଦ୍ୱାରା ଜିଲ୍ଲାର ବହୁ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଲୁକ୍କାୟିତ ତଥ୍ୟ ପଦାକୁ ଆସିବା ସହିତ ସରକାରୀ କର୍ମଚାରୀଙ୍କ ମୁଖା ଖୋଲିଯାଇଥିଲା । ଦୁର୍ନୀତି ପଦାକୁ ଆସିବା ପରେ ବହୁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେତେବେଳେ ଏହି ଘଟଣା ଜିଲ୍ଲାର ଅଫିସରମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଥିଲା । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ଷ୍ଟିଙ୍ଗ୍ ଅପରେସନ୍ ଥିଲା 'ସମ୍ବାଦ'ର ଏକ ଅଭିନବ କାର୍ଯ୍ୟକ୍ରମ । ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ବିଭିନ୍ନ ବ୍ଲକର ଯୋଗାଣ ନିରୀକ୍ଷକ, ଷ୍ଟୋରେଜ ଏଜେଣ୍ଟ୍, ଲ୍ୟାମ୍ପ୍ ଅଧିକାରୀ, ଜିଲ୍ଲା ଯୋଗାଣ ଅଫିସ୍‌ର କର୍ମଚାରୀମାନଙ୍କ ମଧ୍ୟରେ ହୋଇଥିବା ଫୋନ୍ କଥାବାର୍ତ୍ତାକୁ ଟ୍ୟାପିଂ କରାଯାଇଥିଲା । ଏ ସବୁ କଥାବାର୍ତ୍ତାର ଏକ କ୍ୟାସେଟ୍ ପ୍ରସ୍ତୁତ କରି, ସେଥିରେ କିଏ କେଉଁ ବାଟରେ ଆଉ କେମିତି ଟଙ୍କା ନିଅନ୍ତି ସବୁ ରେକର୍ଡିଂ କରାଯାଇଥିଲା । ଏଥିରେ ପ୍ରଥମେ ତତ୍କାଳୀନ ଉମରକୋଟ୍ ଷ୍ଟୋରେଜ ଏଜେଣ୍ଟ୍ ବଜରଙ୍ଗଲାଲ ଗର୍ଗ ଓ ବିଭିନ୍ନ ଅଧିକାରୀଙ୍କ ମଧ୍ୟରେ କଥାକୁ ଟେପିଂ କରାଯାଇଥିଲା । ସିଏସ୍‌ଓ ସୁଧାକର ନାଥ ଓ ନିଲମ୍ବିତ ତତ୍କାଳୀନ ଉମରକୋଟ୍ ଷ୍ଟୋରେଜ ଏଜେଣ୍ଟ୍ କଥାବାର୍ତ୍ତା ବେଶ୍ ଚର୍ଚ୍ଚାର ଖୋରାକ ଯୋଗାଇ ଦେଇଥିଲା ।

## ସାତବର୍ଷ ପରେ 'ରାମୁ' ଥାନାରୁ ମୁକୁଳିଲା



ପ୍ରାୟ ସାତବର୍ଷ ହେଲା ରେମୁଣା ଥାନାରେ ରହି ଆସିଥିବା ବହୁଚର୍ଚ୍ଚିତ ମାଙ୍କଡ 'ରାମୁ' ଶେଷରେ ଥାନାରୁ ଜଙ୍ଗଲ ବିଭାଗକୁ ଯାଇଥିଲା ଅକ୍ଟୋବର ୧୮ ତାରିଖରେ । 'ରାମୁ'କୁ ନେବାପାଇଁ ବନବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା କରା ଯାଇଥିଲା । ୫ ହଜାର ଟଙ୍କାରେ ନିର୍ମିତ ହୋଇଥିବା ନୂତନ ପିଞ୍ଜରାରେ ବହୁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ବାକ୍ ଶକ୍ତିବିହୀନ ଜୀବକୁ ନିଆଯାଇଥିଲା । ବନବିଭାଗ ପକ୍ଷରୁ ନୀଳଗିରି ରେଞ୍ଜର ଲକ୍ଷ୍ମୀଧର ବେହେରା ୭ ବର୍ଷ ବୟସ୍କ 'ରାମୁ'କୁ ନେବା ପରେ କୁଳଡିହ ରେଞ୍ଜର ଅଞ୍ଜନ କୁମାର ମହାନ୍ତିଙ୍କୁ ହସ୍ତାନ୍ତର କରିଥିଲେ । ହସ୍ତାନ୍ତର କରିବା ପୂର୍ବରୁ ରେଞ୍ଜର ଶ୍ରୀ ବେହେରା 'ରାମୁ'ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ଜଣାପଡିବା ପରେ ତାର ହସ୍ତାନ୍ତର ହୋଇଥିଲା । ତେବେ 'ରାମୁ'କୁ କୌଣସି ଜଙ୍ଗଲରେ ରଖିବା ପରିବର୍ତ୍ତେ 'ନନ୍ଦନ କାନନ'ରେ ରଖିବା ସମ୍ଭବ ହୋଇଥିଲା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀ ପରାମର୍ଶ ଦେଇଛନ୍ତି । ଜୀବ ଅଧିକାର ଓ ସୁରକ୍ଷା ପାଇଁ କାମ କରି ଆସୁଥିବା ଶ୍ରୀମତି ଗାନ୍ଧୀ କହିଥିଲେ ଯେ ଦୀର୍ଘ ସାତବର୍ଷ ଧରି 'ରାମୁ' ଥାନା ପରିସର ସହିତ ଖାପ ଖୁଆଇ ରହିବା ପରେ ଏବେ ଅନ୍ୟ ପରିବେଶରେ ରହିବା ତା' ପାଇଁ କଷ୍ଟସାଧ୍ୟ ହୋଇପାରେ । ତେଣୁ ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ଅଧିକାରୀ ଏଥିପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି । ସେ ଓଡିଶାର ଚିଫ୍ ୱାଇଲଡ ଲାଇଫ୍ ୱାର୍ଡେନ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ କଥା ହୋଇ 'ରାମୁ'କୁ ନନ୍ଦନ କାନନରେ ଛାଡିବା ପାଇଁ ଅନୁରୋଧ କରିଥିଲେ ।

## ଓୟୁଏଟିରେ ଛାତ୍ର ରେଗିଙ୍ଗ୍

ସମ୍ବଲପୁର: ଭୁବନେଶ୍ୱର ଓୟୁଏଟି ଅଧୀନରେ ଥିବା କଲେଜ ଅଫ୍ ଏଗ୍ରିକଲ୍‌ଚରରେ ଅଧ୍ୟୟନ କରୁଥିବା ସମ୍ବଲପୁର ମୁଦିପଡାର ଶିବଶଙ୍କର ଆସ୍‌ଙ୍କୁ ଅକ୍ଟୋବର ୧୦ ତାରିଖ ଦିନ ସିନିୟର ଛାତ୍ରମାନେ ରେଗିଙ୍ଗ୍ କରି ଛାତରୁ ତଳକୁ ଠେଲିଦେଲେ । ପ୍ରଥମେ ସେ କଟକ ମେଡିକାଲ ଓ ପରେ ପରେ ସମ୍ବଲପୁରର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହୋଇଥିଲେ । ଜୀବନରେ ମାରିଦେବାକୁ ଧମକ ଦେଇ ଭୟଭୀତ କରିଥିବାରୁ ସିନିୟର ଛାତ୍ରଙ୍କ ରେଗିଙ୍ଗ୍ ବିଷୟ କାହାକୁ ଜଣାଇ ନଥିଲେ । ମେରୁଦଣ୍ଡ ହାତ, ଅଣ୍ଟା, ଓ ଗୋଡରେ ଗଭୀର ଆଘାତ ଲାଗିଥିବା ଶିବଶଙ୍କରଙ୍କୁ



ରେଗିଙ୍ଗ୍ କରାଯାଇଥିବା ସଂପର୍କରେ ଗତ ଅକ୍ଟୋବର ୧୫ ତାରିଖରେ 'ସମ୍ବାଦ' ପ୍ରଥମେ ରିପୋର୍ଟ ପ୍ରକାଶ କରିଥିଲା । 'ସମ୍ବାଦ'ରେ ରିପୋର୍ଟ ପ୍ରକାଶ ପାଇବା ପରେ ଓୟୁଏଟିର ଏକ ପ୍ରତିନିଧି ଦଳ ଏଠାକୁ ଆସି ତଦନ୍ତ କରିଥିଲେ । ମାତ୍ର ଅଦ୍ୟାବଧି ଏହି ରେଗିଙ୍ଗ୍ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

ଶିକ୍ଷାନୁଷ୍ଠାନ ଗୁଡିକରେ ରେଗିଙ୍ଗ୍ ନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଇ ଆସୁଥିଲେ ସୁଦ୍ଧା ତାକୁ ବିଭିନ୍ନ ଆଳରେ କର୍ତ୍ତୃପକ୍ଷ ଏଡାଇ ଦେଇଥାନ୍ତି । ମାତ୍ର ଏହି ଘଟଣାରେ ଛାତ୍ର ମୃତ୍ୟୁ ସହିତ ସଂଗ୍ରାମ କରି ବଞ୍ଚିଛନ୍ତି । ତେଣୁ ଏହାକୁ ସରକାର ମଧ୍ୟ ଗୁରୁତ୍ତ୍ୱର ସହିତ ନେଇଛନ୍ତି ।

## ଶିଳ୍ପାଞ୍ଚଳ ଜମି ସ୍କାଣ୍ଡାଲ୍

ସମ୍ବଲପୁର: ସମ୍ବଲପୁର ଜିଲ୍ଲାରେ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାନୁଷ୍ଠାନ ଏବଂ ଏହି ସଂସ୍ଥା ଗୁଡିକ ଦ୍ୱାରା ଜମି ଅଧିଗ୍ରହଣ ହେବା ଜାଣି କେତେକ ପ୍ରଶାସନିକ ଅଧିକାରୀ ନିଜ ପଦମର୍ଯ୍ୟାଦାର ଦୁରୁପଯୋଗ କରି କିପରି ଗରିବ ଆଦିବାସୀଙ୍କ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛନ୍ତି ସେ ସଂପର୍କରେ ଏକ ରିପୋର୍ଟ ଗତ ଡିସେମ୍ବର ୯ ତାରିଖ ଦିନ ପ୍ରକାଶ ପାଇଥିଲା । ଏହା ପରେ ସଂପ୍ରତି ଜମି ଦୁର୍ନୀତି, ଏସ୍‌ଡିଏରେ ଦୁର୍ନୀତି ଆଦି ପ୍ରଶାସନର ଭିତିରି କଥା ଲୋକଲୋଚନକୁ ଆସିଛି ।

କେଉଁ ଶିଳ୍ପ ସଂସ୍ଥା କେଉଁଠି ପ୍ରତିଷ୍ଠା ହେବ ସେ ସଂପର୍କରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ମାନେ ଆଗୁଆ ଜାଣିବା ସ୍ୱାଭାବିକ । ଶିଳ୍ପ ସଂସ୍ଥାପାଇଁ ଯେଉଁ ଅଞ୍ଚଳରେ ଜମି ଆବଶ୍ୟକ ସେଠାକାର ଗରିବ ହରିଜନ ଆଦିବାସୀଙ୍କୁ ଶାଗମାଛ ମୂଲରେ ଜିଲ୍ଲାର ୫ ଜଣ ପ୍ରଶାସନିକ ଅଧିକାରୀ ତାଙ୍କ ସଂପର୍କୀୟଙ୍କ ନାମରେ ଜମି କ୍ରୟ କରି ନେଇଛନ୍ତି । ଜମି କିଣିବା ପରେ ଏହି ଅଧିକାରୀ ମାନେ ଶିଳ୍ପ ସଂସ୍ଥାକୁ ଜମି ବିକ୍ରୟକରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କରିବା ସହିତ ଶିଳ୍ପାନୁଷ୍ଠାନ ଦ୍ୱାରା ଦିଆଯାଇଥିବା ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ଉପଭୋଗ କରିବାର ହକ୍ ହାସଲ କରିଛନ୍ତି । ଅପରପକ୍ଷେ ଯେଉଁ ଆଦିବାସୀ ହରିଜନ ମାନେ ଏହି ସବୁ ସୁବିଧା ସୁଯୋଗ ପାଇବା କଥା, ସେମାନେ ସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହେଇଛି । ଜମି ସ୍କାଣ୍ଡାଲ୍‌ରୁ

ମୁକ୍ତି ପାଇବା ପାଇଁ ଜଣେ ବରିଷ୍ଠ ଅଧିକାରୀ ଜାଲ ସତ୍ୟପାଠ କରାଇବା ଏବଂ ତାକୁ ନେଇ ତହସିଲ କାର୍ଯ୍ୟାଳୟରେ ତାଲା ବନ୍ଦ କରାଯିବା ଘଟଣା ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି ।

## ନଜ୍‌ମା ନଛୋଡ ବନ୍ଧା

ଭଦ୍ରକ: ଭଦ୍ରକର ନଜ୍‌ମା ବିବି ତଲାକ୍ ମାମଲା ୨୦୦୩, ଜୁଲାଇ ୫ ତାରିଖରୁ ଆରମ୍ଭ ହୋଇଥିଲା । ଭଦ୍ରକ ମୁସ୍‌ଲିମ ଜମାତ'ରୁ ଫ୍ୟାମିଲି କୋର୍ଟ, ପରେ ହାଇକୋର୍ଟ ଯାଏଁ ପହଞ୍ଚିଥିବା ଏହି ମାମଲା ୨୦୦୬ରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ସୁପ୍ରିମ୍‌କୋର୍ଟ୍ ନଜ୍‌ମାଙ୍କ ସପକ୍ଷରେ ଦେଇଥିବା ରାୟ ସାରା ଦେଶର ମୁସ୍‌ଲିମ ସଂପ୍ରଦାୟ ଲାଗି ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ହୋଇଥିଲା । କହିବାକୁ ଗଲେ ନଜ୍‌ମା ମାମଲାକୁ ନେଇ ସାରା ଦେଶରେ ଭଦ୍ରକ ଚର୍ଚ୍ଚିତ ହୋଇ ପଡିଥିଲା ।

ଭଦ୍ରକ ସହରର କଣ୍ଟାବଣିଆ ଠାରେ ସେକ୍ ମମ୍‌ତାଜଙ୍କ



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଝିଅ ନଜ୍‌ମା ୧୯୯୨ ମସିହାରେ ସେକ୍ ସେରୁଙ୍କୁ ବିବାହ କରିଥିଲେ । ଉଭୟ ନଜ୍‌ମା ଓ ସେକ୍ ସେରୁ ମମ୍‌ତାଜଙ୍କ ଘରେ ରହୁଥିଲେ । ଦୀର୍ଘ ୧୧ ବର୍ଷର ଦାଂପତ୍ୟ ଜୀବନ ସୁଖରେ କଟିଥିବା ବେଳେ ଗତ ୨୦୦୩ ଜୁଲାଇ ୫ ତାରିଖରେ ନଜ୍‌ମାଙ୍କ ଜୀବନରେ ଝଡ ଆସିଥିଲା । ସେହିଦିନ ନଜ୍‌ମାଙ୍କ ଶିଶୁଝିଅ ନୈନା ପାଇଁ 'ସେରେଲାକ୍' (ଶିଶୁଖାଦ୍ୟ) ଆଣିବାକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସାମାନ୍ୟ ଝଗଡା ହୋଇଥିଲା । ମାତ୍ର ମଦନିଶାରେ ଥିବା ସ୍ୱାମୀ ନଜ୍‌ମାଙ୍କୁ ଜୁଆଡେ 'ତଲାକ୍' ବୋଲି ତିନିଥର କହି ଜୁଆଡେ ଚାଲି ଯାଇଥିଲା । ସ୍ୱାମୀ-ସ୍ତ୍ରୀଙ୍କ ଭିତିରି କଥା କେଉଁପ୍ରକାରେ ବାହାରେ ପ୍ରଘଟ ହୋଇଯାଇଥିଲା । ମଦ ନିଶା ଛାଡିବା ପରେ ଅବଶ୍ୟ ସେକ୍ ସେରୁ ନଜ୍‌ମାଙ୍କ ସହ ସ୍ୱାଭାବିକ ଜୀବନ ଯାପନ କରିଥିଲା । ପ୍ରଥମେ ନିଜ ବସ୍ତିର ମୁସ୍‌ଲିମ ଲୋକେ ଏହାକୁ ବିରୋଧ କରିବା ଆରମ୍ଭ କରିଥିଲେ । ସେରୁ ନଜ୍‌ମାଙ୍କୁ ତଲାକ୍ ଦେଇ ସାରିଥିବାରୁ ଉଭୟ ଏକାଠି ରହି ପାରିବେ ନାହିଁ ବୋଲି ସେମାନେ ଯୁକ୍ତି କରିଥିଲେ । ଏହିଠାରୁ ମାମଲା ଚର୍ଚ୍ଚାର ପରିଧିକୁ ଆସିଥିଲା । ପରେ ନଜ୍‌ମାଙ୍କୁ ସହାୟତା ଦେବାଲାଗି ଭଦ୍ରକର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ 'କ୍ଲାପ୍' ସହାୟତାରେ ନଜ୍‌ମା ୨୧-୭-୦୪ରେ ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ୍ ମାମଲାକୁ ଖାରଜ କରିଦେବା ପରେ ନଜ୍‌ମା ୧୨-୯-୦୫ରେ ସୁପ୍ରିମ୍‌କୋର୍ଟରେ ଅପିଲ କଲେ । ୨୦୦୬ ମସିହା ଜାନୁଆରୀ ୪ ତାରିଖରେ ସୁପ୍ରିମ୍‌କୋର୍ଟ୍ ଓଡିଶା ସରକାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରିକଲେ । ୨୧ ଅପ୍ରେଲ, ୨୦୦୬ ରେ ମାନ୍ୟବର ସୁପ୍ରିମ୍‌କୋର୍ଟ 'ନଜ୍‌ମା ଓ ତାଙ୍କ ସ୍ୱାମୀ' ଏକାଠି ରହିପାରିବେ ବୋଲି ଐତିହାସିକ ରାୟ ଦେବାପରେ ସାରା ଦେଶରେ ଚହଳ ସୃଷ୍ଟି ହୋଇଥିଲା । ପ୍ରଶାସନ ପକ୍ଷରୁ ଦୁଇଜଣଙ୍କ ଏକାଠି ରହିବାର ବ୍ୟବସ୍ଥା କରାଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ନଜ୍‌ମା ସୁପ୍ରିମ୍‌କୋର୍ଟରେ ମୁସ୍‌ଲିମ ପର୍ସନାଲ ଲ'ରେ ତଲାକ୍ ଆଇନ୍‌ରେ ସଂଶୋଧନ ଆଣିବା ପାଇଁ ଏକ ପିଟିସନ ଦାୟର କରିଥିଲେ । ଗତ ଅକ୍ଟୋବର ମାସରେ ରାଜ୍ୟ ସରକାର ଏହା ଉପରେ ସୁପ୍ରିମ୍‌କୋର୍ଟଙ୍କୁ ନିଜ ମତ ଜଣାଇଛନ୍ତି । ଯେଉଁଥିରେ ତଲାକ୍ ଆଇନ୍‌ର ସଂଶୋଧନ ଅନାବଶ୍ୟକ ବୋଲି ସତ୍ୟପାଠ କରାଯାଇଛି । ତେବେ ୨୦୦୬ରେ ଭଦ୍ରକର ନଜ୍‌ମା ବିବି ତଲାକ୍ ମାମଲା ଦେଶର କୋଟି କୋଟି ମୁସଲ୍‌ମାନ ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର ଥିଲା ।

## କେରଡାଗଡର ସମାଧାନ ଫର୍ମୁଲା ଏବେ ବି ଦ୍ୱନ୍ଦରେ

କେନ୍ଦ୍ରାପଡା: କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନାର କେରଡାଗଡ ଗ୍ରାମଟି ବର୍ଷକ ତଳେ ଥିଲା ସମସ୍ତଙ୍କ ପାଇଁ ଏକ ଅଖ୍ୟାତପଲ୍ଲୀ । କିନ୍ତୁ ଆଜି ଏହି ଗ୍ରାମଟିରେ ଥିବା ଜଗନ୍ନାଥ ମନ୍ଦିରଟି ଏକ ଜାତୀୟ ପ୍ରସଙ୍ଗ ପାଲଟି ଯାଇଛି ।

କନିକା ରାଜାଙ୍କ ଦ୍ୱାରା କେରେଡାଗଡରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଘଟଣାକ୍ରମେ ମନ୍ଦିରର ପରିଚାଳନା ଦାୟିତ୍ୱ ଚାଲିଯାଇଛି ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗକୁ । ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଅସବର୍ଣ୍ଣଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଆସିଛି । ଗତବର୍ଷ ପଞ୍ଚୁକ ପୂର୍ଣ୍ଣମୀରେ ଏଠାରେ ବୁଣି ହୋଇଥିଲା ବିବାଦର ମଞ୍ଜି । ସେଦିନ କେତେଜଣ ଅସବର୍ଣ୍ଣ ମହିଳା ମନ୍ଦିର ଭିତରକୁ ପ୍ରବେଶ କରିବା ପରେ ସେମାନଙ୍କୁ ଜୋରିମାନା କରାଯିବା ସହ ତାଗିଦ୍ କରାଯାଇଥିଲା । ଏହି ଘଟଣାକୁ ନେଇ ଆରମ୍ଭ ହୋଇଥିଲା ପରଂପରା ବିରୋଧରେ ବିଦ୍ରୋହ । ଉଭୟ ପକ୍ଷ ଛକାପଞ୍ଝା ଭିତରେ ରହୁଥିବା ବେଳେ ଅସବର୍ଣ୍ଣମାନେ ସମୂହଭାବେ ମନ୍ଦିର ପ୍ରବେଶ କରିବାର ତାରିଖର ଗୋଟିଏ ଦିନ ପୂର୍ବରୁ ମାନ୍ୟବର ହାଇକୋର୍ଟ୍ ଏକ ରିଟ୍ ପିଟିସନ୍‌କୁ ଗ୍ରହଣ କରି ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଲେ । ଯାହା ଫଳରେ କିଛିଦିନ ପାଇଁ ଏହି ବିବାଦ ଉପରେ ପରଦ ପଡିଯାଇଥିଲା । ମାତ୍ର ଉକ୍ତ ପିଟିସନ୍‌ର ବିଚାର କରି ପ୍ରତି ହିନ୍ଦୁଙ୍କର ମନ୍ଦିର ଭିତରେ ପଶି ଠାକୁର ଦର୍ଶନ କରିବାର ଅଧିକାର ରହିଛି ବୋଲି ହାଇକୋର୍ଟ୍ ରାୟ ଦେବାପରେ ଏହି ବିବାଦର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା ।

ଶେଷରେ ସମସ୍ତଙ୍କର ଉତ୍କଣ୍ଠାର ଅବସାନ ଘଟାଇ ଡିସେମ୍ବର ୧୪ ତାରିଖରେ ଅସବର୍ଣ୍ଣମାନେ ଦଳ ଦଳ ହୋଇ ମନ୍ଦିର ପ୍ରବେଶ କରିଥିଲେ । ଅସବର୍ଣ୍ଣମାନେ ମନ୍ଦିର ପ୍ରବେଶ କରିବା ଫଳରେ ମନ୍ଦିରର ପୂଜକ ଓ ସେବାୟତ ଠାକୁରଙ୍କ ପହଡ ପକାଇ ଦେଇ ସ୍ଥାନ ଛାଡି ଚାଲିଯାଇଥିଲେ । ୧୬ ତାରିଖ ରାତିରେ ରାଜା ପହଞ୍ଚି

ସବର୍ଣ୍ଣଙ୍କୁ ବୁଝାଇବା ପରେ ପୁଣିଥରେ ମନ୍ଦିରର ପୂଜାନୀତି ଆରମ୍ଭ ହୋଇଥିଲା । ଶେଷରେ ଏହି ସମସ୍ୟାର ସମାଧାନ ପାଇଁ

ଉଭୟ ପକ୍ଷଙ୍କୁ ଡକାଇ ଏକ ଫର୍ମୁଲା ବାହାର କରାଯାଇଥିଲା । ଏହି ଅନୁସାରେ ଆଉ କୌଣସି ସବର୍ଣ୍ଣ କି ଅସବର୍ଣ୍ଣ ମନ୍ଦିରର ମୁଖ୍ୟ ଫାଟକରେ ଯିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ସେଠାରୁ ଠାକୁରଙ୍କ ସମ୍ମୁଖରେ ଥିବା ପ୍ରଥମ ପାହାଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବ୍ୟାରିକେଡ୍ ନିର୍ମାଣ କରାଯିବ । ସବୁ ଶ୍ରେଣୀର ଭକ୍ତ ସେହି ପର୍ଯ୍ୟନ୍ତ ଯାଇ ଠାକୁରଙ୍କ ଦର୍ଶନ କରିବେ । କେବଳ ପୂଜକ ଓ ସେବାୟତ ମାନେ ମନ୍ଦିରର ସବୁ ସ୍ଥାନକୁ ଯାଇ ପାରିବେ ବୋଲି ନିଷ୍ପତ୍ତି ହୋଇଥିଲା ।

ମୁଖ୍ୟ ଫାଟକ ଥାଉ ଥାଉ ଆଉ ଏକ ଛୋଟ ଫାଟକ କରି ଠାକୁରଙ୍କ ଦର୍ଶନ କରିବା ଘଟଣାକୁ ଏହି ଦଳିତ ନେତାମାନେ ଗ୍ରହଣ କରୁନାହାନ୍ତି । ସବର୍ଣ୍ଣମାନେ ଭାଇଚାରାକୁ ସମ୍ମାନ ଜଣାଇ ନିଜଆଡୁ ଅସବର୍ଣ୍ଣଙ୍କୁ ମନ୍ଦିର ଭିତରକୁ ନ ନେଲେ ଅସବର୍ଣ୍ଣମାନେ ଜିଲ୍ଲାବ୍ୟାପୀ ସହସ୍ରାଧିକ ସଂଖ୍ୟାରେ ବୌଦ୍ଧଧର୍ମ ଗ୍ରହଣ କରିବେ ବୋଲି ଦଳିତ ନେତା ଭଜମନ ବେହେରା ସାମ୍ବାଦିକମାନଙ୍କ ଆଗରେ ପ୍ରକାଶ କରିଛନ୍ତି । ସେମାନଙ୍କ ମଧ୍ୟରେ କେରେଡାଗଡର କିଛି ଅସବର୍ଣ୍ଣ ରହିଥିବା ସେ କହିଛନ୍ତି । ତେଣୁ ୨୦୦୬ର ଏହି ବିବାଦ ୨୦୦୭ରେ କେଉଁ ମୋଡ ନେଉଛି, ତାହା ସମୟ କହିବ ।

ସୁରେଶ ସାହୁ

## ସାଧାରଣ ସୂଚନା

ଖୁବ୍ ଶୀଘ୍ର ଆମର ୱେବ୍‌ସାଇଟ୍‌ର ସଂପୂର୍ଣ୍ଣ ପରିବର୍ତ୍ତନ କରାଯିବ, ଏବଂ ଏହାର ନୂତନ ସଂସ୍କରଣରେ ଆମେ ଆପଣମାନଙ୍କ ସୁବିଧା ପାଇଁ ଅନେକ ପ୍ରକାର ସୁବିଧା ଯୋଗାଇଦେବୁ । ଏହି ୱେବ୍‌ସାଇଟ୍‌ରେ ଆପଣ ପାଇବେ ନୂଆପୁରୁଣା ସମସ୍ତ ଆହ୍ୱାନ ପତ୍ରିକା ସହିତ ଆହୁରି ଅନେକ ମାଗଣାରେ ଡାଉନ୍‌ଲୋଡ୍ କରି ହେଉଥିବା ଇ-ପତ୍ରିକା ଏବଂ ସଫ୍ଟୱେର୍ । ଅପେକ୍ଷା କରନ୍ତୁ ଆଗାମୀ ସଂସ୍କରଣକୁ ।

**http://www.aahwaan.tk**

# ଫାଶୀରେ ଝୁଲିଲେ ସଦ୍ଦାମ

ସଦ୍ଦାମ ଯୁଗର ଅବସାନ ଘଟିଲା । ଡିସେମ୍ବର ୩୦ ତାରିଖ, ଭାରତୀୟ ସମୟ ସକାଳ ୮ଟା ୩୦ ମିନିଟ୍‌ରେ ବାଗ୍‌ଦାଦ୍‌ର ଉତ୍ତର ଭାଗରେ ଥିବା କୌଣସି ଏକ ଗୁପ୍ତସ୍ଥାନରେ ଇରାକ୍‌ର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଯାଇଛି ।



ଫାଶୀ ପାଇବାକୁ ଯିବାର ଶେଷ ସମୟ ପର୍ଯ୍ୟନ୍ତ ୬୯ ବର୍ଷୀୟ ସଦ୍ଦାମଙ୍କ ହାତରେ ଥିଲା ପବିତ୍ର କୋରାନ୍ । ଶେଷ ପର୍ଯ୍ୟନ୍ତ ବି ସେ ହାର ମାନି ନଥିଲେ । କାହାର ଆଦେଶ ଆଗରେ ମୁଣ୍ଡ ନୁଆଇଁ ନଥିଲେ । ବେଶ୍ ଅବିଚଳିତ ରହିଥିଲେ । ଚାଲୁଥିଲେ କ୍ଷମତାରେ ଥିବା ରାଷ୍ଟ୍ରନାୟକଙ୍କ ଦୃଢ଼ତାର ସହିତ । ଏପରିକି ଫାଶୀ ପାଇବା ଲୋକ ଯେଉଁ ପୋଷାକ ପିନ୍ଧନ୍ତି ତା'କୁ ପିନ୍ଧିବାକୁ ସଫା ସଫା ମନା କରିଦେଇଥିଲେ ସେ । ମୁହଁରେ ଅବସାଦ ବା ଅନୁଶୋଚନାର ଲେଶମାତ୍ର ଚିହ୍ନ ନଥିଲା । ତାଙ୍କ ବେକରେ କଳା କପଡା ଗୁଡାଇ ତାଙ୍କୁ ଫାଶୀ ଦେବା ପାଇଁ ନିଆଗଲା ବେଳେ ବି ତାଙ୍କ ମୁହଁରେ କିଛି ଯେମିତି ନୂଆ ଘଟଣା ଘଟୁନି



ସେମିତି ଭାବ ଥିଲା।

## ସବୁ ଶେଷ, ସଦ୍ଦାମ ଯୁଗର ଅବସାନ

ସଦ୍ଦାମଙ୍କୁ ଏବେ ୟେମେନ୍‌ରେ କବର ଦିଆଯିବାକୁ ଜୋର୍ଡାନରେ ନିର୍ବାସନ ଭୋଗୁଥିବା ତାଙ୍କ ଝିଅ ରାଘଦ ଇଚ୍ଛା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏବେ ୟେମେନ୍‌ରେ ସଦ୍ଦାମଙ୍କୁ କବର ଦିଆଯିବ। ଇରାକ୍ ବାହ୍ୟଶକ୍ତି କବଳରୁ ମୁକ୍ତ ହେବା ପରେ ତାଙ୍କ ଦେହାବଶେଷକୁ ମାତୃଭୂମିକୁ ନିଆଯିବ।



ମାତ୍ର କେଇବର୍ଷ ତଳେ ତାଙ୍କ ଇଶାରା ମାତ୍ରକେ କେତେ ଜୀବନ ଟଳି ପଡୁଥିଲେ। ସେହି ପ୍ରବଳ ପ୍ରତାପୀ ସଦ୍ଦାମ ହୁସେନ୍ କେବେ ବି ଭାବି ନଥିବେ ଯେ ଦିଏନ ଆଉ କେହି ଜଣେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବ। ସଦ୍ଦାମ ହୁସେନ୍‌ଙ୍କୁ ଆଜି ଫାଶୀ ଦିଆଯିବା ଫଳରେ ଏକ ଯୁଗର ଅନ୍ତ ଘଟିଛି। ସଦ୍ଦାମ ଫାଶୀଖୁଣ୍ଟରେ ଝୁଲିବା ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍, ଇରାକର ସିହା ଓ କୁର୍ଦ୍ଦମାନଙ୍କୁ ଖୁସି କରାଇଛି। ତେବେ ଏହି ଘଟଣା ଦୁର୍ଭାଗ୍ୟଜନକ ଓ ନୈରାଶ୍ୟଜନକ ବୋଲି ଭାରତ ପକ୍ଷରୁ ପ୍ରତିକ୍ରିୟାରେ କୁହାଯାଇଛି।

## ବିଶ୍ୱ ପ୍ରତିକ୍ରିୟା

ପୋପ୍: ସଦ୍ଦାମଙ୍କ ଫାଶୀ ଏକ ଦୁଃଖଦାୟକ ଘଟଣା। ଏହା ଇରାକରେ ହିଂସାର ମଞ୍ଜି ବୁଣିବ

ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍: ଗଣତନ୍ତ୍ରରେ ପରିଣତ ହେବାକୁ ଇରାକ୍‌ର ପ୍ରଚେଷ୍ଟା ଦିଗରେ ସଦ୍ଦାମଙ୍କ ଫାଶୀ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। ଏହା ଗଣତନ୍ତ୍ରର ବିଜୟ।

ଫ୍ରାନ୍ସ: ଏହା ଇରାକର ନାଗରିକ ଓ ସରକାରଙ୍କ ନିଷ୍ପତ୍ତି।

ଅଷ୍ଟ୍ରେଲିଆ ବିଦେଶମନ୍ତ୍ରୀ ଆଲେକ୍‌ଜାଣ୍ଡର ଡାଉନ୍‌ର: ଏବେ ଇରାକର ଲୋକେ ଅନୁଭବ କରିପାରିବେ ଯେ ବର୍ବର ଶାସକ ସଦ୍ଦାମ ଆଉ ସେମାନଙ୍କୁ ଶାସନ କରିବାକୁ ଫେରି ଆସିବେ ନାହିଁ।

## ସଂପୂର୍ଣ୍ଣ ସମ୍ବାଦ

ବାଗ୍‌ଦାଦ: ୩୦-୧୨: ଆଜି ଭାରତୀୟ ସମୟ ଆନୁସାରେ ସକାଳ ୮ଟା ୩୦ମିନିଟ୍‌ରେ ସଦ୍ଦାମ ହୁସେନ୍‌ଙ୍କୁ ଏଠାରେ ଫାଶୀ ଦିଆଯାଇଛି। ପ୍ରଥମେ ସଦ୍ଦାମ ହୁସେନ୍‌ଙ୍କ ଫାଶୀକୁ ନେଇ ପରସ୍ପର ବିରୋଧୀ ଖବର ମିଳୁଥିଲା। ଇରାକର ବୈଦେଶିକ (ଉପ)ମନ୍ତ୍ରୀ ଲାବିଦି ଆବାଜି ସଦ୍ଦାମଙ୍କୁ ଫାଶୀ ଦିଆଯିବାର ବିଧିବଦ୍ଧ ଘୋଷଣା କରିବା ପରେ ଏ ନେଇ ସମସ୍ତ ସନ୍ଦେହ ଦୂର ହୋଇଯାଇଛି।

ସଦ୍ଦାମଙ୍କ ସହିତ ତାଙ୍କ ସାବତ ଭାଇ ବର୍‌ଜନ୍ ଅଲ୍ ଟିକ୍ରିଟି ଓ ପୂର୍ବତନ ବିଚାରପତି ଅହ୍ମଦ ଅଲ୍ ବନ୍ଦର୍‌ଙ୍କୁ ମଧ୍ୟ ଫାଶୀ ଦିଆଯାଇଥିବା ଆରବୀୟ ଚାନେଲ୍ 'ଅଲ୍ ଆରବୀୟା'ରେ ପ୍ରସାରିତ ହୋଇଛି। ସଦ୍ଦାମଙ୍କୁ ଫାଶୀ ଦିଆଯିବା ପରେ ଇରାକି-ଆମେରିକୀୟମାନେ ଆରବୀୟ ବହୁଳ ସହର ମିଚିଗାନ୍ ଓ ଡିଅର୍‌ବର୍ଣ୍ଣରେ ଆନନ୍ଦରେ ବିଭୋର ହୋଇ ପତାକା ଉଡାଇବା ଦୃଶ୍ୟ ଆମେରିକା ଟେଲିଭିଜନ୍‌ରେ ଦେଖାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ୨୦୦୩ରେ କ୍ଷମତାଚ୍ୟୁତ ଇରାକର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମଙ୍କୁ ଇରାକ କର୍ତ୍ତୃପକ୍ଷଙ୍କୁ ଗତ କାଲି ହସ୍ତାନ୍ତର କରାଯାଇଥିଲା। ତାଙ୍କ ଓକିଲଙ୍କୁ ସଦ୍ଦାମଙ୍କ ବ୍ୟକ୍ତିଗତ ଆସବାବପତ୍ର ନେଇ ଯିବାପାଇଁ କୁହାଯାଇଥିଲା। ସଦ୍ଦାମଙ୍କୁ ଆଜି ଫାଶୀ ଦିଆଯିବ ବୋଲି ବିଚାରପତି କହୁଥିବା ଦୃଶ୍ୟ ଇରାକର ଏକ ଟେଲିଭିଜନ୍ ଚାନେଲ୍‌ରେ ଗତ କାଲି ଦେଖିବାକୁ ମିଳିଥିଲା। ତେବେ ବାଗ୍‌ଦାଦ୍‌ରୁ ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟରେ ଏହାକୁ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଅସ୍ୱୀକାର କରା ଯାଇଥିଲା । ତେଣୁ ଗତକାଲି ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ସଦ୍ଦାମଙ୍କ ଫାଶୀକୁ ନେଇ ଅନିଶ୍ଚିତତା ଲାଗି ରହିଥିଲା । ବିଚାରପତିଙ୍କ ଘୋଷଣାରୁ ସଦ୍ଦାମଙ୍କୁ ଫାଶୀ ହେବା ନିଶ୍ଚିତ ହୋଇ ଯାଇଥିଲା । କିନ୍ତୁ କେବେ ଫାଶୀ ହେବ ସେ ନେଇ ଉତ୍ସୁକତା ଲାଗି ରହିଥିଲା । କାରଣ ଗତକାଲି ସରକାରୀ ଅଧିକାରୀ ମାନେ ଶନିବାର ଭୋର୍ ୫ଟା ୩୦ରୁ ୬ଟା (ଭାରତୀୟ ସମୟ)ଅ ମଧ୍ୟରେ ତାଙ୍କୁ ଫାଶୀ ଦିଆଯିବ ବୋଲି ଗଣ ମାଧ୍ୟମକୁ ଜଣାଇଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ୧୯୮୨ ମସିହାରେ ୧୪୮ଜଣଙ୍କୁ ହତ୍ୟା କରିବା ଅପରାଧରେ ସଦ୍ଦାମଙ୍କୁ ଗତ ନଭେମ୍ବର ୫ ତାରିଖରେ ଇରାକର ଏକ ସ୍ୱତନ୍ତ୍ର କୋର୍ଟ ଫାଶୀ ଦଣ୍ଡ ଆଦେଶ ଦେଇଥିଲେ । ଡିସେମ୍ବର ୨୬ ତାରିଖରେ ଇରାକର ଅପିଲ୍ କୋର୍ଟ ଏହି ଫାଶୀ ଦଣ୍ଡକୁ କାଏମ୍ ରଖିଥିଲେ । ଅପିଲ୍ କୋର୍ଟର ରାୟପରେ ଇରାକ୍‌ର ଆଇନ୍ ଅନୁସାରେ ରାଷ୍ଟ୍ରପତି ଜଲାଲ୍ ତଲ୍ବାନିଙ୍କ ନିକଟରେ ରାଜକ୍ଷମା ପାଇଁ ସଦ୍ଦାମ ଆବେଦନ କରିବାର ସୁଯୋଗ ଥିଲା । କିନ୍ତୁ ବର୍ତ୍ତମାନର ଇରାକର ସରକାରଙ୍କ ସାମ୍ବିଧାନିକ ସ୍ଥିତିକୁ ସଦ୍ଦାମ ସ୍ୱୀକାର କରୁନଥିଲେ । ସେ ରାଜକ୍ଷମା ପାଇଁ ଆବେଦନ କରିନଥିଲେ । ତେବେ ଇରାକ୍‌ର ବିଚାର ବ୍ୟବସ୍ଥା ଅନୁଯାୟୀ ଅପିଲ୍ କୋର୍ଟରେ ମୃତ୍ୟୁ ଦଣ୍ଡାଦେଶର ୩୦ଦିନ ମଧ୍ୟରେ ଫାଶୀ ଆଦେଶକୁ କାର୍ଯ୍ୟକାରୀ କରାଯିବା ବ୍ୟବସ୍ଥା ଥିବାରୁ ଆଶା କରାଯାଉଥିଲା ଫାଶୀ ଆଉ କିଛି ଦିନ ପରେ ଦିଆଯିବ । କିନ୍ତୁ ଇରାକ୍ ସରକାର ତରବରିଆ ଭାବେ ଇଦ୍ ଅଲ୍ ଆଧା ଛୁଟି ଆରମ୍ଭ ହେବା ପୂର୍ବରୁ ସଦ୍ଦାମଙ୍କୁ ଫାଶୀ ଦେଲେ । ଏପରିକି ଭାରତ ଇରାକ୍‌ରେ ଶାନ୍ତି ପୁନର୍ବହାଲ ଓ ମାନବୀୟ ଦୃଷ୍ଟିକୋଣରୁ ସଦ୍ଦାମଙ୍କୁ ଫାଶୀ ବଦଳରେ କ୍ଷମା ଦିଆଯିବ ବୋଲି ଆଶା ପ୍ରକାଶ କରିଥିଲା । ସଦ୍ଦାମଙ୍କ ଫାଶୀକୁ ନେଇ ସମସ୍ତ ବିଷୟରେ ଅତ୍ୟନ୍ତ ଗୋପନୀୟତା ରକ୍ଷା କରାଯାଇଥିଲା ।

ସଦ୍ଦାମଙ୍କୁ ଫାଶୀ ଦିଆଯିବା ଘଟଣାର ନିନ୍ଦାକରି ଆସନ୍ତା ଜାନୁଆରୀ ୪ ତାରିଖରେ କଳାଦିବସ ପାଳନ କରିବା ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି । ଅପରପକ୍ଷରେ ଏହାର ଚରମ ପ୍ରତିଶୋଧ ନିଆଯିବ ବୋଲି ତାଲିବାନ ଧମକ ଦେଇଛି । ଆଜି ମଧ୍ୟ ଇରାକର ସିହା ବହୁଳ କୁଫା ସହରରେ ସିରିଏଲ ବିସ୍ଫୋରଣ ଘଟି ୩୦ଜଣ ପ୍ରାଣ ହରାଇଥିବା ବେଳେ ୪୫ ଜଣ ଆହତ ହୋଇଛନ୍ତି ।

ସଦ୍ଦାମ ଫାଶୀ ପାଇବା ଫଳରେ ଇରାକର ସଂଖ୍ୟାଗରିଷ୍ଠ ସିହାମାନେ ଖୁସି ଜାହିର କରିଛନ୍ତି । ତେବେ ତାଙ୍କର ସମର୍ଥକ ସୁନ୍ନି ମୁସ୍‌ଲିମ୍ ମାନେ ଏହାକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି ।

ସଦ୍ଦାମଙ୍କ ଶେଷ ଚିଠି

ନଭେମ୍ବର ୫ ତାରିଖରେ ସଦ୍ଦାମ ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡାଦେଶ ପାଇବା ପରେ ଯେଉଁ ଚିଠି ଲେଖିଥିଲେ, ତାହାର ସାରାଂଶ:

'ମୁଁ ନିଜକୁ ଉତ୍ସର୍ଗ କରୁଛି । ଯଦି ମୁଁ ଶହୀଦ ହୋଇଯାଏ ତେବେ ମୋର ଆତ୍ମା ନିଶ୍ଚୟ ଆଲ୍ଲାଙ୍କ ସହିତ ମିଳିତ ହେବ ।'

କବର

ସଦ୍ଦାମଙ୍କୁ ଏବେ ୟେମେନ୍‌ରେ କବର ଦିଆଯିବାକୁ ଜୋର୍ଡାନରେ ନିର୍ବାସନ ଭୋଗୁଥିବା ତାଙ୍କ ଝିଅ ରାଘଦ ଇଚ୍ଛା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଏବେ ୟେମେନ୍‌ରେ ସଦ୍ଦାମଙ୍କୁ କବର ଦିଆଯିବ । ଇରାକ୍ ବାହ୍ୟଶକ୍ତି କବଳରୁ ମୁକ୍ତ ହେବା ପରେ ତାଙ୍କ ଦେହାବଶେଷକୁ ମାତୃଭୂମିକୁ ନିଆଯିବ ।

ସଦ୍ଦାମଙ୍କୁ ଫାଶୀ ଦିଆଯିବା ବେଳେ ଆମେରିକୀୟ ରାଷ୍ଟ୍ରପତି ଜର୍ଜ ବୁଶ୍ ଶୋଇଥିଲେ । ଫାଶୀ ସ୍ଥଳରେ କେହି ବି ଜଣେ ଆମେରିକୀୟ ନଥିଲେ । ସାକ୍ଷୀ ଭାବେ ଜଣେ ଡାକ୍ତର, ଓକିଲ ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ସଦ୍ଦାମ ବେଶ୍ ସ୍ୱାଭାବିକ ଓ ଶାନ୍ତ ଥିଲେ ।

ସେ ଥିଲେ ପ୍ରତିକ୍ରିୟା ଶୂନ୍ୟ । ଫାଶୀଖୁଣ୍ଟକୁ ନିଆଯିବା ବେଳେ ତାଙ୍କ ମୁହଁରେ କଳାକନା ଢାଙ୍କିବାକୁ ସେ ମନା କରିଦେଇଥିଲେ । ଦୁନିଆ ତାଙ୍କ ନିର୍ଭୀକ ଚେହେରା ଦେଖୁଥିବା ବେଳେ ସେ ମୃତ୍ୟୁ ଚାହାନ୍ତି ବୋଲି କହିଥିଲେ । ମୃତ୍ୟୁକୁ ତାଙ୍କର

ଡର ନାହିଁ ବୋଲି ଘାତକକୁ କହିଥିଲେ। ଫାଶୀ ଦେଉଥିବା ଘାତକ ମାନେ ନିଜ ମୁହଁରେ କଳାକନା ଢାଙ୍କି ରଖିଥିଲେ। ସମ୍ଭବତଃ ଫାଶୀ ପରବର୍ତ୍ତି ବିପଦରୁ ରକ୍ଷା ପାଇବାପାଇଁ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି। ଶେଷ ଇଛା ଭାବେ ସେ ଫାଶୀଖୁଣ୍ଟକୁ ଯିବା ପୂର୍ବରୁ ହାତରେ ପବିତ୍ର କୋରାନ ଧରିଥିଲେ। ଏହାକୁ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଇଦେବାକୁ ସେ କହିଥିଲେ। ସଦ୍ଦାମ ଗତ କିଛି ଦିନ ହେଲା ଖୁବଧାର୍ମିକ ହୋଇପଡିଥିଲେ। ଫାଶୀଦିଆଯିବା ସମୟରେ ଏହା ଇରାକର ଗଣମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା।

# ଲୁପ୍ତପ୍ରାୟ ପ୍ରହ୍ଲାଦ ନାଟକ

ଓଡିଶାର ସଭ୍ୟତା ଓ ସଂସ୍କୃତିରେ ଲୋକକଳାର ପରଂପରା ଅତି ପୁରାତନ। ଲୋକକଳା ତଥା ଲୋକନାଟକ ପ୍ରତି ସବୁଠାରେ ଆଦର ଓ ଆକର୍ଷଣ ରହିଛି। ବର୍ତ୍ତମାନ ମଧ୍ୟ ଗାଁ ଦାଣ୍ଡରେ ଶୀତୁଆ ରାତିରେ ଲୋକନାଟକ ପରିବେଷିତ ହୁଏ, ତେବେ ଖୋଲା ଆକାଶ ତଳେ ଶୀତ କାକରରେ ଲୋକମାନେ ବସି ଆଗ୍ରହର ସହିତ ତାହାକୁ ଦେଖନ୍ତି। ତେବେ ସମୟ ବଦଳୁଛି, ମନୋରଞ୍ଜନର ମାଧ୍ୟମ ବି ବଦଳୁଛି। ଇଲେକ୍ଟ୍ରୋନିକ୍ସ ମାଧ୍ୟମ ପ୍ରଭାବରେ କ୍ରମଶଃ କମୁଛି ଲୋକକଳାର ଆଦର। ଆଧୁନିକତାର ସ୍ପର୍ଶରେ ଅବଲୁପ୍ତ ପ୍ରାୟ ଲୋକନାଟକ। ଅନେକ ଲୋକକଳା ବା ଲୋକନାଟକର ସତ୍ତା ଲୋପ ପାଇବାକୁ ବସିଲାଣି। ଅନେକ ବର୍ତ୍ତମାନ ନିଜସ୍ୱ ସ୍ଥିତି ବଜାୟ ରଖିବା ପାଇଁ ସଂଗ୍ରାମରତ। ଦକ୍ଷିଣଓଡିଶାରେ ବିଶେଷତଃ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଲୋକକଳା ପ୍ରହ୍ଲାଦ ନାଟକର ବିଶେଷ ଚାହିଦା ରହିଛି। ବିଲୁପ୍ତ ପ୍ରାୟ ଏହି ଲୋକନାଟ୍ୟ ପରଂପରା ଉପରେ ଆମର ବିଶେଷ ଆଲେଖ୍ୟ।

**ଶୈଳେଶ ଗନ୍ତାୟତ**

ପାଦରେ ଘାଗୁଡି ବାନ୍ଧି, କାନ୍ଧରେ ଗଦାଧରି ପ୍ରବଳ ପ୍ରତାପୀ ଗର୍ବୀ ହିରଣ୍ୟକଶ୍ୟପୁ ତାଳ ଓ ମୃଦଙ୍ଗର ତାଳେ ତାଳେ ପ୍ରବଳ ଗର୍ଜନ କରି ହରି ଭକ୍ତ ପ୍ରହ୍ଲାଦଙ୍କୁ ବଧ କରିବା ପାଇଁ ମଞ୍ଚରେ ଦୌଡୁଥିବାର ଦୃଶ୍ୟରେ ଦର୍ଶକ ମାନେ ଭୟରେ ଶିହରି ଉଠନ୍ତି। ତେବେ ଭୟ ନଥାଏ ବାଳକ ପ୍ରହ୍ଲାଦର। ନିର୍ବିକାର, ହରିପଦରେ ସମର୍ପିତ ବାଳକ ପ୍ରହ୍ଲାଦ ନିଜେ ହରିଙ୍କୁ ସ୍ମରଣ କରିବା ସହ ପିତାଙ୍କୁ ପରାମର୍ଶ ଦେଉଥାଏ ହରିଙ୍କ ପାଖରେ ଶରଣ ନେବାପାଇଁ। ଦର୍ଶକଙ୍କର ଭୟ କ୍ରମଶଃ ପରିବର୍ତ୍ତିତ ହୋଇଉଠେ ଭକ୍ତିରେ। ଗାଁ ଦାଣ୍ଡ ମୁଖରିତ ହୋଇଉଠେ ହରିବୋଲ ଓ ହୁଳହୁଳି ଶବ୍ଦରେ। ଏ ହେଲା ପ୍ରହ୍ଲାଦ ନାଟକ। ଦକ୍ଷିଣ ଓଡିଶାର ବିଶେଷତଃ ଗଞ୍ଜାମ ଓ



ହିରଣ୍ୟକଶିପୁ ଭୂମିକାରେ ସୀମାଦ୍ରି ପ୍ରଧାନ ଓ ରାଣୀଙ୍କ ଭୂମିକାରେ ...

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଗଜପତି ଜିଲ୍ଲାର ଗ୍ରାମାଞ୍ଚଳରେ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଲୋକନାଟକ ପ୍ରହ୍ଲାଦ ନାଟକ ଏବେ ତଥାକଥିତ ଆଧୁନିକତା ପ୍ରଭାବରେ ବିଲୁପ୍ତପ୍ରାୟ। ତେବେ ଗଞ୍ଜାମ ଜିଲ୍ଲାର ନିର୍ଦ୍ଦିଷ୍ଟ କେତେକ ଗ୍ରାମ ସହ ଗଜପତି ଜିଲ୍ଲା ରାମଗିରି ଉଦୟଗିରି ବ୍ଲକ୍‌ର ରଣ୍ଡିବା ଓ ଖଜୁରୀପଦା ଗ୍ରାମ ଓ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାର ଇଚ୍ଛାପୁର ଅଞ୍ଚଳରେ ପ୍ରହ୍ଲାଦ ନାଟକ ବଞ୍ଚିରହିଛି। ନାଟକକୁ ବଞ୍ଚାଇ ରଖିବା ପାଇଁ ଅହରହ ଉଦ୍ୟମ ଜାରୀ ରଖିଛନ୍ତି ନିର୍ଦ୍ଦିଷ୍ଟ କେତେକ କଳାକାର ଓ କଳାପ୍ରେମୀ।

ପ୍ରହ୍ଲାଦ ନାଟକର ଜନ୍ମ ଜାତକକୁ ପର୍ଯ୍ୟାଲୋଚନା କଲେ ଜଣା ପଡିବ ଯେ, ପ୍ରହ୍ଲାଦ ନାଟକକୁ ପ୍ରଥମେ ତେଲୁଗୁ ଭାଷାରେ ରଚନା କରିଥିଲେ ତରଳାଗଡ (ବର୍ତ୍ତମାନ ଆନ୍ଧ୍ର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ ବ୍ରାହ୍ମଣ ତରଳା ଗ୍ରାମ)ର ଜନୈକ ବ୍ରାହ୍ମଣ। ପରେ ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟ୍ ତାର ଓଡିଆ ଅନୁବାଦ କରିଥିବା ବେଳେ କବି ଗୌରହରି ପରିଚ୍ଛା ତାକୁ ପରିମାର୍ଜିତ ନାଟ୍ୟରୂପ ଓ ସଂଗୀତଧର୍ମୀ କରିଥିଲେ।



କବି ଗୌରହରି

ଦକ୍ଷିଣ ଓଡିଶାର ଲୋକପ୍ରିୟ ପ୍ରହ୍ଲାଦ ନାଟକ ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟଙ୍କ ଦ୍ୱାରା ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ରଚିତ ହୋଇଥିବା କେତେକ କହୁଥିବା ବେଳେ ଏହାକୁ ପ୍ରଥମେ ତରଳାଗଡ (ଅଧୁନା ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ)ର ଜନୈକ ବ୍ରାହ୍ମଣ ବିଷ୍ଣୁପୁରାଣ ଓ ନୃସିଂହ ପୁରାଣରୁ ତଥ୍ୟ ସଂଗ୍ରହ କରି ତେଲୁଗୁ ଭାଷାରେ ଲେଖିଥିଲେ। ପରେ ତରଳାଗଡର ରାଜା ଏହି ନାଟକକୁ ପ୍ରଦର୍ଶିତ କରାଇଥିଲେ। ତେବେ ତେଲୁଗୁ ଭାଷାର ଏହି ନାଟକକୁ ଓଡିଆମାନେ ବୁଝି ପାରି ନ ଥିବାରୁ ଏହାର ଓଡିଆ ଅନୁବାଦ ରାଜା ରାମକୃଷ୍ଣ କରିଥିଲେ। ୧୮୭୬ରୁ ୭୭ ମସିହା ମଧ୍ୟରେ ଏହି ନାଟକର ପରିକଳ୍ପନା ହୋଇଥିବା ଶୁଣାଯାଇ ଥିବା ବେଳେ

ସେହି ସମୟରେ ନିଜେ ରାଜା ରାମକୃଷ୍ଣ ଛୋଟରାୟ୍ ହିରଣ୍ୟକଶ୍ୟପୁ ଭୂମିକାରେ ଅଭିନୟ କରୁଥିଲେ ବୋଲି କିମ୍ବଦନ୍ତୀ କୁହେ। ତେବେ ଦକ୍ଷିଣ ଓଡିଶା ସମେତ ଆନ୍ଧ୍ର ପ୍ରଦେଶର ସୀମାଞ୍ଚଳମ୍ ପର୍ଯ୍ୟନ୍ତ ଲୋକଙ୍କ ମଧ୍ୟରେ ପ୍ରବଳ ଆଧ୍ୟାତ୍ମିକ ଚେତନା ଜଗୃତି ହେବା ସହ ଲୋକଙ୍କ ମଧ୍ୟରେ ନୃସିଂହ ଉପାସନା ପ୍ରତି ପ୍ରବଳ ଆଗ୍ରହ ରହିଥିଲା, ଯାହାକି ଅଧୁନା ମଧ୍ୟ ରହିଛି। ଏହାର ଜ୍ୱଳନ୍ତ ଉଦାହରଣ- ଓଡିଶାର ଦୈନିକ ହଜାର ହଜାର ଭକ୍ତ ଆନ୍ଧ୍ରର ସୀମାଞ୍ଚଳମ୍ ଯାଇ ନୃସିଂହ ଭଗବାନଙ୍କ ପୂଜାର୍ଚ୍ଚନା କରିବାରେ ଲାଗିଛନ୍ତି। ସେହି ନୃସିଂହ ଭାବନାକୁ ଜାଗ୍ରତ କରିବା ପାଇଁ କବି ଗୌରହରି ଏହି ନାଟକକୁ ନାଟ୍ୟ ଓ ସଂଗୀତଧର୍ମୀ କରାଇ ପରିମାର୍ଜିତ ରୂପ ପ୍ରଦାନ କରିଥିବା ବିଷୟ୍ ୧୯୨୬ରେ ଗଜପତି ପ୍ରେସ୍‌ରେ ମୁଦ୍ରିତ ତଥା ପ୍ରକାଶିତ ଗୌରହରି ଗ୍ରନ୍ଥାବଳୀର ମୁଖବନ୍ଧରେ କବି ଅପନ୍ନା ପଣ୍ଡା ଏ




କଥା ଉଲ୍ଲେଖ କରିଛନ୍ତି । ୧୯୦୪ ମସିହାରେ ନିଜ ଜୀବନୀରେ କବି ଅପନ୍ନା ପଣ୍ଡା ପରୋକ୍ଷରେ ଉଲ୍ଲେଖ କରିଛନ୍ତି ଯେ, କବି ଗୌରହରି ହିଁ ପ୍ରଥମେ ରଚନା କରିଥିଲେ। ତେବେ ପ୍ରହ୍ଲାଦ ନାଟକର ମାର୍ଜିତ ଓ ଉନ୍ନତ ରୂପ ରଚନାର ସମସ୍ତ ଶ୍ରେୟଃ କବି ଗୌରହରିଙ୍କୁ ଯିବା କଥା। ସେହି ପୌରାଣିକ ପ୍ରହ୍ଲାଦ ନାଟକ ଆଜି ବିଲୁପ୍ତପ୍ରାୟ୍। ପ୍ରୋତ୍ସାହନ ଅଭାବରୁ ଏହି ସର୍ବପୁରାତନ ଲୋକକଳାର କଳାକାର ମାନେ ଏହି ପୌରାଣିକ ନାଟକ ଆଡୁ ମୁହଁ ଫେରାଇ ପେଟ ପୋଷିବା ପାଇଁ ଅନ୍ୟ ବୃତ୍ତିରେ ମନୋନିବେଶ କରିବାରେ ଲାଗିଛନ୍ତି । ତଥାପି କିଛି କଳାକାର ଏହି ନାଟକକୁ ବଞ୍ଚାଇ ରଖିବା ପାଇଁ ଅହରହ ସଂଗ୍ରାମ କରିବାରେ ଲାଗିଛନ୍ତି। ଗଜପତି ଜିଲ୍ଲା ରାମଗିରି ଉଦୟଗିରି ବ୍ଲକ୍‌ର ଖଜୂରୀପଡାର ପ୍ରହ୍ଲାଦ ନାଟକ ଶିଳ୍ପୀମାନେ କିନ୍ତୁ ପ୍ରହ୍ଲାଦ ନାଟକ ଛାଡି ପାରିନାହାନ୍ତି। ବିନା ପ୍ରୋତ୍ସାହନରେ ସେହି ବ୍ଲକର ଗଙ୍ଗାପୁର ଗ୍ରାମର ଗୁରୁ ରାମଚନ୍ଦ୍ର ଜାନୀଙ୍କ ନିର୍ଦ୍ଦେଶନାରେ ଖଜୁରୀପଡା ଗ୍ରାମର କଳାକାରମାନେ ନାଟକ ପରିବେଷଣ କରି ଚାଲିଛନ୍ତି। ହିରଣ୍ୟକଶ୍ୟପୁ ରୂପରେ ସୀମାଦ୍ରି ପ୍ରଧାନ, ପ୍ରହ୍ଲାଦ ଭୂମିକାରେ କୈଳାସ ଚନ୍ଦ୍ର ମାଝୀ ଓ ସହଦେବ ବେହରଦଳାଇ, ରାଣୀ ଭୂମିକାରେ ପୂର୍ଣ୍ଣଚନ୍ଦ୍ର ଦଳାଇ, ଗଣେଶ ଭୂମିକାରେ କୈଳାସ ମାଝୀ ଅଭିନୟ କରୁଥିବା ବେଳେ ସେହି ନାଟକକୁ ସଂଗୀତର ରୂପ ଦେଇଛନ୍ତି ସୁରେନ୍ଦ୍ର ପାତ୍ର, ସୁରଥ ବେହେରା, ପ୍ରଫୁଲ୍ଲ ପ୍ରଧାନ, ସାରଙ୍ଗ ପାଇକ, ନବୀନ ପାଇକ, ସୁବାସ ପାଇକ ଓ ଗଙ୍ଗାକୃଷ୍ଣ। ସମଗ୍ର ନାଟକଟିକୁ ଗାନ କରିଛନ୍ତି ଗାହାକ ଗୋରାଚାନ୍ଦ ପାଇକ ଓ ସୁରେନ୍ଦ୍ର ପାତ୍ର। ଏ ସଂକ୍ରାନ୍ତରେ ଗୁରୁ ରାମଚନ୍ଦ୍ର କହନ୍ତି ସେମାନଙ୍କ ପୂର୍ବପୁରୁଷ ଜଳନ୍ତରା ରାଜା ରାମକୃଷ୍ଣ ଦେଓ (ରାମକୃଷ୍ଣ ଛୋଟରାୟ୍)ଙ୍କ ରଚିତ ପାଣ୍ଡୁଲିପିକୁ ମାଧ୍ୟମ କରି ୧୯୫୮ ମସିହାରୁ ଏହି ନାଟକ ପ୍ରଦର୍ଶନ କରି ଆସୁଛନ୍ତି। ତେବେ ଏହି ନାଟକର ପ୍ରସାର ପାଇଁ କିମ୍ବା ଏହାକୁ ବଞ୍ଚାଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରୋତ୍ସାହନ ଦିଆଯାଉନାହିଁ। ଯେଉଁଠାରେ

ଅସୀମ ଆଶା ଓ ଅଶାୟତ ଉନ୍ମାଦନାର

# ଆହ୍ୱାନ

ସେମାନେ ଏହି ନାଟକ ପ୍ରଦର୍ଶନ କରୁଛନ୍ତି ଉପଯୁକ୍ତ ସମ୍ମାନ ମିଳୁଛି ଏବଂ ଲୋକଙ୍କର ଏହି ନାଟକ ଦେଖିବାର ଆଗ୍ରହ ସେମାନଙ୍କ ଉତ୍ସାହ ଦ୍ୱିଗୁଣିତ କରୁଛି ହେଲେ ଭୋକ ଉପାସରେ ଏହି ଲୋକକଳାକୁ ବଞ୍ଚାଇ ରଖିବା ଅତ୍ୟନ୍ତ କଷ୍ଟକର ବୋଲି ମତ ଦିଅନ୍ତି ଗୁରୁ ରାମଚନ୍ଦ୍ର । ଏହାସହିତ ବର୍ତ୍ତମାନର ଯୁବପିଢି ନିଜ ନିଜର ପେଟ ପୋଷିବାରେ ବ୍ୟସ୍ତ । କେହି ବି ଏହି ନାଟକକୁ ବଞ୍ଚାଇ ରଖିବା ପାଇଁ ଆଗଭର ହେଉନାହାନ୍ତି । ଯଦି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଏହି ନାଟକକୁ ବଞ୍ଚାଇ ରଖିବା ପାଇଁ ଆବଶ୍ୟକ ସହାୟତା ନ ଦିଅନ୍ତି ତେବେ ସେମାନଙ୍କ ଅନ୍ତେ ଏହି ନାଟକ ଲୋପ ପାଇଯିବ ବୋଲି ରାମଚନ୍ଦ୍ର କରୁଣ ଭାବେ କହିବା ସହ ଏହି ପୁରାତନ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ନିବେଦନ କରିଛନ୍ତି । ଦୀର୍ଘବର୍ଷ ପରେ ହଠାତ୍ ଗଜପତି ଉତ୍ସବ ୨୦୦୬ର ଦ୍ୱିତୀୟ ସଂଧ୍ୟାରେ ମଞ୍ଚ ହଠାତ୍ ଗୁରୁ ଗମ୍ଭୀର ହୋଇ ପଡିଥିଲା । ସେଦିନ ପ୍ରଦର୍ଶିତ ହୋଇଥିଲା ପ୍ରହ୍ଲାଦ ନାଟକ । ଉତ୍ସବସ୍ଥଳୀ ହିରଣ୍ୟକଶ୍ୟପୁଙ୍କ ଚିତ୍କାରରେ ପ୍ରକଂପିତ ହୋଇ

ପଡୁଥିବା ବେଳେ ପ୍ରହ୍ଲାଦଙ୍କ ହରିଗାନ ପରେ ନିଆଁରେ ପାଣିପଡିବା ଭଳି ଏହା ବନ୍ଦ ହୋଇଯାଇଥିଲା । ଦର୍ଶକମାନେ କ୍ରମଶଃ ଆଧ୍ୟାତ୍ମିକ ଚେତନାରେ ମୋହିତ ହୋଇ ପଡୁଥିଲେ । ଆଉ ଏହା ସମ୍ଭବ ହୋଇଥିଲା ଖଜୁରୀପଡାର କଳାକାରମାନଙ୍କ ଦ୍ୱାରା । ଦର୍ଶକ ମନେ ପକାଇଥିଲେ ପୁରାଣ ଯୁଗର ହିରଣ୍ୟକଶ୍ୟପୁଙ୍କୁ, ପ୍ରହ୍ଲାଦଙ୍କୁ । ମନେ ପକାଇଥିଲେ କବି ଗୌରହରିଙ୍କୁ । ତେବେ ମଞ୍ଚର ଆଲୋକ ଲିଭିବା ପରେ ପରେ ସମସ୍ତଙ୍କ ମାନସପଟରୁ ଏହା ଲିଭିଯାଉଥିଲା । ନା ସରକାର, ନା ସଂସ୍କୃତପ୍ରେମୀ କେହିବି ଆଗେଇ ଆସୁନାହାନ୍ତି ଏହାକୁ ବଞ୍ଚାଇ ରଖିବା ପାଇଁ । ଆଉ ଯଦି ଏହି ଧାରା ଲାଗି ରହେ ତେବେ ଦିନ ଆସିବ ପ୍ରହ୍ଲାଦ ନାଟକ କେବଳ ସଂସ୍କୃତିର ଇତିହାସରେ ସୀମିତ ରହିଯିବ ।

ଆହ୍ୱାନର ପ୍ରଗତିରେ ସହାୟକ ହୁଅନ୍ତୁ, ଆମ ଫୋରମ୍‌ର ସଦସ୍ୟ ହୁଅନ୍ତୁ ଏବଂ ଆମକୁ ସାହାଯ୍ୟ କରନ୍ତୁ ।

## ୨୦୦୭ରେ ଶ୍ରୀ ମନ୍ଦିର

ଫେବୃଆରୀ ୨: ରଥକାଠ ଅନୁକୂଳ
ମଇ ୫: ନିଳାଦ୍ରି ମହୋଦୟାଷ୍ଟମୀ
ମଇ ୧୧: ନୃସିଂହ ଜନ୍ମୋତ୍ସବ



ମଇ ୧୯: ମହାପ୍ରଭୂଙ୍କ ଭଉଁରୀ ଯାତ୍ରା
ଜୁନ ୨: ଶ୍ରୀ ମନ୍ଦିରରେ ଶୀତଳଷଷ୍ଠୀ ପର୍ବ
ଜୁନ ୧୧: ଦେବସ୍ନାନ ପୂର୍ଣ୍ଣିମା, ହାତିବେଶରେ ଶ୍ରୀ ଜୀଉଙ୍କ ଦର୍ଶନ, ମହାପ୍ରଭୂଙ୍କ ଅଣସର ବିଜେ
ଜୁନ ୧୨: ପଟ ଦିଆଁ ନିଜେ
ଜୁନ ୨୧: ଶ୍ରୀଜୀଉଙ୍କ ଗୁପ୍ତ ନୀତି; ଖଳିଲାଗି
ଜୁନ ୨୬: ନେତ୍ରୋତ୍ସବ, ଭକ୍ତଙ୍କୁ ଶ୍ରୀ ଜୀଉଙ୍କ ନବଯୌବନ ଦର୍ଶନ
ଜୁନ ୨୭: ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା
ଜୁଲାଇ ୩: ଶରଧାବାଲିରେ ମା ସୁଭଦ୍ରାଙ୍କଦର୍ପଦଳନ ରଥ ଚକ ଭାଙ୍ଗିଲା
ଜୁଲାଇ ୫: ତିନିଠାକୁରଙ୍କ ବାହୁଡା ଯାତ୍ରା, ବଡ ଠାକୁରଙ୍କ ରଥ ତାଳଧ୍ୱଜ ରଥ ଅଖ ଭାଙ୍ଗିଗଲା, ତିନିରଥ ବଡଦାଣ୍ଡରେ ଅଟକି ରହିଲା

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

କୁଲାଇ ୭: ରଥ ଉପରେ ଶ୍ରୀ ଜୀଉଙ୍କ ସୁନାବେଶ: ୧୦ ଲକ୍ଷ ଭକ୍ତଙ୍କ ଦର୍ଶନ

କୁଲାଇ ୨୫: ଶ୍ରୀ ମନ୍ଦିରରେ ଚିତ୍ରକ ପର୍ବ

ଅଗଷ୍ଟ ୪: ଝୁଲଣ ଯାତ୍ରା ଆରମ୍ଭ

ଅଗଷ୍ଟ ୯: ବଳଭଦ୍ର ଜନ୍ମ ଉତ୍ସବ ଶ୍ରୀ ମନ୍ଦିରରେ

ଅଗଷ୍ଟ ୧୬: ନନ୍ଦୋତ୍ସବରେ ମହାପ୍ରଭୁ

ସେପ୍‌ଟେମ୍ବର: ଶ୍ରୀ ମନ୍ଦିରରେ ସୁନିଆଁ, ଏବଂ ଶ୍ରୀ ମନ୍ଦିରରେ ବାମନ ଜନ୍ମ

ଅକ୍ଟୋବର ୨: ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀଜୀଉଙ୍କ ରାଜରାଜା ବେଶ

ନଭେମ୍ବର ୪: ବଡଓଷା ଅବସରରେ ଶ୍ରୀମନ୍ଦିର ଭିତର ବେଡା ପଣ୍ଡାଦ୍ୱାରରେ ଭକ୍ତ ଦଳାଚକଟା, ଚାରି ଭକ୍ତଙ୍କ ଅକାଳ ମୃତ୍ୟୁ, ବିଚାର ବିଭାଗୀୟ ତଦନ୍ତ ଆଦେଶ

ନଭେମ୍ବର ୫: ଶ୍ରୀ ଜୀଉଙ୍କ ସୁନାବେଶ

ଡିସେମ୍ବର ୨୦: ଦେବଦୀପାବଳୀ

**ଗଜେନ୍ଦ୍ର ମହାରଣା, ପୁରୀ**

## ସ୍ମୃତି ୨୦୦୬

ତିରଙ୍ଗା ଉଡିଲା ୨୦୦୬ ଆରମ୍ଭରୁ ଆଣ୍ଟାର୍କଟିକାର ଉଚ୍ଚତମ ଶୃଙ୍ଗରେ। ସଂରକ୍ଷଣ ପ୍ରସଙ୍ଗ ପୁଣି ଚେଇଁଲା, ନିଆଁ ଜଳିଲା ଦେଶରେ। ମୁମ୍ବାଇରେ ଆତଙ୍କବାଦୀ ଖେଳିଲେ ରକ୍ତର ହୋରି। ଲୋକାଲ୍ ଟ୍ରେନ୍‌ରେ ସିରିୟଲ୍ ବିସ୍ଫୋରଣ କେଇ ଘଣ୍ଟାପାଇଁ ଥମ୍ କରିଦେଲା ମହାନଗରୀକୁ। ବ୍ୟବସାୟ ରାଜଧାନୀର ମଣିଷମାନେ କିନ୍ତୁ ହାରିଲେ ନାହିଁ। ପୁଣି ଚଳଚଞ୍ଚଳ ହୋଇ ଉଠିଲା ମୁମ୍ବାଇ, ପଛକୁ ନ ଅନାଇ। ମାଲେଗାଓଁ ମସଜିଦ୍‌ରେ ବିସ୍ଫୋରଣ ଥରାଇ ଦେଲା ଜୀବନକୁ। ବିଶ୍ୱର ଦୁଇ ବଡ ଗଣତନ୍ତ୍ର ଆମେରିକା ଓ ଭାରତ ଆଣବିକ ସହଯୋଗ ପାଇଁ ହାତ ମିଳାଇଲେ। ଚୁକ୍ତିକୁ ନେଇ ସଂସଦରେ ଝଡ ଉଠିଲା। କ୍ରାୟୋଜେନିକ୍‌ସରେ ଭାରତ ଅର୍ଜିଲା ସ୍ୱଦେଶୀ ସାଫଲ୍ୟ। ପୁଣି ଶୁଣାଗଲା ମୁସାରଫ୍‌ଙ୍କ ନରମ ସ୍ୱର 'କାଶ୍ମୀର ଦାବିରୁ ଓହରିବାକୁ ପାକିସ୍ତାନ ପ୍ରସ୍ତୁତ।' ଦଉଡି କିଣା ସରିବାପରେ ବି ଆଫ୍‌ଜଲଙ୍କ ଫାଶି ଘୁଞ୍ଚିଗଲା। ମର୍ମାହତ ସହିଦ ପରିବାରମାନେ ଫେରାଇଲେ ପଦକ। ପ୍ରମୋଦ ମହାଜନଙ୍କ ଆକସ୍ମିକ ମୃତ୍ୟୁ ରାଜନୀତିରେ ଶୂନ୍ୟତା ସୃଷ୍ଟିକଲା। ନିଶ୍ଚିତ ମୃତ୍ୟୁର କବ୍‌ଜାରୁ ଖସିଆସିଲା ପ୍ରିନ୍‌ସ। ଚୀନ୍‌ର ଅରୁଣାଚଳ ପ୍ରଦେଶ ଉପରେ ଦାବି ଝଡ ସୃଷ୍ଟିକଲା ଜିନ୍‌ତାଓଙ୍କ ଭାରତ ଗସ୍ତ ପୂର୍ବରୁ। ବଲିଉଡ୍ ବେପାର ଏ ବର୍ଷ ବେଶ୍ ଜମିଲା। ନାଗା ବିଦ୍ରୋହୀଙ୍କ ସହ ହଲାଣ୍ଡରେ ହେଲା ଶାନ୍ତି ଆଲୋଚନା। ଜାତିସଂଘ ମହାସଚିବ ପଦ ଅଳ୍ପକେ ଖସିଗଲା ଶଶି ଥରୁର୍‌ଙ୍କ ହାତପାଆନ୍ତାରୁ। ବିଗ୍-ବିଙ୍କ ପୁଅ ଅଭିଷେକ ଓ ନୀଳ ନୟନା ଐଶ୍ୱର୍ଯ୍ୟାଙ୍କ ମନ୍ଦିରବୁଲା, ଯଜ୍ଞ ଓ ବିବାହ ପ୍ରସଙ୍ଗ ଛାଇ ରହିଲା ମାସ ପରେ ମାସ। 'ମୁନ୍ନା ଭାଇ' ସଂଜୟ ଦତ୍ତ ରହିଲେ ଚର୍ଚ୍ଚାରେ। ଜେସିକା ହତ୍ୟା ଓ ବେଷ୍ଟ ବେକେରୀ ମାମଲାରେ ବହୁ ବର୍ଷ ପରେ ମିଳିଲା ନ୍ୟାୟ। ସ୍ୱାଧୀନ ଭାରତରେ ପ୍ରଥମଥର ପାଇଁ କ୍ୟାବିନେଟ୍ ମନ୍ତ୍ରୀ ଶିବୁ ସୋରେନ୍ ଗଲେ ଜେଲ୍। ଚାଲିଥିଲା ଦେଶସାରା ବିସ୍ଥାପନ ବିରୋଧୀ ଅନଶନ- କଳିଙ୍ଗ ନଗର ଠାରୁ ସିଙ୍ଗୁର ଯାଏଁ ମମତା ଓ ମେଧାମାନଙ୍କୁ ସାମିଲ୍ କରି। ବର୍ଷ ଶେଷରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ମାମଲାରୁ ମୁକ୍ତି ଉଶ୍ୱାସ କଲା ଲାଲୁ-ରାବିଡିଙ୍କୁ।

## ସୈତାନୀ ବିସ୍ଫୋରଣ ଓ ଅଦାଲତ ଗାୟକ ବର୍ଷ

ଏ ବର୍ଷ ଦେଶରେ ସଂରକ୍ଷଣ ରାଜନୀତି ଜୋର୍ ଧରିଲା। ଭିନ୍ନ ରୂପରେ ପୁଣି 'ମଣ୍ଡଳ' ଲେଉଟିଲା। ଓବିସିଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗକୁ ନେଇ ସାରା ଦେଶରେ ଉତ୍ତେଜନା ଦେଖାଦେଲା। ସଂରକ୍ଷଣ ସପକ୍ଷବାଦୀ ରାସ୍ତାକୁ ବାହାରିଲେ। ଏମ୍‌ସର ଡାକ୍ତରମାନେ ସଂରକ୍ଷଣକୁ ବିରୋଧ କରି ଆରମ୍ଭ କରିଥିବା ଅନଶନ ଆଜି ବି ଚାଲିଛି। ମୋଇଲି ଓ ସାଚାର ଖୋଲିଲେ ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷଣ ପେଡି। ଅଦାଲତ ହସ୍ତକ୍ଷେପ କଲେ।

ଏହି ସବୁ କାହାଣୀ ଆମେ ସମ୍ବାଦରୁ ନେଇଛୁ।

ଅସୀମ ଆଶା ଓ
ଅଣାୟତ ଉନ୍ମାଦନାର

# ଆହ୍ୱାନ

## ଜାତୀୟ ଖବର ପଞ୍ଜିକା-୨୦୦୬

### ଜାନୁଆରୀ



୨-୧: ରାଜନାଥ ସିଂହଙ୍କ ବିଜେପି ସଭାପତି।

୩-୧: ଔଷଧରେ ମଣିଷ ହାଡ ବିବାଦରେ ରାମ୍‌ଦେବ

୮-୧: ଭିନ୍ଦା କରାଣ୍ଡିଙ୍କୁ ଜ୍ଞାନପୀଠ

୧୬-୧: ଷ୍ଟାମ୍ପ୍ ପେପର୍ ଜାଲିଆତିରେ ତେଲ୍‌ଗୀକୁ ୧୦ ବର୍ଷ ଜେଲ୍



ଚନ୍ଦ୍ରଶେଖର ସାହୁ

୨୧-୧: ହାଇଦ୍ରାବାଦରେ ୮୨ତମ କଂଗ୍ରେସ୍‌ର ମହାଧିବେଶନ ଆରମ୍ଭ

୨୯-୧: କେନ୍ଦ୍ର ମନ୍ତ୍ରିମଣ୍ଡଳର ସଂପ୍ରସାରଣ ୧୯ ଜଣ ନୂଆ ମନ୍ତ୍ରୀ, ଓଡିଶାରୁ ଚନ୍ଦ୍ରଶେଖର ସାହୁ

### ଫେବୃଆରୀ

୩-୨: କୁମାରସ୍ୱାମୀ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ

୬-୨: ଛତିଶଗଡ, ନକ୍ସଲମାନେ ୧୧ ଜଣ ପୁଲିସ୍‌ଙ୍କୁ ମାରିଲେ।

୧୪-୨: ବିବାହ ରେଜିଷ୍ଟ୍ରେସନ୍ ବାଧ୍ୟତାମୂଳକ

୧୬-୨: ବିଲ୍ କ୍ଲିଣ୍ଟନ୍‌ଙ୍କ ଭାରତଗସ୍ତ

୧୯-୨: ସାରା ଦେଶରେ ବାର୍ଡ ଫ୍ଲୁ ଆତଙ୍କ

୨୪-୨: ବେଷ୍ଟ ବେକରୀ ମାମଲାରେ ୯ ଜଣଙ୍କୁ ଆଜୀବନ ଜେଲ୍

### ମାର୍ଚ୍ଚ



୧-୩: ଆମେରିକା ରାଷ୍ଟ୍ରପତି ବୁଶ୍‌ଙ୍କ ଭାରତଗସ୍ତ

୨-୩: ଭାରତ- ଆମେରିକା ଆଣବିକ ଚୁକ୍ତି



୭-୩: ବାରଣାସୀ ବିସ୍ଫୋରଣ, ୨୨ ମୃତ

୮-୩: ବୟାନ ବଦଳାଇବାରୁ ଜାହିରାଙ୍କୁ ଏକବର୍ଷ ଜେଲ୍

୧୬-୩: ଜୟା ବଚ୍ଚନଙ୍କ ରାଜ୍ୟସଭା ପଦ ରଦ୍ଦ

୧୮-୩: ନେହା କପୁର ନୂଆ ମିସ୍ ଇଣ୍ଡିଆ

୨୦-୩: ଶ୍ୱେତ ବିପ୍ଳବ ଜନକ କ୍ୟୁରିଆନ୍‌ଙ୍କ ଇସ୍ତଫା

୨୩-୩: ଲୋକସଭାରୁ ସୋନିଆଙ୍କ ଇସ୍ତଫା

### ଏପ୍ରିଲ୍

୭-୪: ରାଜସ୍ଥାନରେ ଧର୍ମାନ୍ତର ବିରୋଧୀ ଆଇନ୍

୧୦-୪: ସଲ୍‌ମାନ୍ ଖାନ୍‌ଙ୍କୁ ଜେଲ୍, ମିରଟ ମେଳାରେ ନିଆଁ ଲାଗି ୫୦ ମୃତ

୧୨-୪: ଅଭିନେତା ରାଜକୁମାରଙ୍କ ପରଲୋକ

୧୪-୪: ଜାମା ମସ୍‌ଜିଦ୍‌ରେ ଆତଙ୍କବାଦୀ ଆକ୍ରମଣ

୧୬-୪: ଛତିଶଗଡ, ୧୧ ପୁଲିସ୍‌ଙ୍କୁ ନକ୍ସଲଙ୍କ ହତ୍ୟା

୨୨-୪: ଗୁଳିମାଡରେ ପ୍ରମୋଦ ମହାଜନ ଗୁରୁତର

### ମେ



୩-୫: ପୂର୍ବତନ ମନ୍ତ୍ରୀ ପ୍ରମୋଦ ମହାଜନଙ୍କ ପରଲୋକ

୮-୫: ତାମିଲ୍ ନାଡୁ, ପଶ୍ଚିମବଙ୍ଗ ଓ କେରଳରେ ବିଧାନସଭା ନିର୍ବାଚନ

୧୧-୫: ରାଏବରେଲିରେ ସୋନିଆଙ୍କ ବିଜୟ

୧୩-୫: କରୁଣାନିଧି ତାମିଲନାଡୁର ମୁଖ୍ୟମନ୍ତ୍ରୀ

୧୮-୫: ଏନ୍ ରଙ୍ଗାସ୍ୱାମୀ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ

୧୯-୫: ଆସାମରେ ତରୁଣ ଗୋଗୋଇଙ୍କ ସରକାର

### ଜୁନ୍

୨-୬: ଔପନ୍ୟାସିକା ଅରୁନ୍ଧତୀ ରାୟ ଷ୍ଟେନ୍‌ର ପ୍ରିନ୍ସ ଅଫ୍ ଆସଚୁରିଆଜ୍ ପୁରସ୍କାର ପାଇବାକୁ ମନୋନୀତ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

୫-୬: ଡ୍ରଗ୍ସ ମାମଲାରେ ରାହୁଲ ମହାଜନ ଗିରଫ
୭-୬: କାଶ୍ମୀର ସେକ୍ସ ସ୍କାଣ୍ଡାଲ୍‌ରେ ବିଏସ୍‌ଏଫ୍ ଡିଆଇଜି ପାଠୀ ଗିରଫ
୮-୬: ଜୟା ବଚନ ରାଜ୍ୟସଭାକୁ ନିର୍ବାଚିତ, ଗୋପାଳ ସ୍ୱାମୀ ଦେଶର ନୂଆ ନିର୍ବାଚନ କମିସନର
୧୯-୬: ଅମରନାଥ ଶିବଲିଙ୍ଗକୁ ନେଇ ବିବାଦ

## ଜୁଲାଇ

୧-୭: ଅକ୍ଷରଧାମ ମନ୍ଦିର ଆକ୍ରମଣ ମାମଲାରେ ତିନିଜଣ ଆତଙ୍କବାଦୀଙ୍କୁ ଫାଶୀ ଦଣ୍ଡାଦେଶ
୫-୭: ଏମ୍‌ସ ନିର୍ଦ୍ଦେଶକ ବେଣୁଗୋପାଳ ବହିଷ୍କୃତ
୧୧-୭: ମୁମ୍ବାଇ ସିରିଏଲ୍ ବିସ୍ଫୋରଣରେ ୨୦୦ ମୃତ
୨୦-୭: ଇ-ମେଲ୍‌ରେ ରାଷ୍ଟ୍ରପତିଙ୍କୁ ହତ୍ୟା ଧମକ



୨୩-୭: ୫୦ଘଣ୍ଟା ପରେ ୫୭ ଫୁଟ୍ ଗାତ ଭିତରୁ କୁରୁକ୍ଷେତ୍ରରେ ୬ ବର୍ଷ ବାଳକ ପ୍ରିନ୍ସ ଉଦ୍ଧାର

## ଅଗଷ୍ଟ

୮-୮: ବିଦେଶମନ୍ତ୍ରୀ ନଟବର ସିଂହ କଂଗ୍ରେସରୁ ନିଲମ୍ବିତ
୨୧-୮: ସାହାନାଇ ବାଦକ ଭାରତରତ୍ନ ଉସ୍ତାଦ ବିସ୍ମିଲ୍ଲା ଖାନ୍‌ଙ୍କ ପରଲୋକ
୨୪-୮: ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ମଙ୍ଗୋଲିଆର ସର୍ବୋଚ୍ଚ ବେସାମରିକ ପୁରସ୍କାର ପ୍ରଦାନ
୨୫-୮: ଓବିସି ସଂରକ୍ଷଣ ବିଲ୍ ଲୋକସଭାରେ ଆଗତ

## ସେପ୍ଟେମ୍ବର

୭-୯: ବନ୍ଦେ ମାତରମ୍‌ର ଶତବାର୍ଷିକୀ ପାଳିତ
୮-୯: ମାଲେଗାଓଁରେ ବିସ୍ଫୋରଣ ୩୭ ମୃତ, ୧୫୦ ଆହତ
୧୪-୯: ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ଇସ୍ତଫା
୧୮-୯: ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ମଧୁକୋଡାଙ୍କ



ଶପଥ ଗ୍ରହଣ
୨୩-୯: ଲୋକସଭାରେ ୟୁପିଏରୁ ଟିଆର୍‌ଏସ୍‌ର ସମର୍ଥନ ପ୍ରତ୍ୟାହାର
୨୬-୯: ୨୦୦୧ ମସିହା ଡିସେମ୍ବରରେ ହୋଇଥିବା ସଂସଦ ଆକ୍ରମଣ ମାମଲାର ଦୋଷୀ ଅଫ୍‌ଜଲ୍‌କୁ ଅକ୍ଟୋବର ୨୦ରେ ଫାଶୀ ପାଇଁ ନିର୍ଦ୍ଦେଶ
୨୯-୯: ଜାଲ୍ ପାସ୍‌ପୋର୍ଟ ମାମଲାରେ ମୋନିକା ବେଦୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

## ଅକ୍ଟୋବର

୫-୧୦: ଷଷ୍ଠ ବେତନ କମିସନ୍ ଗଠିତ
୯-୧୦: ବହୁଜନ ସମାଜବାଦୀ ପାର୍ଟୀର ପ୍ରତିଷ୍ଠାତା କାଂଶୀରାମଙ୍କ ପରଲୋକ
୧୭-୧୦: ପ୍ରିୟଦର୍ଶିନୀ ମଟ୍ଟୁ ହତ୍ୟାମାମଲାରେ ସନ୍ତୋଷଅ ସିଂହ ଦୋଷୀ ସାବ୍ୟସ୍ତ
୨୭-୧୦: ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଇ-ମେଲ୍‌ରେ ହତ୍ୟା ଧମକ
୨୮-୧୦: ଭାରତର ପ୍ରଥମ କ୍ରାୟୋଜେନିକ୍ ରକେଟ୍ ପରୀକ୍ଷା ସଫଳ
୩୦-୧୦: ପ୍ରିୟଦର୍ଶିନୀ ମଟ୍ଟୁ ହତ୍ୟା ମାମଲାରେ ଦୋଷୀକୁ ହାଇକୋର୍ଟ ଦ୍ୱାରା ଫାଶୀ ଦଣ୍ଡାଦେଶ
୩୧-୧୦: କେରଳ ସାଂସଦ ପିସି ଥୋମାସ୍ ହାଇକୋର୍ଟଦ୍ୱାରା ଅଯୋଗ୍ୟ ଘୋଷିତ

## ନଭେମ୍ବର

୨୦-୧୧: ଚୀନ୍ ରାଷ୍ଟ୍ରପତି ହୁ ଜିନ୍‌ତାଓଙ୍କ ଭାରତ ଗସ୍ତ। ଜଲ୍‌ପାଇଗୁଡିଠାରେ ଚଳନ୍ତା ଟ୍ରେନ୍‌ରେ ବିସ୍ଫୋରଣ ଘଟି ୧୦ ଯାତ୍ରୀଙ୍କ ପ୍ରାଣହାନି।
୨୨-୧୧: ସଂସଦର ଶୀତ ଅଧିବେଶନ ଆରମ୍ଭ
୨୬-୧୧: ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ଭାବରେ









ରାଜନାଥ ସିଂହ ପୁନଃନିର୍ବାଚିତ

୨୮-୧୧: ଟାଡା ଅଦାଲତରେ ସଞ୍ଜୟ୍ ଦତ୍ତ ଦୋଷୀ ସାବ୍ୟସ୍ତ।

ଶଶୀନାଥ ଝା ହତ୍ୟାକାଣ୍ଡରେ ଶିବୁ ସୋରେନ୍ ଦୋଷୀ ସାବ୍ୟସ୍ତ ହେବା ସହ ଜେଲ୍‌ରେ।

୩୦-୧୧: ଆମ୍ବେଦକର ପ୍ରତିମୂର୍ତ୍ତି ଭଙ୍ଗାର ପ୍ରତିବାଦରେ ମହାରାଷ୍ଟ୍ରରେ ବ୍ୟାପକ ହିଂସା, ସାଚାର କମିଟି ରିପୋର୍ଟ ଲୋକସଭାରେ ଆଗତ

## ଡିସେମ୍ବର



୧-୧୨: ହତ୍ୟା ମାମଲାରେ ସିଦ୍ଧୁ ଦୋଷୀ ସାବ୍ୟସ୍ତ

୨-୧୨: ଭାଗଲପୁରରେ ଟ୍ରେନ୍ ଉପରେ ପୋଲ ଭୁଶୁଡି ୪୬ ମୃତ, ୩୦ ଆହତ

୫-୧୨: ହତ୍ୟା- ଶିବୁ ସୋରେନ୍‌ଙ୍କୁ ଆଜୀବନ ଜେଲ୍



୬-୧୨: ସିଦ୍ଧୁଙ୍କୁ ୩ ବର୍ଷ ସଶ୍ରମ ଜେଲ୍

୧୩-୧୨: ମହମ୍ମଦ ଆଫ୍‌ଜଲ ଫାସୀରେ ବିଳମ୍ବ ପ୍ରତିବାଦରେ ସହିଦ ପରିବାରର ମେଡାଲ ଫେରସ୍ତ



୧୪-୧୨: ବିବାଦୀୟ ସଂରକ୍ଷଣ ବିଲ୍ ଗୃହୀତ

୧୮-୧୨: ଜେସିକା ଲାଲ୍ ହତ୍ୟା ମାମଲା, ମନୁଶର୍ମା ଦୋଷୀ

୨୦-୧୨: ମନୁଶର୍ମାଙ୍କୁ ଆଜୀବନ କାରାଦଣ୍ଡ

# ସ୍ମୃତି ୨୦୦୬ ବିଶ୍ୱ ଚିତ୍ରପଟ

## ମହାକାଶ ପର୍ଯ୍ୟଟନର ବର୍ଷ



ଆଉ ଦଶ ଦିନ। କାନ୍ଥରୁ ଖସିଯିବ ୨୦୦୬ କ୍ୟାଲେଣ୍ଡର୍। ମନେ ପଡିବ- ବର୍ଷ ସାରା ଲାଡେନ୍‌କୁ ପାଇଲାନି ଆମେରିକା, ସଦ୍ଦାମ ଶୁଣିଲେ ଫାଶୀ। ନେପାଳର ରାଜା ରଂକ ଓ ମାଓବାଦୀ ଶାସକ ହେଲେ। ସୁଧୁରିଲାନି ଶ୍ରୀଲଂକା, ଇରାକର ଛବି। ସେମିତି ରହିଲା ସୋମାଲିଆ, ଇଥିଓପିଆର ସ୍ଥିତି। ତେବେ ବିଶ୍ୱ ଦୃଶ୍ୟପଟରେ ଭାରତ ପାଇଁ ଥିଲା ଖୁସିର ଖବର। ଆମ ରକ୍ତର ପ୍ରତିନିଧି ଆନନ୍ଦ ସତ୍ୟାନନ୍ଦ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍ ହେଲେ। ମହାକାଶ ହେଲା ପର୍ଯ୍ୟଟନ କ୍ଷେତ୍ର। ସୁନିତା ୱିଲିୟମ୍‌ସ ୬ ମାସ ପାଇଁ ଘର କରିବେ ମହାକାଶକୁ। ଓଡିଆ ପୁଅ ଆଶୁତୋଷ ଚିତ୍ରକଳା ପାଇଁ ଗିନିଜ୍ ରେକର୍ଡ ବହିରେ ସ୍ଥାନ ପାଇଲେ। ଏହା ସତ୍ତ୍ୱେ ବର୍ଷ ତମାମ ଯାହା ଘଟିଛି ସେ ସବୁ ହେବ ଇତିହାସ। ଅସୁମାରୀ ଘଟଣା ହଜିଯିବେ ସମୟର ପ୍ରବାହରେ। ତଥାପି ମଣିଷ ଓ ପ୍ରକୃତିର ହାତଗଣତି କିଛି କାର୍‌ନାମା, ପ୍ରକୃତିର ତାଣ୍ଡବ ଓ ମଣିଷର ବୌଦ୍ଧିକ ସାଫଲ୍ୟ ସ୍ମୃତିରେ ରହିବ ସତେଜ। ବର୍ଷ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ସରି ସରି ଆସୁଥିବା ବେଳେ ଏବେ ପାଠକଙ୍କ ହାତରେ ୨୦୦୬, ଚୁମ୍ବକରେ।

## ଜାନୁଆରୀ ୨୦୦୬

୪-୧: ଇଣ୍ଡୋନେସିଆର ଭୂସ୍ଖଳନରେ ୨୫୦ ମୃତ

୫-୧: ବୃହତ୍ତମ ୱାଲ୍‌ପେଣ୍ଟିଂ - ଗିନିଜ୍ ରେକର୍ଡରେ ଓଡିଆ ଚିତ୍ରଶିଳ୍ପୀ ଆଶୁତୋଷ ପାଣିଗ୍ରାହୀ

୬-୧: ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ସାରୋନ୍ ଗୁରୁତର

୧୩-୧: ହଜ୍‌ରେ ଦଳାଚକଟା, ୪୪ ଭାରତୀୟ ମୃତ

୧୫-୧: କୁଏତ୍ ଅମୀର ଶେକ୍ ଜାବେର ଅଲ ଅହମ୍ମଦ୍(୭୮)ଙ୍କ ପରଲୋକ

୧୯-୧: ଆମେରିକା ରାଜନୈତିକ ସଚିବ ବର୍ଣ୍ଣସ୍ ଭାରତୀୟ ବୈଦେଶିକ ସଚିବଙ୍କୁ ଭେଟିଲେ

୨୦-୧: ଲାଦେନ୍‌ର ସନ୍ଧି ପ୍ରସ୍ତାବକୁ ଆମେରିକାର ପ୍ରତ୍ୟାଖ୍ୟାନ। ଲାହୋର୍ ଅମୃତ୍‌ସର ଦୋସ୍ତି ବସ ଚାଲିଲା। ହଙ୍ଗେରୀରେ ବିମାନ ଦୁର୍ଘଟଣାରେ ୪୪ ମୃତ

୨୧-୧: କାନାଡା ନିର୍ବାଚନରେ କଂଜର୍ଭେଟିଭ୍ ପାର୍ଟିର ବିଜୟ। ସର୍ବିୟାରେ ନଦୀରେ ଟ୍ରେନ୍ ଖସି ୩୫ ମୃତ, ୧୩୫ ଆହତ

୨୬-୧: ପାଲେଷ୍ଟାଇନ୍ ନିର୍ବାଚନ- ହମାସ୍ ବିଜୟୀ

୨୮-୧: ଡାଭୋସ୍ ସମ୍ମିଳନୀ- କେରଳ ସିଏମ୍ ଓମେନ୍ ଚାଣ୍ଡି ବରଫରେ ପଡି ଆହତ

## ଫେବୃଆରୀ ୨୦୦୬

୧-୨: ନେପାଳ, ମାଓବାଦୀଙ୍କ 'କଳା ଦିବସ'

୩-୨: ତାଲିବାନ- ପୁଲିସ୍‌ର ସଂଘର୍ଷରେ ଆଫ୍‌ଗାନିସ୍ତାନ୍‌ରେ ୧୯ ମୃତ

୪-୨: ଫିଲିପାଇନ୍‌ସ, ଦଳାଚକଟାରେ ୮୮ ମୃତ

୫-୨: ପାକିସ୍ତାନ- ବସ୍‌ରେ ବିସ୍ଫୋରଣ, ୧୦ ମୃତ

୬-୨: ମହମ୍ମଦଙ୍କ 'କାର୍ଟୁନ୍ ଚିତ୍ର'କୁ ନେଇ ବିଶ୍ୱବ୍ୟାପୀ ପ୍ରତିବାଦ ଆରମ୍ଭ

୯-୨: ପାକିସ୍ତାନ- ସିହା ଶୋଭାଯାତ୍ରା ଗୁଳିକାଣ୍ଡରେ ୧୫ ମୃତ

୧୨-୨: ଇବ୍ରାହିମ୍ ଅଲ୍ ଜାଫରି ଇରାକର ନୂଆ ପ୍ରଧାନମନ୍ତ୍ରୀ

୧୫-୨: ଦୁବାଇ, ଭାରତୀୟଙ୍କୁ ପିଟିପିଟି ହତ୍ୟା

୧୮-୨: ମାଟି ଅତଡା ଧସି ଫିଲିପାଇନ୍‌ସରେ ୨୫୦୦ରୁ ଅଧିକ ମୃତ

୧୯-୨: ପାକିସ୍ତାନର 'ହାତ୍‌ଫ-୨' ପରୀକ୍ଷା। ନାଇଜେରିଆରେ ମହମ୍ମଦଙ୍କ 'କାର୍ଟୁନ୍ ଚିତ୍ର'ଅ ଉତ୍ତେଜନା ତେଜିଲା, ୧୬ ମୃତ

୨୪-୨: ଫିଲିପାଇନ୍‌ସରେ ଇମର୍ଜେନ୍‌ସୀ ଜାରୀ

୨୬-୨: ନିରକ୍ଷର ବିହାରୀ ମହିଳା ଗିରିଜା ଦେବୀଙ୍କ ଜାତିସଂଘରେ ଉଦ୍‌ବୋଧନ

## ମାର୍ଚ୍ଚ ୨୦୦୬



୧-୩: ରାଷ୍ଟ୍ରପତି ବୁଶ୍‌ଙ୍କ ଭାରତ ଗସ୍ତ

୨-୩: ଭାରତ-ଆମେରିକା ଆଣବିକ ଚୁକ୍ତି

୬-୩: ଇଂଲିଶ୍ ଚଳଚ୍ଚିତ୍ର 'କ୍ରାସ୍'କୁ ୨୦୦୫ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଓସ୍କାର୍ ପୁରସ୍କାର ପ୍ରାପ୍ତ

୧୦-୩: 'ଫୋର୍ବସ୍' ସର୍ଭେ- ସବୁଠୁ ଧନୀ ଭାରତୀୟ ଲକ୍ଷ୍ମୀ ମିତ୍ତଲ ଏବଂ ବିଶ୍ୱରେ ବିଲ୍ ଗେଟ୍‌ସ

୧୧-୩: ଜେଲ୍‌ରେ ଯୁଗୋସ୍ଲାଭର ପୂର୍ବତନ ରାଷ୍ଟ୍ରପତି ମିଲ୍‌ସେଭିକ୍‌ଙ୍କ ମୃତ୍ୟୁ

୧୩-୩: ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଭାନ୍‌ହେନେନ୍‌ଙ୍କ ଭାରତ ଗସ୍ତ। ଇରାକ୍‌ରେ ସିରିୟଲ୍ ବିସ୍ଫୋରଣ ୭୦ ମୃତ

୧୭-୩: ଭାରତ ଓ ରୁଷିଆ ମଧ୍ୟରେ ୭ଟି ରାଜିନାମା ସ୍ୱାକ୍ଷରିତ

୨୧-୩: ନେପାଳରେ ମାଓବାଦୀଙ୍କ ହିଂସାକାଣ୍ଡ ୨୨ ନିରାପତ୍ତା ରକ୍ଷୀଙ୍କ ସମେତ ୩୨ ମୃତ

୨୯-୩: ଇସ୍ରାଏଲ୍ ନିର୍ବାଚନ, ଓଲ୍‌ମାର୍ଟଙ୍କ ବିଜୟ

୩୦-୩: ପରମାଣୁ କାର୍ଯ୍ୟକ୍ରମ ବନ୍ଦ ଲାଗି ଇରାନ୍‌କୁ ୩୦ ଦିନର ମୋହଲତ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

୩୧-୩: ଇରାନ୍‌ରେ ଭୂମିକଂପ, ୭୦ ମୃତ। ବାହାରିନ୍ ଉପକୂଳରେ ନୌକା ଦୁର୍ଘଟଣାରେ ୧୮ ଭାରତୀୟଙ୍କ ସହ ୫୭ ମୃତ

## ଏପ୍ରିଲ୍ ୨୦୦୬

୪-୪: ଇରାନ୍‌ର 'ଉଡନ୍ତା ବୋଟ୍' ପରୀକ୍ଷା

୬-୪: ନେପାଳରେ ମାଓବାଦୀ ହିଂସା, ଭାରତୀୟଙ୍କ ସମେତ ୨୩ ମୃତ

୯-୪: ଆଫ୍‌ଗାନ୍ ରାଷ୍ଟ୍ରପତି ହମିଦ୍ କରଜାଇ ଭାରତ ଗସ୍ତରେ

୧୦-୪: ଆଫ୍‌ଗାନିସ୍ତାନ ସହ ଭାରତର ୩ଟି ଚୁକ୍ତି

୧୧-୪: କରାଚିରେ ବିସ୍ଫୋରଣ, ୫୦ ମୃତ

୧୬-୪: ଇରାନ୍‌ରେ ୪୦,୦୦୦ ଆତ୍ମଘାତୀ ମାନବ ବୋମା ପ୍ରସ୍ତୁତ



୧୯-୪: ନେପାଳ ରାଜାଙ୍କ ବିରୋଧରେ ଆନ୍ଦୋଳନ ତେଜିଲା, ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ

୨୪-୪: ଇଜିପ୍ଟରେ ବିସ୍ଫୋରଣ, ୧୦୦ ମୃତ

୨୫-୪: ଜିପି କୋଇରାଲା ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ମନୋନୀତ। ଶ୍ରୀ ଲଙ୍କା ସେନା ମୁଖ୍ୟାଳୟରେ ଆତ୍ମଘାତୀ ଆକ୍ରମଣ, ୭ ମୃତ

୨୬-୪: ଉଜ୍‌ବେକିସ୍ତାନ୍ ସହ ଭାରତର ୮ଟି ଚୁକ୍ତି

୩୦-୪: ଭାରତୀୟ ଇଞ୍ଜିନିୟର ସୂର୍ଯ୍ୟନାରାୟଣଙ୍କୁ ତାଲିବାନ୍ ଆତଙ୍କବାଦୀଙ୍କ ହତ୍ୟା

## ମେ ୨୦୦୬

୧୬-୫: ବ୍ରାଜିଲ୍ ଦଙ୍ଗାରେ ୮୦ ମୃତ

୨୨-୫: ମାର୍କିନ୍ ସେନା ଆକ୍ରମଣରେ ୬୦ ତାଲିବାନ୍‌ଙ୍କ ସମେତ ୭୬ ମୃତ

୨୭-୫: ଜାଭା ଭୂକଂପ, ୩୦୦୦ରୁ ଅଧିକ ମୃତ

## ଜୁନ୍ ୨୦୦୬

୨-୬: ଲେଖିକା ଅରୁନ୍ଧତୀ ରାୟ ସ୍ପେନ୍‌ର ପ୍ରିନ୍ସ ଅଫ୍ ଆସ୍ତୁରିଆସ୍ ପୁରସ୍କାର ପାଇବେ

୩-୬: ବେନଜିର୍‌ଙ୍କ ବିରୋଧରେ ୱାରେଣ୍ଟ। ବାଗ୍‌ଦାଦ୍‌ରେ ରୁଷିଆ କୂଟନୀତିଜ୍ଞଙ୍କୁ ହତ୍ୟା

୪-୬: ଚୀନ୍ ସାମରିକ ବିମାନ ଦୁର୍ଘଟଣା, ୪୦ ମୃତ

୬-୬: ନେପାଳ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ। ଅଗ୍ନି-୩କୁ ଆମେରିକାର ସବୁଜ ସଂକେତ

୮-୬: ଅଲ୍‌କାଏଦା ନେତା ଜାରକ୍ୱାବି ନିହତ

୯-୬: ନେପାଳ ପାଇଁ ୧୦୦୦ କୋଟିର ଅର୍ଥନୈତିକ ପ୍ୟାକେଜ୍ ଘୋଷଣା

୧୧-୬: ନେପାଳ ରାଜାଙ୍କ ଭିଟୋ କ୍ଷମତା ଗଲା

୧୨-୬: ପରମାଣୁ ପରୀକ୍ଷାକୁ ନେଇ ଭାରତ ଆମେରିକା ମତ ପାର୍ଥକ୍ୟ

୧୩-୬: ଲାହୋରରେ ଏକ ହିନ୍ଦୁ ମନ୍ଦିର ଭଙ୍ଗାଗଲା

୧୫-୬: କଲମ୍ବୋ ମାଇନ୍ ବିସ୍ଫୋରଣ, ୬୦ ମୃତ

୧୬-୬: ଶ୍ରୀଲଙ୍କା, ଏଲ୍‌ଟିଟିଆଇ ଦ୍ୱାରା ୩୧ ନିହତ

୧୮-୬: କାବୁଲ୍- ୮୫ ତାଲିବାନ ଗରିଲା ନିହତ

୧୯-୬: ନିଷ୍ପତ୍ତି- ନାଥୁଲା ପାସ୍ ଦେଇ ଭାରତ-ଚୀନ୍ ବାଣିଜ୍ୟିକ କାରବାର ଜୁଲାଇରୁ

୨୧-୬: ଇଣ୍ଡୋନେସିଆ ବନ୍ୟା-ଭୂସ୍ଖଳନ, ୧୨୦ ମୃତ। ଶେଖ୍ ହାସିନାଙ୍କୁ ଟେରେସା ପୁରସ୍କାର

୨୫-୬: ଇଣ୍ଡୋନେସିଆରେ ଶକ୍ତିଶାଳୀ ଭୂକଂପ। ଭାରତ-ଆମେରିକା ଆଣବିକ ଚୁକ୍ତି

୨୭-୬: ଇରାକ ବିସ୍ଫୋରଣରେ ୪୦ ମୃତ

୨୮-୬: ଭାରତ-ଆମେରିକା ଆଣବିକ ଚୁକ୍ତିକୁ ଆମେରିକା ଗୃହ କମିଟିର ଅନୁମୋଦନ

## ଜୁଲାଇ ୨୦୦୬

୧-୭: ଚୀନ୍ (କିଂଘାଇ)ର ଗୋଲମଡ୍‌ଠାରେ ବିଶ୍ୱର ଉଚ୍ଚତମ ରେଳପଥର ଉଦ୍‌ଘାଟନ

୪-୭: ଭିତରକନିକାରେ ବିଶ୍ୱର ବୃହତ୍ତମ କୁମ୍ଭୀର

୫-୭: 'ନାସା'ର 'ଡିସ୍କଭରୀ' ମହାକାଶରେ। ଉତ୍ତର କୋରିଆର କ୍ଷେପଣାସ୍ତ୍ର ପରୀକ୍ଷା

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



୬-୭: ୪୪ ବର୍ଷ ପରେ ଐତିହାସିକ ସିଲ୍କ ରୁଟ୍ର ନାଥୁଲା ପଏଣ୍ଟ ଖୋଲାଗଲା
୯-୭: ରୁଷିଆରେ ବିମାନ ଦୁର୍ଘଟଣା, ୧୫୭ ମୃତ
୧୧-୭: ଇସ୍ରାଏଲ୍ ରାଷ୍ଟ୍ରପତିଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ
୧୪-୭: ଲେବାନନ୍ ଉପରେ ଇସ୍ରାଏଲ୍ର ଆକ୍ରମଣ ଜାରୀ, ମୃତ୍ୟୁ ସଂଖ୍ୟା ୫୦ ଟପିଲା
୧୬-୭: ଭାରତୀୟ ବୈଜ୍ଞାନିକଙ୍କ ଦ୍ୱାରା ବାର୍ଡ ଫ୍ଲୁ ଟିକା ପ୍ରସ୍ତୁତ
୧୭-୭: ଇଣ୍ଡୋନେସିଆରେ ପୁଣି ସୁନାମି, ମୃତ୍ୟୁ ସଂଖ୍ୟା ୩୫୦ ଟପିଲା
୨୨-୭: ଭାରତ- ଆମେରିକା ପରମାଣୁ ଚୁକ୍ତି ଆମେରିକାର ସିନେଟ୍ରେ ଆଗତ। ଲେବାନନ୍- ଓଡିଶାର ଦିବେଶ ସ୍ୱାଇଁ ବୋମାମାଡରେ ମୃତ
୨୩-୭: ଇଣ୍ଡୋନେସିଆରେ ଭୂମିକଂପ
୨୪-୭: ପୁଏର୍ତୋରିକୋର ଜୁଲେକା ରିବେରା ମିଡୋସୀ ନୂଆ ମିସ୍ ୟୁନିଭର୍ସ
୨୭-୭: ଆଣବିକ ଚୁକ୍ତି ଆମେରିକା ପ୍ରତିନିଧି ସଭାରେ ଗୃହୀତ
୩୦-୭: ବାହାରିନ୍ ରାଜଧାନୀ ମାନାମା ବସ୍ତିରେ ନିଆଁ ଲାଗି ୧୭ ଭାରତୀୟ ଜୀବନ୍ତ ଦଗ୍ଧ

## ଅଗଷ୍ଟ ୨୦୦୬

୫-୮: ଲେବାନନ୍ରେ ଇସ୍ରାଏଲ୍ ଆକ୍ରମଣରେ ୪୦ ନିହତ
୭-୮: ଭାରତ ଓ ପାକିସ୍ତାନର ପରସ୍ପରର କୂଟନୀତିଜ୍ଞଙ୍କୁ ବହିଷ୍କାର
୧୩-୮: ଇସ୍ରାଏଲ୍-ହିଜ୍ବୁଲ୍ଲା ଯୁଦ୍ଧ ବିରତି ହେବ
୧୪-୮: କଲମ୍ବୋରେ ଶକ୍ତିଶାଳୀ ବୋମା ବିସ୍ଫୋରଣ, ୯ ଜଣଙ୍କ ମୃତ୍ୟୁ
୨୨-୮: ୟୁକ୍ରେନ୍, ବିମାନ ଦୁର୍ଘଟଣାରେ ୧୭୦ ମୃତ
୨୩-୮: ଶପଥ- ଭାରତୀୟ ମୂଳର ଆନନ୍ଦ ସତ୍ୟାନନ୍ଦ ନ୍ୟୁଜିଲାଣ୍ଡ ଗଭର୍ଣ୍ଣର ଜେନେରାଲ୍
୨୪-୮: ପ୍ଲୁଟୋ ଏକ ଗ୍ରହ ନୁହେଁ ବୋଲି ଘୋଷଣା। ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ମଙ୍ଗୋଲିଆର ସର୍ବୋଚ୍ଚ ବେସାମରିକ ସମ୍ମାନ ପୁରସ୍କାର ପ୍ରଦାନ
୨୫-୮: ଭାରତୀୟ ବିମାନ ଯାତ୍ରୀଙ୍କୁ ଅଟକ ପ୍ରସଙ୍ଗରେ ନେଦର୍ଲାଣ୍ଡର କ୍ଷମା ପ୍ରାର୍ଥନା
୨୬-୮: ଆମେରିକାରେ ୟୁକ୍ରେନ୍ର ପୂର୍ବତନ ପ୍ରଧାନମନ୍ତ୍ରୀ ବନ୍ଦୀ
୨୭-୮: ଇରାନ୍ର କ୍ଷେପଣାସ୍ତ୍ର ପରୀକ୍ଷା ଚାଲିବ

## ସେପ୍ଟମ୍ବର ୨୦୦୬

୧-୯: ଇରାନ୍ ବିମାନ ଦୁର୍ଘଟଣା, ୮୦ ମୃତ
୪-୯: ନାଟୋର କାର୍ଯ୍ୟାନୁଷ୍ଠାନରେ ୨୦୦ ତାଲିବାନ ନିହତ
୧୮-୯: ପ୍ରଥମ ମହିଳା ପର୍ଯ୍ୟଟକ ମହାକାଶରେ
୧୯-୯: ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥାକ୍ସିନ୍ ଶିନାୱାତ୍ରା ପଦଚ୍ୟୁତ, ସେନା ଶାସନ
୨୧-୯: ଅନ୍ତରୀକ୍ଷ ଯାନ ଆଟ୍ଲାଣ୍ଟିସ୍ ଫେରିଲା
୨୨-୯: ୟୁଏସ୍ ଧନୀ ତାଲିକାରେ ୨ ଭାରତୀୟ
୨୪-୯: ନୂଆଦିଲ୍ଲୀରେ ବେଲ୍ଜିୟମ୍ ଦୂତାବାସ ଅଧିକାରୀଙ୍କୁ ହତ୍ୟା
୨୯-୯: ରାଷ୍ଟ୍ରପତି କଲାମ୍ଙ୍କୁ ଦକ୍ଷିଣ ଆଫ୍ରିକାର ତୋବାୟସ୍ ପୁରସ୍କାର ପ୍ରଦାନ
୩୦-୯: ବ୍ରାଜିଲ୍ ବିମାନ ଦୁର୍ଘଟଣା, ୧୫୫ ମୃତ

## ଅକ୍ଟୋବର ୨୦୦୬

୩-୧୦: ଜନ୍ ସି ମାଥେର୍ ଓ ଜର୍ଜ ଏଫ୍ ସ୍ମୁଟ୍ ପଦାର୍ଥ ବିଜ୍ଞାନରେ ଏବଂ ଆଣ୍ଡ୍ରିଭ୍ ଫାୟାର୍ ଓ କ୍ରେଗ୍ ମିଲୋ ଭେଷଜ ବିଜ୍ଞାନରେ ନୋବେଲ ପାଇବେ।
୬-୧୦: ଆକାଶରେ ନୂଆ ଧୂମକେତୁ ଦିଶିଲା। ମ୍ୟୁଜିୟମ୍ରୁ ୧୦ ବିରଳ ମୂର୍ତ୍ତି ବେଲ୍ଜିୟମ୍ ଗଲା

୮-୧୦: ଦିଲ୍ଲୀରେ ଆନ୍ତର୍ଜାତିକ ଧାନ ସମ୍ମିଳନୀ

୯-୧୦: ଉତ୍ତର କୋରିଆର ପରମାଣୁ ପରୀକ୍ଷା। ଏଡ୍‌ମଣ୍ଡ ଫେଲ୍‌ପ୍‌ସ୍‌ଙ୍କୁ ଅର୍ଥନୀତିରେ ନୋବେଲ୍

୧୧-୧୦: ନ୍ୟୁୟର୍କ, ୫୦ ମହଲା କୋଠାରେ ବିମାନ ମାଡ। କିରଣ ଦେସାଇ ପାଇବେ 'ବୁକର'

୧୨-୧୦: ତୁର୍କୀ ଲେଖକ ଓର୍‌ହାନ ପାମୁକ ସାହିତ୍ୟରେ ନୋବେଲ୍ ପାଇବାକୁ ମନୋନୀତ

୧୩-୧୦: ମହମ୍ମଦ ୟୁନୁସ୍‌ଙ୍କୁ ଶାନ୍ତି 'ନୋବେଲ'

୧୪-୧୦: ବନ୍-କି-ମୁନ୍ ଜାତିସଂଘର ନୂତନ ସେକ୍ରେଟାରୀ ଜେନେରାଲ୍ ହେବେ

୨୪-୧୦: ଇରାନ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ସେଣ୍ଟ୍ରି ଫ୍ୟୁଜ୍ ପରୀକ୍ଷା ଆରମ୍ଭ

୨୮-୧୦: ଭାରତର ପ୍ରଥମ କ୍ରାୟୋଜେନିକ୍ ରକେଟ୍ ପରୀକ୍ଷା ସଫଳ

୨୯-୧୦: ୧୦୦ ଯାତ୍ରୀଙ୍କ ସହ ନାଇଜେରୀୟ ବିମାନ ଜଳିଗଲା

୩୧-୧୦: ଚୀନ୍ ଖଣି ଦୁର୍ଘଟଣା ୩୫ ମୃତ

## ନଭେମ୍ବର ୨୦୦୬

୧-୧୧: ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ପିଟର୍ ବୋଥାଙ୍କ ପରଲୋକ



୫-୧୧: ସଦ୍ଦାମ ହୁସେନ୍‌ଙ୍କୁ ଫାଶିଦଣ୍ଡ ଆଦେଶ

୭-୧୧: ଭାରତ-ରୁଷ ମହାକାଶ ଚୁକ୍ତିକୁ ପୁଟିନ୍‌ଙ୍କ ସ୍ୱୀକୃତି

୯-୧୧: ଆମେରିକା, ସଂସଦର ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟିକୁ ସଫଳତା

୧୧-୧୧: ବାଂଲା ସୀମାରେ ଭୂକଂପ

୧୨-୧୧: ବେଲ୍‌ଜିୟମ୍‌ର କ୍ରିଜେ ବିଶ୍ୱବିଦ୍ୟାଳୟ ସୋନିଆ ଗାନ୍ଧିଙ୍କୁ ଡକ୍ଟରେଟ୍ ଉପାଧି ଦେଲା

୧୩-୧୧: ଲତାଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ 'ନାଇଟ୍ ଅଫ୍ ଦି ଲିଜିୟନ୍'

୧୬-୧୧: ଜାପାନ ଉପକୂଳରେ ଭୂକଂପ

୧୭-୧୧: ଆଣବିକ ବିଲ୍ ସିନେଟ୍‌ରେ ଗୃହୀତ

୧୯-୧୧: ହମିଦ୍ କରଜାଇଙ୍କୁ ୨୦୦୫ ମସିହା ପାଇଁ ମର୍ଯ୍ୟାଦାଜନକ ଇନ୍ଦିରା ଗାନ୍ଧି ପୁରସ୍କାର ପ୍ରଦାନ

୨୦-୧୧: ଚୀନ୍ ରାଷ୍ଟ୍ରପତି ହୁ ଜିନ୍‌ତାଓଙ୍କ ଭାରତ ଗସ୍ତ। ରାଜସ୍ଥାନର ୧୪ ବର୍ଷର ବାଳକ ଓମ୍ ପ୍ରକାଶ୍‌କୁ ବିଶ୍ୱ ଶିଶୁ ଶାନ୍ତି ପୁରସ୍କାର ପ୍ରଦାନ

୨୧-୧୧: ଦାଉଦ୍ ଗ୍ୟାଙ୍ଗର ୧୦ ଜଣଙ୍କୁ ଦୁବାଇର ଭାରତକୁ ପ୍ରତ୍ୟାପର୍ଣ

୨୯-୧୧: ଶାହିଦ୍ ମାଲିକ ପାକିସ୍ତାନର ନୂଆ ରାଷ୍ଟ୍ରଦୂତ

## ଡିସେମ୍ବର ୨୦୦୬

୧-୧୨: ଫିଲିପାଇନ୍‌ସ- ଡୁରିଆନ ଝଡ ତାଣ୍ଡବ

୫-୧୨: ଫିଜିରେ ସାମରିକ ବିଦ୍ରୋହ



୭-୧୨: ଦେବୀ ପ୍ରସାଦ ଦାସ ପୁଣି ଜାତିସଂଘ ସୁରକ୍ଷା ପରିଷଦ ବିଶେଷଜ୍ଞ ମନୋନୀତ

୯-୧୨: ପରମାଣୁ ଚୁକ୍ତି ୟୁଏସ୍ କଂଗ୍ରେସ୍‌ରେ ଅନୁମୋଦିତ

୧୦-୧୨: ସୁନିତାଙ୍କ ସହ ୭ ମହାକାଶଚାରୀଙ୍କୁ ନେଇ ଡିସ୍କଭରୀ ମହାକାଶକୁ ଗଲା

୧୮-୧୨: ଆଣବିକ ବିଲ୍‌ରେ ବୁଶ୍‌ଙ୍କ ସ୍ୱାକ୍ଷର

**ନିଜସ୍ୱ ମତାମତ ଦେବାପାଇଁ ଆମ ନିକଟକୁ ଇ-ମେଲ୍ କରନ୍ତୁ କିମ୍ବା ଆମ ଫୋରମ୍‌ରେ ସଦସ୍ୟ ହୁଅନ୍ତୁ ।**

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

## ରକ୍ତଭିଜା ଆରମ୍ଭ, ସ୍ୱପ୍ନଭିଜା ଅନ୍ତ

ଆରମ୍ଭରୁ ହିଁ ସମୟ ଅଟକି ଯାଇଥିଲା । ପୁଲିସ୍ ବନ୍ଧୁକର ରଟ୍-ଟଟ୍-ଟଟ୍ ଆବାଜ ଦୋହଲାଇ ଦେଇଥିଲା ପ୍ରତିଟି ହୃଦୟକୁ । ନିରୀହଙ୍କ ରକ୍ତରେ ନୂଆ ବର୍ଷର ଆଶା, ଆକାଂକ୍ଷା, ଉଦ୍ଦୀପନା ଏମିତି ଭିଜିଗଲା ଯେ ସେଥିରେ ହଜିଗଲା ସବୁ ଯୋଜନା ଓ କଳ୍ପନା । ସେଦିନ ଥିଲା ୨୦୦୬ ମସିହା ଜାନୁଆରୀ ୨ ତାରିଖ- ଆଦିବାସୀ ମହାସଂହାରର ଦିବସ । ତା'ପରଠାରୁ ରାଜ୍ୟର ଭାଗ୍ୟଡୋର ସତେ ଯେପରି ଓଲଟ ପାଲଟ ହୋଇଯାଇଥିଲା । ବର୍ଷଟା ଅତିଶୟ ଭାବେ ଲମ୍ବା ଜଣାପଡିଥିଲା । ଅଘଟଣ ପରେ ଅଘଟଣରେ ଓଡିଶା ହେଲା ଭାରାକ୍ରାନ୍ତ । ସବୁ ବର୍ଷ ଭଳି ଏ ବର୍ଷ ବି ବନ୍ୟାରେ ଉବୁଟୁବୁ ହେଲା ଓଡିଶା । ୪ ବର୍ଷପରେ ପୁଣି ମଦମୃତ୍ୟୁର ବିଭୀଷିକା ରଚାଇଲା, ନେଲା ୪୬ଟି ଜୀବନ । ଆଉ ଉଦୟଗିରି ନକ୍ସଲ ତାଣ୍ଡବରେ ସରକାର ଥରି ଉଠିଲା । ବିଧାନସଭାରେ ବିରୋଧୀ ବି ଝଡ ସୃଷ୍ଟିକଲେ । ଷ୍ଟିଙ୍ଗ୍ ଅପରେସନ୍ (ଗୋଇନ୍ଦା କ୍ୟାମେରା ଦ୍ୱାରା)ରେ ଛନ୍ଦିହେଲେ ମନ୍ତ୍ରୀ ରବିନନ୍ଦ ଓ ବିଧାୟକ ବାଇଧର ମଲ୍ଲିକ । ସରକାରୀ ଦଳର ବିଧାୟକଙ୍କ ଘରେ ହତ୍ୟା ଘଟିଲା । ଶତାବ୍ଦୀର ସବୁଠାରୁ ବଡ ଦୁର୍ନୀତିରେ ରାଜ୍ୟର ୮୦୦ କୋଟି ଟଙ୍କା ଉଭାନ୍ ହୋଇଗଲା । ପ୍ରଥମ ଥର ପାଇଁ ଓଡିଶା ଦେଖିଲା ଚାଷୀଙ୍କ ଦ୍ୱାରା ଆତ୍ମହତ୍ୟା । ଦେହରକ୍ଷୀଙ୍କ ଗୁଳିରେ ବରିଷ୍ଠ ପୁଲିସ ଅଧିକାରୀ ପ୍ରାଣ ହରାଇଲେ। ହୁଏତ ଭଗବାନ ବି ଦୁଷ୍ଟ ଥିଲେ। ଶ୍ରୀ ମନ୍ଦିରରେ ଦଳାଚକଟା ହୋଇ ୪ଟି ମୂଲ୍ୟବାନ ଜୀବନ ହାନି ହେଲା । ନବୀନ ମନ୍ତ୍ରୀମଣ୍ଡଳରେ ଫେରବଦଳ କଲେ। ତଥାପି ଓଡିଶା ଆଗକୁ ବଢିଲା । ଉତ୍ତେଜନା ଓ ସନ୍ଦେହର ବାତାବରଣ ମଧ୍ୟରେ ବି ରୂପେଲି ଝଲକ ଥିଲା । ସୂଚନା ଅଧିକାର ସାଧାରଣ ନାଗରିକଙ୍କୁ ଜଣାଇଦେଲା ତାଙ୍କ ଶକ୍ତି କେତେ । ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ରାଜ୍ୟବାସୀଙ୍କ ଆଖିରେ ଭରିଦେଲା ଅଜସ୍ର ସ୍ୱପ୍ନ। ଲୁହା ପରେ ବିଦ୍ୟୁତ୍ ଶିଳ୍ପ ଓ ଆନ୍ତର୍ଜାତିକ ମାନର ଶିକ୍ଷାପ୍ରତିଷ୍ଠାନ ଧାଡି ଲଗାଇଲେ ରାଜ୍ୟକୁ । ଇସ୍ପାତ ବାଦଶାହ ଲକ୍ଷ୍ମୀ ନିବାସ ମିତ୍ତଲ ବି ଓଡିଶାକୁ ଚାହିଁଲେ । ଶିଶୁ ପ୍ରତିଭାମାନେ ଗୌରବ ଆଣିଲେ। ଅନେକ ଦୁଃସ୍ୱପ୍ନ ଭିତରେ ବି ସୁଖର ଆମୋଦ ଅନୁଭୂତ ହେଲା ବର୍ଷ ଶେଷକୁ । ୨୦୦୬ ଅଭୁଲା ରହିବ ।

### ଜାନୁଆରୀ

୨-୧: ଦିନ ସାଡେ ୧୧ଟା ବେଳେ ଯାଜପୁର ଜିଲ୍ଲା ଅନ୍ତର୍ଗତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ପାଚେରୀ ନିର୍ମାଣ ସ୍ଥଳରେ ଆଦିବାସୀ ଓ ପୁଲିସ ମଧ୍ୟରେ ହୋଇଥିବା ସଂଘର୍ଷରେ, ପୁଲିସ ଗୁଳିର ଶିକାର ହେଲେ ୧୨ଜଣ ଆଦିବାସୀ । ଜଣେ ପୁଲିସ ହାବିଲ୍‌ଦାରଙ୍କୁ ହତ୍ୟା କଲେ ଆଦିବାସୀ । ସେ ଦିନଠାରୁ ଆରମ୍ଭ ହୋଇଥିବା ରାଜପଥ ଅବରୋଧ ଅଦ୍ୟବଧି ଚାଲୁ ରହିଛି ।

୪-୧: କଳିଙ୍ଗନଗର ଆମ୍ବଗାଡିଆରେ ମୃତ ଆଦିବାସୀଙ୍କ ସମୁହ ଶବ ସତ୍କାରରେ ସମଗ୍ର ରାଜ୍ୟ ଶୋକାଭିଭୂତ ।

୬-୧: ଆଦିବାସୀ ଗଣ ସଂହାର ପ୍ରତିବାଦରେ ଓଡିଶା ବନ୍ଦର ଡାକରା । ସଂପୂର୍ଣ୍ଣ ରାଜ୍ୟରେ କର୍ମ ସଂସ୍ଥାନ ସବୁ ବନ୍ଦ

୬-୧: ରୋହିତ ପୂଜାରୀ ଯୁବ କଂଗ୍ରେସର ସଭାପତି ମନୋନୀତ

୧୨-୧: ଆଶୀର୍ବାଦ ଗେଷ୍ଟ ହାଉସ୍ ଯୌନ କେଲେଙ୍କାରୀ ମାମଲାରେ ମମତାଙ୍କ ଆତ୍ମସମର୍ପଣ

୧୫-୧: ବାଲ୍ୟ ବିବାହକୁ ବିରୋଧକରି ଓଡିଆ ଝିଅ ମିନତୀ ସାହସିକତା ପୁରସ୍କାର ପାଇବାକୁ ମନୋନୀତ। କଥାକାର ମନୋଜ ଦାସ 'ରଜ ଓ ଜୟନ୍ତୀ ସାରଳା ସମ୍ମାନ' ପାଇବାକୁ ମନୋନୀତ

୨୫-୧: ରମାକାନ୍ତ ରଥଙ୍କୁ ପଦ୍ମବିଭୂଷଣ, ଏଲିନା ସିତାରିଷ୍ଟି ଏବଂ ଡାକ୍ତର ଘନଶ୍ୟାମ ମିଶ୍ରଙ୍କୁ ପଦ୍ମଶ୍ରୀ

୨୯-୧: କେନ୍ଦ୍ର ମନ୍ତ୍ରୀମଣ୍ଡଳର ସଂପ୍ରସାରଣ, ଓଡିଶାରୁ ଚନ୍ଦ୍ର ଶେଖର ସାହୁ

## ଫେବୃଆରୀ

୫-୨: ମହାପାତ୍ର ନୀଳମଣି ସାହୁଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ' ପ୍ରଦାନ

୧୨-୨: ମହାରାଷ୍ଟ୍ରରେ ବାର୍ଡ ଫ୍ଲୁ ଆତଙ୍କ। ଯଦିଓ ଓଡିଶାରେ ଏହାର କୌଣସି ରୋଗୀ ଚିହ୍ନଟ ହୋଇନଥିଲେ ତଥାପି ଓଡିଶାରେ କୁକୁଡା ଚାଷ ଶିଳ୍ପ ଉପରେ ଥିଲା ଏହା ଅଭିଶାପ ପରି। ତିନିମାସ ପର୍ଯ୍ୟନ୍ତ ବଜାରରେ କୁକୁଡା ମାଂସ ମିଳିନଥିଲା। ବାହାର ରାଜ୍ୟରୁ ଓଡିଶାକୁ କୁକୁଡା ମାଂସ ଚାଲାଣ ଉପରେ ରାଜ୍ୟ ସରକାର ଘୋଷଣା କରିଥିଲେ ପ୍ରତିବନ୍ଧକ

୧୩-୨: ବିଧାନ ସଭାରେ ଖୁଚୁରା ନାଟକ

୨୧-୨: ପ୍ରଭାତୀ ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ ପାଇଁ ଘୋଷଣା

୨୮-୨: ଛତ୍ରପୁର ବିଧାୟକ ନାରାୟଣ ରେଡ୍ଡିଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

## ମାର୍ଚ

### ଗଞ୍ଜାମ ମଦମୃତ୍ୟୁ: ୪୬ ମଲେ

ଫେବୃଆରୀ ମାସରୁ ପ୍ରଥମେ ଗଞ୍ଜାମ ଜିଲ୍ଲାରେ ମଦମୃତ୍ୟୁର ବିଭୀଷିକା ଦେଖା ଦେଇଥିଲା। ଏହାର ୩ ମାସ ପୂର୍ବରୁ ଗଞ୍ଜାମର ଚିକିଟି ବ୍ଲକ୍ ପତିଗୋବିନ୍ଦପୁର ଗ୍ରାମରେ ବିଷାକ୍ତମଦ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପୁଣି ମାର୍ଚ ମାସ ୧୭ ତାରିଖରୁ ଗଞ୍ଜାମ ଜିଲ୍ଲାର ହୁମ୍ମା, ରଂଭା ଓ ଉପକଣ୍ଠରେ ଥିବା ଇଚ୍ଛାପୁରରେ ବିଷାକ୍ତ ମଦ ପିଇ ୧୭ ଜଣଙ୍କ ମୃତ୍ୟୁ ଘଟିଲା। ମାର୍ଚ ୧୭ରୁ ଏପ୍ରିଲ ୨୩ ତାରିଖ ମଧ୍ୟରେ ଚାରିଟି ପର୍ଯ୍ୟାୟରେ ୪୬ ଜଣ ବିଷାକ୍ତ ମଦର ପ୍ରଭାବରୁ ମୃତ୍ୟୁବରଣ କଲେ। ଶେଷରେ ନବୀନ ବାଧ୍ୟ ହୋଇ କାଳିନ୍ଦୀଙ୍କୁ ଇସ୍ତଫା ଦେବାକୁ କହିଲେ।

### ଶଙ୍କର ଉପାଖ୍ୟାନ:

ଚନ୍ଦକା ଜଙ୍ଗଲ ଛାଡି ଦନ୍ତାହାତୀ ଶଙ୍କର ପହଞ୍ଚିଥିଲା ପୁରୀ ଜିଲ୍ଲା ଅନ୍ତର୍ଗତ ବୀର ରାମଚନ୍ଦ୍ରପୁର ଗ୍ରାମରେ। ମାର୍ଚ ୧ ତାରିଖରେ ଶଙ୍କର ଆକ୍ରମଣରେ ଦୁଇଜଣ ପ୍ରାଣ ହରାଇଥିଲେ। ଜଙ୍ଗଲ ବିଭାଗ ପହଞ୍ଚି ଶଙ୍କରକୁ ନିଶ୍ଚେତକ ଦେଇ ୧୩ ଦିନ କାଳ ସେଇଠି ଲୁହା ଶିକୁଳିରେ ବାନ୍ଧି ରଖିଲେ। ପରେ ତାକୁ ଚନ୍ଦକା ଜଙ୍ଗଲକୁ ଅଣାଗଲା। କିନ୍ତୁ ଶିକୁଳି କ୍ଷତରେ ମେ ୧୭ ତାରିଖ ଦିନ ଶଙ୍କର ଆଖିବୁଜିଲା। ଅଗଷ୍ଟ ୧୦ ତାରିଖରେ ଶଙ୍କର ଏକ କ୍ୱିଣ୍ଟାଲ୍ ୮୦ କିଲୋଗ୍ରାମ୍ର ୨୬୮ ଖଣ୍ଡ ହାଡ ଶୋଭାପାଇଲା କ୍ଷେତ୍ରୀୟ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟରେ।

### ନକ୍ସଲ୍ ମହାତାଣ୍ଡବ

ମାର୍ଚ ୨୪: ଗଜପତି ଜିଲ୍ଲା ରା ଉଦୟଗିରି ଥାନା, ଟ୍ରେଜେରୀ, ଓଏସ୍ଏପି କ୍ୟାଂପ, ଜେଲ୍, ଟେଲିଫୋନ୍ ଏକ୍ସ୍ଚେଞ୍ଜ ଉପରେ ପ୍ରାୟ ୫୦୦ ନକ୍ସଲ ଚଡାଉ କରି ସମଗ୍ର ସହରକୁ ନିଜ ଅକ୍ତିଆରକୁ ନେଇଗଲେ। ଦେଡଘଣ୍ଟା ସଂଘର୍ଷପରେ ପୁଲିସ ଫୋର୍ସ ଆତ୍ମସମର୍ପଣ କଲେ। ତିନି ନକ୍ସଲ ଓ ତିନି ପୁଲିସ ନିହତ ହେଲେ। ପୁଲିସ ଶିବିରରୁ ଏ କେ ୪୭ ରାଇଫଲ୍ ଇତ୍ୟାଦି ଲୁଟିନେଲେ। ଏତଦ୍ ବ୍ୟତୀତ ୪୦ ଜଣ କଏଦୀଙ୍କୁ ଛଡେଇ ନେଇଗଲେ। ଥାନା ଅଧିକାରୀ, ଓ ଜେଲ୍ ଅଧୀକ୍ଷକଙ୍କୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ମୁଣ୍ଡ ଜାମିନ ରଖିଲେ।

୪-୩: କାନାଗୁଡାରେ ନକ୍ସଲ-ପୁଲିସ ଗୁଳିବିନିମୟରେ ୭ ମୃତ

୧୧-୩: ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ପରଲୋକ

୧୬-୩: ଓଡିଆ ଝିଅ କଳ୍ପନାଙ୍କ ଏଭେରେଷ୍ଟ ଆରୋହଣ ଆରମ୍ଭ

୧୮-୩: ଗଞ୍ଜାମ ଜିଲ୍ଲାରେ ବିଷାକ୍ତ ମଦ ମୃତ୍ୟୁ ବିଭୀଷିକା

୨୩-୩: ମନ୍ତ୍ରୀପଦରୁ ରବି ନନ୍ଦଙ୍କ ଇସ୍ତଫା

୨୬-୩: ପଶୁବଳି ଦେଇ ମନ୍ତ୍ରୀ ମନମୋହନ ସାମଲ ବିବାଦରେ

## ଏପ୍ରିଲ୍

୪-୪: ମାଓବାଦୀଙ୍କ ଦ୍ୱାରା ଅପହୃତ ଦୁଇ ସରକାରୀ କର୍ମଚାରୀ ମୁକ୍ତ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର
# ଆହ୍ୱାନ

୫-୪: ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କ ବିୟୋଗ

୧୧-୪: ବିଧାୟକ ଅରୂଣ ସାହୁଙ୍କ ଘରେ ହତ୍ୟା

୧୭-୪: ଗଞ୍ଜାମରେ ଦ୍ୱିତୀୟ ମଦମୃତ୍ୟୁ ବିଭୀଷିକା

୨୧-୪: ବଳାତ୍କାର ମାମଲାରେ ନେତ୍ରମୋହନଙ୍କୁ ପାଞ୍ଚ ବର୍ଷ ଜେଲ୍

୨୫-୪: ଅବକାରୀ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଇସ୍ତଫା

୨୯-୪: ମନ୍ତ୍ରୀ ପଦରୁ ପ୍ରଦୀପ୍ତ ନାୟକଙ୍କ ଇସ୍ତଫା

୩୦-୪: ମନ୍ତ୍ରୀ ସମୀର ଦେ ମିଥ୍ୟାପାଠ ତାଲିକାରେ

## ମେ

୨-୫: ଲିମ୍କା ବୁକ୍ ଅଫ୍ ରେକର୍ଡରେ ବୁଦ୍ଧିଆ ସିଂହ। ମିଥ୍ୟାପାଠ ଜାଲରେ ମନ୍ତ୍ରୀ ବଳଭଦ୍ର ମାଝୀ

୮-୫: ବିଧାୟକ ଦେବୀ ମିଶ୍ର ମିଥ୍ୟାପାଠ ତାଲିକାରେ

୧୦-୫: ମିଥ୍ୟାପାଠ ତାଲିକାରେ ଲୁଲୁ ମହାପାତ୍ର

୧୬-୫: ମନ୍ତ୍ରୀମଣ୍ଡଳରୁ ଦାମ, ବିଜୟଶ୍ରୀ, ବଳଭଦ୍ର, ନଗେନ୍ଦ୍ର ବାଦ୍

୧୭-୫: ରଘୁନାଥ ମହାନ୍ତି, ବିଷ୍ଣୁଦାସ, ଚୈତନ୍ୟ ମାଝୀ, ଦୁର୍ଯ୍ୟୋଧନ ମାଝୀ, ସଂଜୀବ ସାହୁ ଓ ଦେବୀ ମିଶ୍ର ମନ୍ତ୍ରୀ ହେଲେ

୨୦-୫: ବିଧାୟକ ଗଜାଧର ମାଝୀଙ୍କ ବିୟୋଗ। 'ଅମୃତ ଅନୁଭବ' ପାଇଁ ଅନ୍ନପୂର୍ଣ୍ଣା ମହାରଣାଙ୍କୁ ସାରଳା ପୁରସ୍କାର

୨୧-୫: ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପାଣ୍ଡବ ନାୟକଙ୍କ ବିରୋଧରେ ଚାର୍ଜସିଟ୍

୨୪-୫: ନୂଆ ଅବକାରୀ ଆଇନ୍ କ୍ୟାବିନେଟ୍‌ରେ ଅନୁମୋଦିତ। ପୂର୍ବତନ ବିଧାୟକ ଚକ୍ରଧର ଶତପଥୀଙ୍କ ପରଲୋକ

## ଜୁନ୍

### ନକ୍ସଲ୍ ସଂଗଠନ ବେଆଇନ୍ ଘୋଷିତ

୯-୬: ସିପିଆଇ (ମାଓବାଦୀ)ଅ ସମେତ ଏହାର ୭ଟି ଛାମୁଆ ନକ୍ସଲ ସଂଗଠନ 'ଦମନ ପ୍ରତିରୋଧ ମଞ୍ଚ', 'ରିଭୋଲ୍ୟୁସନାରୀ ଡେମୋକ୍ରାଟିକ୍ ଫ୍ରଣ୍ଟ', 'ଚାଷୀ ମୂଲିଆ ସମିତି', ' କୁଇ ଲବଙ୍ଗ ସଂଘ', 'ଜନନାଟ୍ୟ ମଣ୍ଡଳୀ', 'କ୍ରାନ୍ତିକାରୀ କିଷାନ ସମିତି' ଓ 'ବାଳ ସଂଘମ୍'କୁ ରାଜ୍ୟ ସରକାର ବେଆଇନ ଘୋଷିତ କଲେ। ନକ୍ସଲ କ୍ୟାଡରଙ୍କୁ ମୁଖ୍ୟଧାରାକୁ ଫେରାଇ ଆଣିବାପାଇଁ ଆତ୍ମସମର୍ପଣ ନୀତିକୁ କ୍ୟାବିନେଟ୍ ମଞ୍ଜୁରୀ ଦେଲେ

୩-୬: ମୋଟୁ ଥାନା ଅଧିକାରୀଙ୍କୁ ନକ୍ସଲ ମାନେ ହତ୍ୟା କଲେ

୧୨-୬: ଓଜିପି ବିଧାୟକ ଅରୂଣ ଦେଙ୍କ ବିରୋଧରେ ମାମଲା

୨୫-୬: ଭାଲୁ କାମୁଡାରେ ନୁଆପଡା ଜିଲ୍ଲାପାଳ ଗୁରୁତର

୨୮-୬: ଆନ୍ଧ୍ର ଭୋଟ୍‌କୁ କୁଟିଆ ଗ୍ରାମବାସୀଙ୍କ ପ୍ରତ୍ୟାଖ୍ୟାନ

## ଜୁଲାଇ

୩-୭: ଲଘୁଚାପର ତାଣ୍ଡବ, ଉପକୂଳ ଓଡିଶା ଧ୍ୱସ୍ତ, ୧୪ ଜଣଙ୍କ ପ୍ରାଣହାନୀ

୬-୭: ଧର୍ଷଣ ମାମଲାରେ ଆଇଏଏସ୍ ପ୍ରଶାନ୍ତ ନାୟକ ଅଭିଯୁକ୍ତ ତାଲିକାରେ

୧୩-୭: ରିତା ମିଶ୍ର ଆତ୍ମହତ୍ୟା ମାମଲାରେ ତିନି ଅଧ୍ୟାପକ ଗିରଫ

୧୯-୭: ବିଶ୍ୱସ୍ତରୀୟ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ବୁଝାମଣା ପତ୍ର

୨୧-୭: ରିଲାଏନ୍ସ ମୁଖ୍ୟ ଅନିଲ୍ ଅମ୍ବାନୀ ଓଡିଶାରେ। ପୁରୀରେ ୭୦ ଫୁଟର ସମୁଦ୍ର ଜୁଆର ଭିତରକୁ ମାଡି ଆସିଲା

୨୬-୭: ଆଇଏଏସ୍ ପ୍ରଶାନ୍ତ ନାୟକ ନିଲମ୍ବିତ। ନିରଞ୍ଜନ ପଣ୍ଡା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ

## ଅଗଷ୍ଟ

### ବନ୍ୟା ପରେ ବନ୍ୟା

ଜୁଲାଇ ଶେଷ ସପ୍ତାହଠାରୁ ସେପ୍‌ଟେମ୍ବର ମଧ୍ୟରେ ମୋଟ ୧୨ଟି ଲଘୁଚାପରେ ଓଡିଶା ଧୋଇ ହୋଇଗଲା। ଗୋଟିଏ ପରେ ଗୋଟିଏ ୫ଟି ପର୍ଯ୍ୟାୟ ବନ୍ୟାରେ ରାଜ୍ୟର ୨୭ଟି ଜିଲ୍ଲା ପ୍ରଭାବିତ ହୋଇଥିଲା। ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ୪ ଥର ବନ୍ୟା ଆସିଲା। ପୁରୀ ଓ ଯାଜପୁର ତିନିଥର ଭାସିଲା। ମହାନଦୀ ଓ ଏହାର ପ୍ରମୂଖ ଶାଖା ଓ ଉପନଦୀ ଥରକୁ ଥର ବଢିଲା। ୧୦୫ଜଣଙ୍କ ମୃତ୍ୟୁ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଘଟିଲା । ସରକାରୀ ହିସାବରେ ୨୩୮୨ କୋଟି ଟଙ୍କାର କ୍ଷତି ହେଲା । କିନ୍ତୁ କେନ୍ଦ୍ରସରକାରଙ୍କ ଠାରୁ ଏ ବାବଦରେ ଗୋଟିଏ ଟଙ୍କା ସାହାଯ୍ୟ ମିଳିନାହିଁ

୪-୮: ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପରଲୋକ

୧୭-୮: ୬୦୦ କୋଟିର 'ଗୋପବନ୍ଧୁ' ଯୋଜନା ଶୁଭାରମ୍ଭ

୧୮-୮: ବିଜୁ କେବିକେ ଯୋଜନାର ଶୁଭାରମ୍ଭ

୨୦-୮: ଦେବାଦେବୀ ପ୍ରତିମା କ୍ଷୀର ପିଇବା ଗୁଜବ

୨୩-୮: ଚିକେନ ଗୁନିୟା ଆତଙ୍କ

୨୮-୮: ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ

୩୦-୮: ଅମରାନନ୍ଦ ପଟ୍ଟନାୟକ ନୂଆ ଡିଜି

### ମହା ଦୁର୍ନୀତି

ଅଗଷ୍ଟ ୧୬: ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଉନ୍ନୟନ ନିଗମ(ଓଆରଏଚ୍ଡିସି)ରେ ପ୍ରାୟ ୮୦୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଧରାପଡିଲା । ଏହାର ମୁଖ୍ୟ ଅଭିଯୁକ୍ତ ଆଇଏଏସ୍ ବିନୋଦକୁମାରଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ଜେଲ୍ ପଠାଇଥିଲେ । ପରେ ନିଗମର ଏକାଉଣ୍ଟ୍ ଅଫିସର ପ୍ରଦୀପ ରାଉତ, ଏନ୍ଏମ୍ଆର୍ ଏକାଉଣ୍ଟାଣ୍ଟ ଚିତ୍ତ ମଲ୍ଲିକ ଓ ବିଭିନ୍ନ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା ।

## ସେପ୍ଟେମ୍ବର

୧-୯: ଦ୍ରୁତତମ ସମୃଦ୍ଧ ରାଜ୍ୟଭାବେ ଓଡିଶାକୁ 'ଇଣ୍ଡିଆଟୁଡେ' ପୁରସ୍କାର

୧୧-୯: ଓଡିଆ ଝିଅ ଜ୍ୟୋତି ସୁନିତା କୁଲୁ ରାଷ୍ଟ୍ରୀୟ ମହିଳା ହକି ଦଳର ଅଧିନାୟିକା ନିଯୁକ୍ତ

୧୩-୯: ସାତକୋଶିଆ ଜଙ୍ଗଲ ବ୍ୟାଘ୍ର ଅଭୟାରଣ୍ୟ ଘୋଷିତ

୧୫-୯: କନେଷ୍ଟବଳଙ୍କ ବୈଦେଶ୍ୱର ଘରେ ଟ୍ରିପଲ୍ ମର୍ଡର୍ । ଓସ୍କାର ଜୁରୀ କମିଟିରେ ସବ୍ୟସାଚୀ ମହାପାତ୍ର

୨୬-୯: ପୂର୍ବତନ ବିଧାୟକ ଅନନ୍ତମାଝୀଙ୍କ ପରଲୋକ

୨୮-୯: ତ୍ରୁଟି ଯୋଗୁଁ ଦୁଇଜଣଙ୍କ ଆଖି କଟାଗଲା ଏବଂ ୧୧ ଜଣଙ୍କ ଦୃଷ୍ଟିଶକ୍ତି ବିପନ୍ନ

### ପୂର୍ବତନ ଡିଜି ନିମାଇଁ ପାଢୀଙ୍କ ବିରୋଧରେ ଚାର୍ଜସିଟ୍

ସେପ୍ଟେମ୍ବର-୧୬: ୨୦୦୨ରେ ରାଜ୍ୟରେ କନେଷ୍ଟବଳ ନିଯୁକ୍ତିରେ ଦୁର୍ନୀତି ହୋଇଥିବା କଥା ୨୦୦୩ରେ ଧରା ପଡିନଥିଲା । ଏ ନେଇ ଭିଜିଲାନ୍ସ ତରଫରୁ ୪ ଜଣ ଅଫିସର, ୫୭ଜଣ କନେଷ୍ଟବଳ, ପୂର୍ବତନ ରାଜ୍ୟ କବାଡି ସଂଘ ସଂପାଦକ ଓ ହାବିଲ୍ଦାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । ଗତ ସେପ୍ଟେମ୍ବର ୧୬ରେ ଏଥିରୁ ଦୁଇଟି ମାମଲାରେ ୪ଜଣ ଅଫିସର ଓ ୫୭ଜଣ କନେଷ୍ଟବଳଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜସିଟ୍ ଦାଖଲ କରିଥିଲା । ଏହି ଅଫିସରଙ୍କ ମଧ୍ୟରେ ଥିଲେ ପୂର୍ବତନ ପୁଲିସ ଡିଜି ନିମାଇଁ ପାଢୀ । ଏହି ଦୁର୍ନୀତିରେ ଏବେ ବି ଆଉ ତିନୋଟି ମାମଲାର ତଦନ୍ତ ଅବ୍ୟାହତ ରହିଛି ।

### ଇତିହାସ: ୪ଦିନରେ ବିଚାର ଶେଷ

ସେପ୍ଟେମ୍ବର-୨୩: ୭ବର୍ଷର ନାବାଳିକା ଧର୍ଷଣ ମାମଲାର ବିଚାର ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ଅଦାଲତରେ ମାତ୍ର ଚାରି ଦିନରେ ଶେଷ ହୋଇ ରାୟ ପ୍ରକାଶ ପାଇଥିଲା । ଲଗାତାର ୩ ଦିନ ଶୁଣାଣି ସମୟରେ ଧର୍ଷିତା ବାଳିକା, ତା'ର ପିତାମାତା, ଉଭୟ ଧର୍ଷିତା ଓ ଅଭିଯୁକ୍ତଙ୍କୁ ପରୀକ୍ଷା କରିଥିବା ଦୁଇଜଣ ଡାକ୍ତର, ତଦନ୍ତ ଅଧିକାରୀ ସମେତ ମୋଟ ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ, ସାକ୍ଷୀଙ୍କୁ ଜେରା ସରିଥିଲା ।

## ଅକ୍ଟୋବର

### ପୁଲିସ ଗୁଳିରେ ଡିଆଇଜିଙ୍କ ମୃତ୍ୟୁ

ଅକ୍ଟୋବର-୨୩: ନିଜ ସୁରକ୍ଷାକର୍ମୀଙ୍କ ପିସ୍ତଲ ଗୁଳିରେ ସୁନାବେଡା ଡିଆଇଜି ଯଶବିନ୍ଦର ସିଂହଙ୍କ ମୃତ୍ୟୁ ଘଟିଥିଲା । ଡିଆଇଜିଙ୍କ ସୁରକ୍ଷାକର୍ମୀ ମିଟୁ ଓରଫ୍ ଶେଷାନନ୍ଦ ଷଡଙ୍ଗୀଙ୍କ ୯-ଏମ୍ ଏମ୍ ପିସ୍ତଲ ଦୁର୍ଘଟଣାବଶତ: ଫୁଟି (ଫାୟାର) ଯାଇଥିଲା । ପିସ୍ତଲ ଗୁଳି ସିଧା ଡିଆଇଜିଙ୍କ କାନମୁଣ୍ଡାରେ ବାଜିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ

## ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ହୋଇଥିଲା । ପ୍ରଥମେ ଏହି ଘଟଣା ନକ୍ସଲଙ୍କ ଦ୍ୱାରା ହୋଇଥିବା ସନ୍ଦେହ ହୋଇଥିଲେ ହେଁ ପରେ ସତ୍ୟାସତ୍ୟ ଜଣା ପଡିଥିଲା ।

୩-୧୦: ବୋରା ଗ୍ରାମପୁଞ୍ଜ ମାମଲାରୁ ସରକାର ଓହରି ଆସିବେ ବୋଲି ନିଷ୍ପତ୍ତି

୭-୧୦: ପଶୁବଳି ମାମଲାରେ ମନ୍ତ୍ରୀ କନକବର୍ଦ୍ଧନଙ୍କ ବିରୋଧରେ ଏତଲା

୮-୧୦: ଗଜପତିରେ ଏରିଆ କମାଣ୍ଡର୍ ସମେତ ୧୨ ନକ୍ସଲ୍ ଗିରଫ

୧୧-୧୦: ଓଟିଏମ୍ ପୁନୋରୁଦ୍ଧାର ଚୁକ୍ତି ସ୍ୱାକ୍ଷରିତ

୧୫-୧୦: ମାଓବାଦୀ ମାନେ ସୁନ୍ଦରଗଡ ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ୩ଟି ରେଳ ଇଞ୍ଜିନ୍‌ରେ ନିଆଁ ଲଗାଇଦେଲେ

୧୭-୧୦: ବିଶିଷ୍ଟ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ନିଧନ

### ନଭେମ୍ବର

#### ବଡଓଷା ଦଳାଚକଟା

ନଭେମ୍ବର-୪: ଶ୍ରୀ ମନ୍ଦିରରେ ଶ୍ରୀ ଜିଉଙ୍କ ମଙ୍ଗଳ ଆରତୀ ପରେ ପରେ ଦଳାଚକଟାରେ ୪ଜଣ କାର୍ତ୍ତିକ ବ୍ରତଧାରୀ ପ୍ରାଣ ହରାଇଲେ। ସକାଳ ୬ଟା ୪୦ ମିନିଟ୍‌ରୁ ୧୦ ମିନିଟ୍ ଧରି ବଡ ଦେଉଳ ମଙ୍ଗଳା ମାଁ ସମ୍ମୁଖ ତିନି ପାହାଚ ଦ୍ୱାରଠାରେ ଏହି ଦୁର୍ଘଟଣା ଘଟିଥିଲା। ସେହି ଦିନ ହିଁ ମୁଖ୍ୟମନ୍ତ୍ରୀ ଏହି ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଜଣା ପଡିଲା ଯେ ୧୯୯୩ ମସିହା ଶ୍ରୀ ମନ୍ଦିର ଦଳାଚକଟା ଘଟଣାର ତଦନ୍ତ କମିସନ୍ ରିପୋର୍ଟ ସରକାର ହଜାଇ ଦେଇଛନ୍ତି ।

୨-୧୧: ପୂର୍ବତନ ମନ୍ତ୍ରୀ ସନ୍ତୋଷ ସାହୁଙ୍କ ପରଲୋକ । ତଳସରା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମାଝୀ ବିଜୟୀ

୪-୧୧: ପୁରୀ ଶ୍ରୀ ମନ୍ଦିରରେ ଦଳାଚକଟା ହୋଇ ୪ ମୃତ

୮-୧୧: ସୁରେଶ ପୂଜାରୀ ବିଜେପି ରାଜ୍ୟ ସଭାପତି ହେଲେ

୧୨-୧୧: ବଲାଙ୍ଗୀର ଜିଲ୍ଲା କଟାପାଲିରେ କପାଚାଷୀ ଗଙ୍ଗାରାମ ନାଗଙ୍କ ଆତ୍ମହତ୍ୟା। ଓଡିଶାର ସ୍ୱୟଂପ୍ରଭା ମିଶ୍ରଙ୍କୁ ଚଳିତ ବର୍ଷର ସମ୍ମାନଜନକ ଜାତୀୟ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ

୨୪-୧୧: ଓଡିଶା କ୍ରିକେଟ୍‌ର ଦ୍ରୋଣାଚାର୍ଯ୍ୟ ରୂପେ ପରିଚିତ କୋଚ୍ କମଲ୍ ଗାଙ୍ଗୁଲିଙ୍କ ଦେହାନ୍ତ

୨୭-୧୧: ରାୟଗଡା ଜିଲ୍ଲାର ସୂରୀ ଗ୍ରାମର କପାଚାଷୀ ଆଲୁ ଶେଷାଦ୍ରୀର ଆତ୍ମହତ୍ୟା

୨୮-୧୧: ଷ୍ଟିଙ୍ଗ୍ ଅପରେସନ୍ ଜାଲରେ ବିଜେପି ବିଧାୟକ ବାଇଧର ମଲ୍ଲିକ

୩୦-୧୧: ଅଜିତ୍ ତ୍ରିପାଠୀ ଓଡିଶାର ନୂଆ ଶାସନ ସଚିବ

### ଡିସେମ୍ବର

୧୨-୧୨: ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ଅନିମା ପେଦିନୀଙ୍କ ଦେହାନ୍ତ । ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଶ୍ରୀ ଶ୍ରୀ ରବିଶଙ୍କର ଓ ରାଜ୍ୟ ସରକାର ବୁଝାମଣା

୧୪-୧୨: କେରଡାଗଡ ମନ୍ଦିରରେ ଅସବର୍ଣ୍ଣଙ୍କ ପ୍ରବେଶ

୧୫-୧୨: ଓଡିଶାର ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟ ପ୍ରକାଶ

୨୧-୧୨: ମିତ୍ତଲ କଂପାନୀ ସହିତ ସରକାରଙ୍କ ବୁଝାମଣା ସ୍ୱାକ୍ଷରିତ

୨୨-୧୨: ଯୋଜନା ବୋର୍ଡ ପୁନର୍ଗଠିତ। ତିନିଟି ଇସ୍ପାତ କଂପାନୀ ସହିତ ଏମ୍ଓୟୁ

୨୭-୧୨: ପଞ୍ଚାୟତ ନିର୍ବାଚନ ଲାଗି ବିଜ୍ଞପ୍ତି

#### ଆଶା: ୪ ଲକ୍ଷ କୋଟି ଟଙ୍କା ପୁଞ୍ଜି ନିବେଶ

ଦାରିଦ୍ର୍ୟତା ତାଲିକାରେ ଓଡିଶାର ସ୍ଥିତି ୨୦୦୬ରେ କିଛି ମାତ୍ରାରେ ବି ସୁଧୁରି ନାହିଁ। ବର୍ଷ ଆରମ୍ଭରେ ଯେଉଁଠି ଥିଲା ଏବେ ବି ସେଇଠି । କିନ୍ତୁ ଅର୍ଥନୀତି କ୍ଷେତ୍ରରେ ଦେଶରେ ଓଡିଶା ହିଁ ଏ ବର୍ଷ ସବୁଠାରୁ ଅଧିକା ଚହଳ ସୃଷ୍ଟି କରିଛି । ବିଶ୍ୱର ସର୍ବବୃହତ୍ ଇସ୍ପାତ ଉଦ୍ୟୋଗ ଆର୍ସେଲର୍- ମିତ୍ତଲ୍‌ଠାରୁ ଆରମ୍ଭ କରି ଅଷ୍ଟ୍ରେଲୀୟ କଂପାନୀ ବିଏଚ୍‌ପି ବିଲିଟନ୍, ଅନିଲ୍ ଧୀରୁଭାଇ ଅମ୍ବାନି, ବେଦାନ୍ତ, ଟାଟା, ଆଦିତ୍ୟ ବିର୍ଲା, ଜିନ୍ଦଲ୍, ଏଲ୍ ଆଣ୍ଡ ଟି ଆଦି ବଡ ବଡ ଶିଳ୍ପଗୋଷ୍ଠୀ ଓଡିଶାରେ ପୁଞ୍ଜି ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମୋଟ ୪ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ମିଳିଛି । କେବଳ ଇସ୍ପାତ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

କ୍ଷେତ୍ରରେ ୨ ଲକ୍ଷ କୋଟି ଟଙ୍କା ନିବେଶ ହେବ। ଶକ୍ତି କ୍ଷେତ୍ରରେ ୧ ଲକ୍ଷ ୧୨ ହଜାର କୋଟି ଟଙ୍କା ଓ ଆଲୁମିନିୟମ କ୍ଷେତ୍ରରେ ୬୮ ହଜାର କୋଟି ଟଙ୍କା ଘରୋଇ ପୁଞ୍ଜି ନିବେଶ ହେବା ଆଶା ଦେଖା ଦେଇଛି।

ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରରେ ଏ ବର୍ଷର ସବୁଠାରୁ ବଡ ଘଟଣା ହେଉଛି ଲକ୍ଷ୍ମୀ ମିତ୍ତଲ ଶିଳ୍ପଗୋଷ୍ଠୀ ସହ ରାଜିନାମା। ୧୨ମିଲିୟନ୍ ଟନ୍ ଇସ୍ପାତ ଓ ୨୫୦୦ଅ ମେଗାୱାଟ୍ ବିଦ୍ୟୁତ ପ୍ରକଳ୍ପ ଗଢିବା ପାଇଁ ମିତ୍ତଲ ୪୦ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରିବ। ଶକ୍ତି କ୍ଷେତ୍ରରେ ୧୩ଟି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି ଚଳିତବର୍ଷ। ମୋଟ ୧୪ ହଜାର ମେଗାୱାଟ୍ ତାପଜ ବିଦ୍ୟୁତ ଉତ୍ପାଦନ ଲାଗି ୫୯ ହଜାର ୪୦୦ କୋଟି ଟଙ୍କା ପୁଞ୍ଜି ନିବେଶ ହେବ। ଏହା ବ୍ୟତୀତ ଅନୀଲ ଅମ୍ବାନି ଶିଳ୍ପଗୋଷ୍ଠୀ ବିଶ୍ୱର ସର୍ବବୃହତ୍ ତାପଜ ବିଦ୍ୟୁତ କେନ୍ଦ୍ର(୧୨ ହଜାର ମେଗାୱାଟ୍), ହେଲ୍‌ଥ ସିଟି ଓ ସୂଚନା ପ୍ରଯୁକ୍ତି (ଆଇଟି) କେନ୍ଦ୍ର ଖୋଲିବା ଲାଗି ରାଜ୍ୟରେ ମୋଟ ୬୦ ହଜାର କୋଟି ଟଙ୍କା ବିନିଯୋଗ କରିବା ଲାଗି ଆଶା ଦେଖାଦେଇଛି।

ଭୁବନେଶ୍ୱରକୁ ଦେଶର ତୃତୀୟ (ବାଙ୍ଗାଲୋର ଓ ହାଇଦ୍ରାବାଦ୍ ପରେ) ଆଇଟି ସହରରେ ପରିଣତ କରିବାକୁ ମଧ୍ୟ ଏ ବର୍ଷ ଉଦ୍ୟମ ଆରମ୍ଭ ହୋଇଯାଇଛି। ଦେଶର ବଡ ବଡ ଆଇଟି ଉଦ୍ୟୋଗ ଭାବେ ଜଣାଶୁଣା ଟିସିଏସ୍, ୱିପ୍ରୋ, ମାଇଣ୍ଡ୍ ଟ୍ରି, ଓ ହେକ୍ସାୱେର୍ ସହିତ ରାଜ୍ୟ ସରକାର ଆଇଟି ଶିଳ୍ପ ପ୍ରତିଷ୍ଠା ଲାଗି ଏମ୍‌ଓୟୁ ସ୍ୱାକ୍ଷରିତ କରିଛନ୍ତି। ଭୁବନେଶ୍ୱରରେ ୮୨ ଏକର ଜମିରେ ତିଆରି ହେବ ଆଇଟି ଏସ୍‌ଇଜେଡ୍ (ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର)। ଗୋପାଳପୁର ବନ୍ଦରକୁ ସବୁଦିନିଆ ବନ୍ଦରରେ ପରିଣତ କରିବାକୁ ମଧ୍ୟ ଓଡିଶା ଷ୍ଟିଭେଡର୍ସ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

ଏହା ବ୍ୟତୀତ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ବିଶ୍ୱର ସର୍ବବୃହତ୍ ବହୁମୁଖୀ ବିଶ୍ୱବିଦ୍ୟାଳୟ ଲାଗି ବେଦାନ୍ତ ରିସୋର୍ସସ୍, ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଭୁବନେଶ୍ୱରରେ ଆଇଆଇଟି, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ମଧ୍ୟ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଜେନ୍‌ପାକ୍ଟ ପ୍ରତିଷ୍ଠା କରିବ ନଲେଜ୍ ପାର୍କ ବିପିଓ।

ଘଟଣା ଅଘଟଣର ବଡି ଭିତରେ ଶିଶୁ ପ୍ରତିଭାମାନେ ହିଁ ଏ ବର୍ଷ ରାଜ୍ୟବାସୀଙ୍କ ମୁହଁରେ ହସ ଖେଳାଇ ପାରିଛନ୍ତି। ଏମାନଙ୍କ ଉଦ୍ୟମ ଯୋଗୁଁ ହିଁ ଆମକୁ ଗର୍ବର ସହ 'ମୁଁ ଓଡିଆ' ବୋଲି କହିବାର ସୁଯୋଗ ମିଳିଛି। କିଏ ତାର ଛୋଟ ଛୋଟ ପାଦରେ ୬୫ କ୍ଲୋମିଟର ମାରାଥନ୍ ଦୌଡି ବିଶ୍ୱ ସମୁହକୁ ଚକିତ କରି ପାରିଛି ତ କିଏ ୧୨ ବର୍ଷ ବୟସରୁ ଚେସ୍ ବୋର୍ଡର ଜଟିଳତାକୁ ସହଜରେ ହଜମ କରି ରାଜ୍ୟ ଓ ଦେଶ ପାଇଁ ପଦକ ପରେ ପଦକ ଜିଣିଛି। ଆଉ କିଏ ଆଠ ବର୍ଷ ବୟସରୁ ମାଟ୍ରିକ୍ ପରୀକ୍ଷା ଦେବାକୁ ପୁରା ସରକାର ସହ ଲଢିବାକୁ ପ୍ରସ୍ତୁତ ହୋଇଛି।

ଜାନୁଆରୀ-୧୨: ପଦ୍ମିନୀ ରାଉତ ଜାତୀୟ ୧୩ବର୍ଷରୁ କମ୍ ଚେସ୍ ଚାଂପିୟନ୍ ଏବଂ ମସ୍କୋ ବିଶ୍ୱ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ

ଜାନୁଆରୀ-୨୨: ପାରଶନାଥ୍ ଚେସ୍ ଟୁର୍ଣ୍ଣାମେଣ୍ଟ୍ ଓଡିଶାର ସ୍ୱୟଂଶୁ ସ୍ଥିତପ୍ରଜ୍ଞ ଙ୍କୁ ଗ୍ରାଣ୍ଡ ମାଷ୍ଟର ଏବଂ ପଦ୍ମିନୀ ରାଉତଙ୍କୁ ମହିଳା ଆନ୍ତର୍ଜାତିକ ମାଷ୍ଟର ନର୍ମ

ଏପ୍ରିଲ-୧୩: ପ୍ରଥମ ଓଡିଆ ମହିଳା ଭାବେ ପଦ୍ମିନୀ ରାଉତଙ୍କୁ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଚେସ୍‌ରେ ଫିଡେ ମାଷ୍ଟର ଟାଇଟଲ୍

ମେ-୨: ଲିମ୍କା ବୁକ୍ ଅଫ୍ ରେକର୍ଡରେ ବୁଢିଆ ସିଂହ । ପୁରୀରୁ ଭୁବନେଶ୍ୱର ୬୫ କିମି ଦୌଡିଲା

ଜୁନ-୩୦: ଇରାନ୍‌ର ତେହେରାନ୍‌ଠାରେ ଅନୁଷ୍ଠିତ ଏସୀୟ ଯୁବ ଚେସ୍ ପ୍ରତିଯୋଗିତାର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ପଦ୍ମିନୀ ରାଉତଙ୍କୁ ସ୍ୱର୍ଣ୍ଣ । ୧୦ ବର୍ଷରୁ କମ୍ ବାଳକ ବିଭାଗରେ ଉତ୍କଳ ରଞ୍ଜନ ସାହୁଙ୍କୁ ରୌପ୍ୟ

ଅଗଷ୍ଟ-୧୯: ବୁଢିଆ ସିଂହକୁ ରାଜୀବ ଗାନ୍ଧି ସଦ୍‌ଭାବନା ପୁରସ୍କାର

ସେପ୍‌ଟେମ୍ବର-୯: ସୁନ୍ଦରଗଡର ଆଦିବାସୀ ଝିଅ ଆନାସ୍ତେସିଆ ବାର୍ଲା ଲଗାତାର ୧୨ ଘଣ୍ଟା ଦୌଡି ରେକର୍ଡ କଲା

ଅକ୍ଟୋବର-୨: ସୁନ୍ଦରଗଡର କୁନି ଧାବିକା ଆନାସ୍ତେସିଆ ବାର୍ଲା ସୁନ୍ଦରଗଡରୁ ରାଉର୍‌କେଲା ୭୧ କିମି ଦୌଡିଲା

ଅକ୍ଟୋବର-୭: ପିପିଲିର ୧୩ ବର୍ଷର ବାଳକ ଦିଲୀପ ପୁରୀରୁ କଟକ ଅଭିମୁଖେ ୭୦ କିମି ଦୌଡିଲା

ନଭେମ୍ବର-୨୯: ମୁମ୍ବାଇଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ରେ ଓଡିଶାର ପଦ୍ମିନୀ ରାଉତଙ୍କୁ ୧୪ବର୍ଷରୁ କମ୍ ବାଳିକା ବିଭାଗରେ ସ୍ୱର୍ଣ୍ଣ

**ଆହ୍ୱାନ ଆପଣଙ୍କ ପତ୍ରିକା, ଏହାର ପ୍ରସାରରେ ସହାୟକ ହୁଅନ୍ତୁ, ନିଜର ସମସ୍ତ ବନ୍ଧୁ ଓ ସହକର୍ମୀଙ୍କୁ ଆହ୍ୱାନ ବିଷୟରେ ଜଣାନ୍ତୁ, କିମ୍ବା ଆମ ୱେବ୍‌ସାଇଟ୍‌ର ଠିକଣା ଦିଅନ୍ତୁ ଏବଂ ଏହାକୁ ଦେଖିବା ପାଇଁ ଅନୁରୋଧ କରନ୍ତୁ । ଆଗାମୀ ସଂସ୍କରଣ ସହିତ ଆମେ ଏକ ନୂଆ ଯୁଗର ଆରମ୍ଭ କରିବୁ, 'ଆହ୍ୱାନ' ଯୁଗ । ଏଠି ସମସ୍ତେ ପାଇବେ ଓଡିଆ ଓ ଓଡିଶାର ମାଟିର ବାସ୍ନା ଏବଂ ଏହା ସହିତ ଆହୁରି ଅନେକ ବିଷୟରେ ମଧ୍ୟ ସୂଚନା ସମ୍ବଳିତ ଲେଖାମାନ । ଆଜି ହିଁ ଆମ ଫୋରମ୍‌ର ସଦସ୍ୟ ହୁଅନ୍ତୁ, ଏବଂ ନିଜ ମତାମତ ଜଣାନ୍ତୁ ।**

ଆଗାମୀ ସଂସ୍କରଣ ସହିତ ଆମେ ଆରମ୍ଭ କରିବୁ ଏକ ନୂତନ ବର୍ଷ; ମାନେ ଆହ୍ୱାନର ବର୍ଷପୂରାଣି ଉତ୍ସବ ସଂସ୍କରଣ । ଏହି ସଂସ୍କରଣରେ ଆମେ ପ୍ରକାଶ କରିବୁ ଅନେକ ବିଖ୍ୟାତ ଲେଖକ ଲେଖିକାଙ୍କ ଦ୍ୱାରା ଲିଖିତ କାଳଜୟୀ ସୃଷ୍ଟି ସହିତ ନୂତନ ଲେଖକ ଲେଖିକାଙ୍କ ଦ୍ୱାରା ସୃଷ୍ଟ କୃତିମାନ । ଯଦି ଆପଣ ନିଜ ଲେଖା ପ୍ରକାଶିତ କରିବାପାଇଁ ଇଚ୍ଛୁକ ଆଜି ହିଁ ଆମ ନିକଟକୁ ନିଜଦ୍ୱାରା ଲିଖିତ କୃତିକୁ ନିଜେ ପ୍ରମାଣିତ କରି ପଠାନ୍ତୁ ।

ଚଳିତ ସଂସ୍କରଣରେ ଉପସ୍ଥାପନା କରାଯାଇଥିବା ବିଭିନ୍ନ କୃତି ସଂପର୍କିତ ଆପଣଙ୍କ ମତାମତ ଆମ ନିକଟକୁ ଲେଖି ପଠାନ୍ତୁ, କିମ୍ବା ଆହ୍ୱାନ ଫୋରମ୍‌ର ସଦସ୍ୟ ହୋଇ ନିଜ ମତାମତ ଦେବା ସହିତ ଆହୁରି ଅନେକ ବିଷୟରେ ଚର୍ଚ୍ଚା କରନ୍ତୁ ।

Visit Aahwaan Forum by clicking below

**http://aahwaan.999.org**

ଆମକୁ ସାହାଯ୍ୟ କରନ୍ତୁ,

ଶୈଶବର ବିକାଶରେ ସହାୟକ ହୁଅନ୍ତୁ ।

**ଆହ୍ୱାନ**

